
# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୧/୨୦୨୦ (୧୨ପୃଷ୍ଠା) | Bhubaneswar, Monday, September 21/2020 | ★★★★★★

୪୬ଶ ଭାଗ ୨୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

### ସ୍ବାର୍ଜମ୍ୟାନ ସେମିଫାଇନାଲରେ
ଡିଏଗୋ ସ୍ବାର୍ଜମ୍ୟାନ ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୦

୦୨

### ଚର୍ଚ୍ଚାରେ ଦିଶା
ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଛନ୍ତି।





କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ଓ ବିଏମ୍‌ସି ପକ୍ଷରୁ କଡ଼ା ଯାଞ୍ଚ ସହ ଜରିମାନା ସତ୍ତ୍ୱେ ରବିବାର ୟୁନିଟ୍-୧ ଅସ୍ଥାୟୀ ପରିବା ହାଟରେ ଲୋକଙ୍କ ଭିଡ଼। (ଫଟୋ-ମୌସମ)

# ରାଜ୍ୟ ସଭାରେ କୃଷି ବିଲ୍ ଗୃହୀତ

- ବିରୋଧୀଙ୍କ ହଇଗୋଳ
- ନିୟମ ପୁସ୍ତିକା ଚିରିଦେଲେ ଟିଏମ୍‌ସି ଏମ୍‌ପି
- ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା
- ଦସ୍ତଖତ ନ କରିବାକୁ ରାଷ୍ଟ୍ରପତିଙ୍କୁ ଗୁହାରି

**ନୂଆଦିଲ୍ଲୀ,୨୦।୯(ପି.ଟି.)**

ବିରୋଧୀ ଦଳଗୁଡ଼ିକର ପ୍ରବଳ ହଇଗୋଳ ସତ୍ତ୍ୱେ ରବିବାର ରାଜ୍ୟ ସଭାରେ ୨ଟି କୃଷି ବିଲ୍ ଗୃହୀତ ହୋଇଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କୃଷି ସମ୍ବନ୍ଧୀୟ ୩ ବିଲ୍ ଗୃହରେ ଆଗତ କରିଥିଲେ। ତେବେ ଏହାକୁ ବିଜୁ ଜନତା ଦଳ(ବିଜେଡି), ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସମେତ ବହୁ ଦଳ ବିରୋଧ କରିଥିଲେ। ଏପରି କି ଟିଏମ୍‌ସି ଏମ୍‌ପି ଡେରିକ୍ ଓବ୍ରାଏନ୍ ଗୃହର ମଧ୍ୟ ଭାଗକୁ ଆସି ଉପାଧ୍ୟକ୍ଷଙ୍କ ଟେବୁଲ ଉପରେ ଥିବା ନିୟମ ପୁସ୍ତିକାକୁ ଚିରିଦେବା ସହ ମାଇକ୍‌କୁ ଫୋପାଡ଼ିବାକୁ ଚେଷ୍ଟା କରିଥିଲେ। ଗୃହରେ ଆଲୋଚନା ଚାଲିଥିବା ବେଳେ ବିରୋଧୀ ସଦସ୍ୟମାନେ ଏହା ଉପରେ ନିଜର ଟିପ୍ପଣୀ ରଖି ଏହି ବିଲ୍ ଚାଷୀ ବିରୋଧୀ ବୋଲି କହିଥିଲେ। ଏପରିକି ଅନେକ ସଦସ୍ୟ ଏହି ବିଲ୍‌କୁ ନେଇ ହଙ୍ଗାମା କରିଥିଲେ। ବିରୋଧ ସତ୍ତ୍ୱେ ବାଚନିକ ଭୋଟରେ କୃଷି ବିଲ୍ (କୃଷି ଉତ୍ପାଦନର ବେପାର ଓ ବାଣିଜ୍ୟ, ପ୍ରୋତ୍ସାହନ ଏବଂ ସରଳୀକରଣ) ବିଧେୟକ-୨୦୨୦ ଏବଂ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ରାଜିନାମା ଓ କୃଷି ସେବା ବିଧେୟକ-୨୦୨୦ ଗୃହୀତ ହୋଇଥିଲା। ପୂର୍ବରୁ ଶୁକ୍ରବାର ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଏହି ବିଲ୍ ଉଭୟ ଗୃହରେ ପାରିତ ହୋଇ ସାରିଥିବାରୁ ଏହାକୁ ଅନୁମୋଦନ ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ।

ରବିବାର ରାଜ୍ୟ ସଭା ମୌସୁମୀ ଅଧିବେଶନର ସପ୍ତମ ଦିନରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗୃହରେ କୃଷି ବିଲ୍‌କୁ ଉପସ୍ଥାପନ କରିଥିଲେ। ବିଲ୍‌କୁ ଉପସ୍ଥାପନ କରି ତୋମାର କହିଥିଲେ, ଏହା ଏକ ଐତିହାସିକ ବିଲ୍। କୃଷକମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ସହ ସେମାନଙ୍କ ଆୟ ବୃଦ୍ଧି ଓ ଜୀବନ ଧାରଣ ମାନରେ ଗୁଣାତ୍ମକ ଅଭିବୃଦ୍ଧି ଆଣିବା ଦିଗରେ ଏହା ବିଶେଷ ସହାୟକ ହେବ। ଚାଷୀମାନେ ପୂର୍ବରୁ ଯେଉଁ ସୁବିଧା ପାଇପାରୁ ନ ଥିଲେ, ନୂଆ ନିୟମରେ ସେମାନେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ନିଜ ଅଞ୍ଚଳର ବଜାର ବ୍ୟତୀତ ଯେକୌଣସି ସ୍ଥାନରେ ଚାହିଁଲେ ସେମାନେ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରି ଲାଭବାନ୍ ହୋଇପାରିବେ। ଏହି ବିଲ୍ ସର୍ବନିମ୍ନ ସହଯୋଗୀ ମୂଲ୍ୟ(ଏମ୍‌ଏସ୍‌ପି) ସମ୍ପର୍କିତ ନୁହେଁ। ତେଣୁ ଚାଷୀଙ୍କ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ତୋମାର କହିଥିଲେ। ଗୃହରେ ଆଲୋଚନା ସମୟରେ କଂଗ୍ରେସ ସମେତ ପ୍ରାୟ ସମସ୍ତ ବିରୋଧୀ ଦଳ ପକ୍ଷରୁ ଏହି ବିଲ୍‌କୁ ବିରୋଧ କରାଯାଇଥିଲା। ତୃଣମୂଳ କଂଗ୍ରେସ ଏମ୍‌ପି ଓବ୍ରିଏନ୍ କହିଥିଲେ, ଏହି ବିଲ୍ କୃଷକଙ୍କ ମୃତ୍ୟୁର କାରଣ ପାଲଟିବ। ବିଲ୍‌କୁ ସମର୍ଥନ କରିବା ଅର୍ଥ କୃଷକଙ୍କ ଡେଥ୍ ୱାରେଣ୍ଟରେ ଦସ୍ତଖତ କରିବା ସହ ସମାନ ବୋଲି କହିଥିଲେ। ☞ପୃଷ୍ଠା-୪

### ବିଜେଡିର ବିରୋଧ: ସିଲେକ୍ଟ କମିଟିକୁ ପଠାଇବାକୁ ପ୍ରସ୍ତାବ

ରବିବାର ରାଜ୍ୟ ସଭାରେ ଆଗତ କୃଷି ବିଲ୍‌କୁ ବିଜେଡି ବିରୋଧ କରିଛି। ବିଜେଡି ସଦସ୍ୟ ଅମର ପଟ୍ଟନାୟକ ଆଲୋଚନାରେ ଭାଗ ନେଇ କହିଥିଲେ, ଏହି କୃଷି ବିଲ୍‌ରେ କ୍ଷୁଦ୍ର ଏବଂ ନାମମାତ୍ର ଓ ଭାଗଚାଷୀଙ୍କ ସୁରକ୍ଷା ନେଇ କୋଣସି ବ୍ୟବସ୍ଥା ନାହିଁ। ତେଣୁ ଏହି ବିଲ୍‌କୁ ଅଧିକ ଆଲୋଚନା ପାଇଁ ସିଲେକ୍ଟ କମିଟିକୁ ସରକାର ପଠାଇବା ଆବଶ୍ୟକ ବୋଲି କହିଥିଲେ। ଅପରପକ୍ଷରେ ରବିବାର ରାଜ୍ୟ ସଭାରେ ହେବାକୁ ଥିବା ବିବାଦୀୟ କୃଷି ବିଲ୍ ଉପରେ ଆଲୋଚନା ସମୟରେ ବିଜେଡିର ସମସ୍ତ ଏମ୍‌ପିଙ୍କୁ ଗୃହରେ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇଥିଲା। ରାଜ୍ୟ ସଭାରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଥିଲେ ଯେ, ସଦନରେ ଉପସ୍ଥିତ ରହିବାକୁ ଦଳର ଏମ୍‌ପିମାନଙ୍କୁ ୩ ଥାକିଆ ହୁଇପ୍ ଜାରି କରାଯାଇଥିଲା। ଗୃହରେ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ହେବାକୁ ଥିବାରୁ ସମସ୍ତ ୯ ସଦସ୍ୟଙ୍କ ଉପସ୍ଥିତି ଆବଶ୍ୟକ ବୋଲି କୁହାଯାଇଥିଲା।

## ଲଗାତର ୪ ଦିନ ପାଇଁ କମିଲା ଡିଜେଲ

**ଭୁବନେଶ୍ୱର,୨୦।୯**

ଲଗାତର ୪ ଦିନ ପାଇଁ ଡିଜେଲ ଦର ହ୍ରାସ ଘଟିଛି। ଫଳରେ ରବିବାର ଭୁବନେଶ୍ୱରରେ ଲିଟର ପିଛା ଏହାର ଦର ୨୫ ପଇସା କମି ୭୭.୯୪ ଟଙ୍କା ରହିଛି। ଏଠାରେ ପେଟ୍ରୋଲ ଅପରିବର୍ତ୍ତିତ ୮୧.୭୪ ଟଙ୍କା ରହିଥିବା ଜଣାପଡିଛି। ଶନିବାର ନୂଆଦିଲ୍ଲୀରେ ଡିଜେଲ ଦର ୭୧.୮୨ ଟଙ୍କା ଥିବା ବେଳେ ଏହା ରବିବାର ୭୧.୫୮ ଟଙ୍କାକୁ ଖସିଛି। ☞ପୃଷ୍ଠା-୪

## ୨୧, ୨୨ରେ ହାଇକୋର୍ଟ ବନ୍ଦ

- ୨୪ରେ ସ୍କୁଲ ଫି' ମାମଲାର ଶୁଣାଣି

**କଟକ ଅଫିସ,୨୦।୯**

ଆସନ୍ତା ଦୁଇଦିନ ଅର୍ଥାତ ୨୧ ଓ ୨୨ତାରିଖରେ ହାଇକୋର୍ଟ ଏବଂ ଏହାର ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିବ। ହାଇକୋର୍ଟର କେତେକ ବିଭାଗରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ରବିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବନ୍ଦ ସମୟରେ ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟ ପରିସରକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଟକଣା, କଟକଣା**

# ୨୦ ହଜାର କୋଟିର ବ୍ୟାଙ୍କ ଠକେଇ

- ୩ ମାସରେ ୨୮୬୭ ମାମଲା
- ଏସ୍‌ବିଆଇରେ ସର୍ବାଧିକ
- ବିଓଆଇ ଅଧିକ ପ୍ରଭାବିତ

**ନୂଆଦିଲ୍ଲୀ,୨୦।୯**

କୋଭିଡ୍-୧୯ ମହାମାରୀ ଯୋଗୁ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କଗୁଡିକରେ ପୁଣି ୧୯,୯୬୪ କୋଟି ଟଙ୍କାର ଠକେଇ ଖବର ସାମ୍ନାକୁ ଆସିଛି। ଗତ ୩ ମାସରେ ଏ ନେଇ ମୋଟ ୨,୮୬୭ ମାମଲା ଦାୟର କରାଯାଇଥିବା ଜଣାପଡିଛି। ସୂଚନା ଅଧିକାରୀ କର୍ମୀ ଚନ୍ଦ୍ରଶେଖର ଗୌର ରିଜର୍ଭ ବ୍ୟାଙ୍କକୁ ମାଗିଥିବା ଆର୍‌ଟିଆଇ ସୂଚନାରୁ ଏଭଳି ତଥ୍ୟ ପଦାକୁ ଆସିଛି।

ସୂଚନା ମୁତାବକ, ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ରେ ସବୁଠୁ ବେଶି ସଂଖ୍ୟାରେ ଠକେଇ ହୋଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଜୁନ ମାସ ମଧ୍ୟରେ ମୋଟ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ଏସ୍‌ବିଆଇରେ କେବଳ ୨,୦୫୦ ଠକେଇ ମାମଲା ରିପୋର୍ଟ କରାଯାଇଛି। ଏହି ମାମଲାଗୁଡିକ ସହ ୨୩୨୫.୮୮ କୋଟି ଟଙ୍କା ଜଡିତ ରହିଛି। ସେହିଭଳି ଠକେଇ ଯୋଗୁ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ବେଶି କ୍ଷତିଗ୍ରସ୍ତ ହୋଇଛି। ଏହି ବ୍ୟାଙ୍କରେ ୪୭ ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ଏଥିସହ ୫,୧୨୪.୮୭ କୋଟି ଟଙ୍କା ଜଡିତ ରହିଛି।

ସେହିଭଳି କାନାଡା ବ୍ୟାଙ୍କରେ ୩୩ ଠକେଇ ମାମଲାରେ ୩,୮୮୫.୨୬ କୋଟି, ବ୍ୟାଙ୍କ ଅଫ୍ ବରୋଦାରେ ୬୦ ମାମଲାରେ ୨୮୪୨.୯୪ କୋଟି, ଇଣ୍ଡିଆନ ବ୍ୟାଙ୍କର ୪୫ ମାମଲାରେ ୧୪୬୯.୭୯ କୋଟି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୩୭ ମାମଲା ୧୨୦୭.୬୫ କୋଟି ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୯ ମାମଲାରେ ୧୧୪୦.୩୭ କୋଟି ଟଙ୍କା ଠକେଇ ହୋଇଛି। ଏହି ସମୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୨୩୦କୋଟି ଠକେଇ ସାମ୍ନାକୁ ଆସିଥିବା ବେଳେ ଏହା ସହ ୨୭୦.୩୫ କୋଟି ଟଙ୍କା ଜଡିତ ରହିଛି। ଏହାବାଦ ୟୁକୋ ବ୍ୟାଙ୍କର ୧୩୦ ମାମଲାରେ ୮୩୧.୩୫ କୋଟି, ସେଣ୍ଟ୍ରାଲ ବ୍ୟାଙ୍କରେ ୧୪୯ ମାମଲା ସାମ୍ନାକୁ ଆସିଥିବା ବେଳେ ୬୫୫.୮୪ କୋଟି, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରେ ୧୬୩.୩ କୋଟି, ୟୁନିୟନ ବ୍ୟାଙ୍କରେ ୪୬.୫୨ କୋଟି ଟଙ୍କା ଠକେଇ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ବ୍ୟାଙ୍କଗୁଡିକ ପକ୍ଷରୁ ପ୍ରଦାନ କରାଯାଇଥିବା ଏହା ପ୍ରାଥମିକ ତଥ୍ୟ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

**ଲଘୁଚାପ**

- ରେଡ୍ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ
- ୨୨ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏଥିସହିତ ଏହାର ଆଖପାଖ ଅଞ୍ଚଳରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିଯୋଗୁ ଉପକୂଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଲାଗିରହିଛି । ଲଘୁଚାପ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଆସନ୍ତା ୩ ଦିନ ଯାଏ ପ୍ରବଳ ବର୍ଷା ଲାଗିରହିବ। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, କଟକ, କେନ୍ଦୁଝର, ଅନୁଗୋଳ, ଦେବଗଡ, ସମ୍ବଲପୁର, କଳାହାଣ୍ଡି, ସୋନପୁର ଏବଂ ବଲାଙ୍ଗୀର ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାର ତଳିଆ ଅଞ୍ଚଳ ବର୍ଷା ପାଣିରେ ବୁଡିଯିବା ସହିତ କଚ୍ଚାଘର ଭାଙ୍ଗିବା ସମ୍ଭାବନା ରହିଛି। ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ☞ପୃଷ୍ଠା-୪

# କ୍ଷତିରେ ଯାତ୍ରୀ ପରିବହନ: ଚିନ୍ତାରେ ମାଲିକ


- ଅକ୍ଟୋବରରୁ ଲାଗୁ ହେବ ପୂରା ଟିକସ
- ୩ ମାସ ଟିକସ ଛାଡ଼ିବାକୁ ଦାବି
- ଅଟୋ, ଟ୍ୟାକ୍ସି ସେବା ପ୍ରଭାବିତ

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**



କରୋନା ପ୍ରଭାବରୁ ବର୍ତ୍ତିପାରୁନି ଯାତ୍ରୀ ପରିବହନ ସେବା। ବସ୍ ଠାରୁ ଆରମ୍ଭ କରି ଟ୍ୟାକ୍ସି ଏବଂ ଅଟୋ ଭଳି ଯାତ୍ରୀବାହୀ ଯାନ କରୋନା ସଂକ୍ରମଣ ଯୋଗୁ ପ୍ରଭାବିତ ହୋଇଛି। ବସ୍ ସେବା ଅତିମାତ୍ରାରେ ପ୍ରଭାବିତ ହୋଇଛି। କରୋନା ଭୟ ରହିଥିବାରୁ ସାଧାରଣ ପରିବହନ ବ୍ୟବସ୍ଥାକୁ ଯାତ୍ରୀମାନେ ଆପଣାଇବାକୁ କୁଣ୍ଠାବୋଧ କରୁଛନ୍ତି। ଏଥିଯୋଗୁ ପ୍ରାୟ ୧୩ ହଜାର ବସ୍ ରାସ୍ତାକୁ ଓହ୍ଲାଇ ପାରୁ ନାହିଁ। ଯଦିଓ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଟକଣା ନାହିଁ ତେବେ ଯାତ୍ରୀ ଅଭାବ ବସ୍ ମାଲିକଙ୍କ ସମସ୍ୟା ବଢ଼ାଇ ଦେଇଛି। ଯେଉଁ କେତେକ ବସ୍ ଚାଲିଛି ସେଥିରେ ସାମାଜିକ ଦୂରତା ରକ୍ଷା କରି ଯାତ୍ରୀ ନେବାକୁ ପଡୁଛି। ଫଳରେ ବସ୍ ଖର୍ଚ୍ଚ ଉଠିବା କଷ୍ଟସାଧ୍ୟ ହୋଇପଡିଛି। ଅନ୍ୟ ପକ୍ଷରେ ଆସନ୍ତା ଅକ୍ଟୋବର ପହିଲାରୁ ଘରୋଇ ବସ୍‌ଗୁଡିକୁ ଦିଆଯାଉଥିବା ରିହାତିକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯିବ। ବସ୍‌ମାଲିକଙ୍କୁ ସମ୍ପୂର୍ଣ୍ଣ ଟିକସ ଦେବାକୁ ପଡିବ।

କରୋନା ସମୟରେ ବସ୍ ମାଲିକଙ୍କ ଉପରୁ ଆର୍ଥିକ ବୋଝ କମାଇବାକୁ ରାଜ୍ୟ ସରକାର ଏପ୍ରିଲରୁ ଜୁନ୍ ଯାଏ ବସ୍ ଉପରୁ ରୋଡ୍ ଟ୍ୟାକ୍ସ ସମ୍ପୂର୍ଣ୍ଣ ଛାଡ କରିଥିଲେ। ସେହିପରି ଚାଲୁଥିବା ବସ୍‌ଗୁଡିକରୁ ଜୁଲାଇରେ ୨୫ ପ୍ରତିଶତ, ଅଗଷ୍ଟରେ ୫୦ ଓ ସେପ୍ଟେମ୍ବରରେ ୭୫ ପ୍ରତିଶତ ଟିକସ ଆଦାୟ କରାଯାଉଛି। ଅକ୍ଟୋବରରୁ ବସ୍‌ଗୁଡିକୁ ସମ୍ପୂର୍ଣ୍ଣ ଟିକସ ଦେବାକୁ ପଡିବ। ରାଜ୍ୟରେ ପ୍ରାୟ ୧୪ ହଜାର ବେସରକାରୀ ବସ୍ ରହିଛି। ସେଥିରୁ ମାତ୍ର ୪୦୦ ବସ୍ ଚଳାଚଳ କରୁଛି। ସେହି ବସ୍‌ଗୁଡିକ ଉପରେ ପ୍ରାୟ ୪୫ ହଜାର କର୍ମଚାରୀ ନିର୍ଭର କରୁଛନ୍ତି। ସେମାନଙ୍କର ପରିବାରକୁ ମିଶାଇଲେ ବସ୍ ପରିବହନ ଉପରେ ପ୍ରାୟ ୨.୫ ଲକ୍ଷ ଲୋକ ନିର୍ଭରଶୀଳ। ତେବେ ଗତ ମାର୍ଚ୍ଚରୁ ଏହି ☞ପୃଷ୍ଠା-୪

# ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କୁ ସାମାଜିକ ସୁରକ୍ଷା

ନୂଆଦିଲ୍ଲୀ,୨୦।୯

## ଶ୍ରମ ଆଇନର ୩ ବିଲ୍ ଲୋକ ସଭାରେ ଉପସ୍ଥାପନ

ଦେଶ ମଧ୍ୟରେ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ କୋଟି ଶ୍ରମିକଙ୍କୁ ଶୀଘ୍ର ସାମାଜିକ ସୁରକ୍ଷା ମିଳିବ। କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଶ୍ରମ କୋଡର ୩ ବିଲ୍‌କୁ ଲୋକ ସଭାରେ ଶନିବାର ଉପସ୍ଥାପନ କରିଛନ୍ତି। ଏହା ମଧ୍ୟରେ କୋଡ୍ ଅନ୍ ଇଣ୍ଡଷ୍ଟ୍ରିଆଲ ରିଲେସନ, ସୋସିଆଲ ସିକ୍ୟୁରିଟି କୋଡ୍ ଏବଂ କୋଡ୍ ଅନ୍ ଅକ୍ୟୁପେଶନାଲ ସେଫ୍ଟି , ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିଶନ ସାମିଲ ରହିଛି। ଏହି ଆଇନଗୁଡିକ କାର୍ଯ୍ୟକାରୀ ହେଲେ ଶ୍ରମିକଙ୍କ ଉନ୍ନତୀକରଣ ଦିଗରେ ସହାୟକ ହେବ ବୋଲି ସରକାର ଆଶାବାଦୀ ରହିଛି। ଦେଶ ମଧ୍ୟରେ ଶ୍ରମ ସଂସ୍କାରକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିବା ଗଙ୍ଗୱାର ବିଲ୍ ଉପସ୍ଥାପନ କରି ଏଭଳି ମତ ରଖିଛନ୍ତି।

ଅଣ ସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ବାବଦ ୩୦୦ ଶ୍ରମିକ ଯାଏ କାର୍ଯ୍ୟ କରୁଥିବା ଫାର୍ମଗୁଡିକ ସରକାରଙ୍କ ବିନା ଅନୁମତିରେ କର୍ମଚାରୀଙ୍କୁ ଛଟେଇ, ଆନ୍ତଃରାଜ୍ୟ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଅଧ୍ୟୟନ, ସାରା ଦେଶରେ ନ୍ୟୁନତମ ମଜୁରି, ରାଷ୍ଟ୍ରୀୟ ଫ୍ଲୋର ଲେବଲ୍ ମଜୁରି, ନ୍ୟୁନତମ ମଜୁରି ନିର୍ଦ୍ଧାରଣ ଲାଗି


ସନ୍ତୋଷ ଗଙ୍ଗୱାର

ପରିଷଦ ଗଠନ ଭଳି ପ୍ରସଙ୍ଗ ବିଲ୍‌ରେ ଗୁରୁତ୍ୱ ଲାଭ କରିଛି। ସେହିଭଳି କୌଶଳ ଏବଂ ଭୌଗୋଳିକ ସ୍ଥିତି ଅନୁସାରେ ମଜୁରି ପ୍ରଦାନ, ୧୫ ହଜାର ଟଙ୍କାର ନ୍ୟୁନତମ ବେତନ ପ୍ରଦାନର ସମ୍ଭାବନା ମଧ୍ୟ ଏଥିରେ ସାମିଲ ରହିଛି। ଏ ନେଇ ଚୂଡାନ୍ତ ନିଷ୍ପତ୍ତି କମିଟି ନେବ ବୋଲି ଜଣାପଡିଛି। ଅପରପକ୍ଷରେ ଠିକ୍ ସମୟରେ ବେତନ ପ୍ରଦାନ ନେଇ ନିୟମ ପ୍ରଣୟନ, ପୁରୁଷ ଏବଂ ମହିଳା କର୍ମଚାରୀଙ୍କୁ ବେତନରେ ତାରତମ୍ୟ ନ କରିବା ଭଳି ବିଭିନ୍ନ ପ୍ରସଙ୍ଗ ବିଲ୍‌ରେ ସ୍ଥାନିତ ହୋଇଛି। କେନ୍ଦ୍ର ସରକାର ୪୪ ଶ୍ରମ ଆଇନରେ ପରିବର୍ତ୍ତନ ଆଣିବା ସହ ଏହାକୁ ୪ଟି ଶ୍ରମ କୋଡ୍‌ରେ ରୂପାନ୍ତରିତ କରିଛନ୍ତି। ସେହିଭଳି ୧୨ ଆଇନକୁ ରଦ୍ଦ କରାଯିବା ସହ ପୁରୁଣା ୪୪ ଆଇନ ମଧ୍ୟରୁ ୩ ଆଇନକୁ ନୂଆ କୋଡ୍‌ରେ ସାମିଲ କରାଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ୨୯ ଆଇନ ବଦଳରେ ୪ ଶ୍ରମ କୋଡ୍ କାର୍ଯ୍ୟ କରିବ ବୋଲି ସୂଚନା ରହିଛି।

## ଭାରତୀୟ ଯବାନଙ୍କ କବ୍‌ଜାରେ ଏଲ୍‌ଏସିର ୬ ଅଞ୍ଚଳ

ଲେହ, ୨୦।୯

ପୂର୍ବ ଲଦାଖରେ ଭାରତୀୟ ଯବାନ ପୋଙ୍ଗାଙ୍ଗ୍ ହ୍ରଦ ନିକଟରେ ଥିବା ୬ଟି ଅଞ୍ଚଳ ଉପରେ ନିଜର ଆଧିପତ୍ୟ ଜାହିର କରିଛନ୍ତି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ଏସବୁ ଅଞ୍ଚଳ ଭାରତୀୟ ଯବାନଙ୍କ କବ୍‌ଜାକୁ ଆସିଛି। ସେସବୁ ମଧ୍ୟରେ ମଗର ହିଲ୍, ଗୁରୁଙ୍ଗ୍ ହିଲ୍, ରେସେହେନ୍ ଲା, ରେଜାଙ୍ଗ୍ ଲା, ମୋଖପାରି ଏବଂ ଫିଙ୍ଗର-୪ ନିକଟରେ ଥିବା ଅଞ୍ଚଳ ଆଦି ରହିଛି। ଉଚ୍ଚ ପାହାଡ଼ରେ ଥିବା ଏହି ଅଞ୍ଚଳଗୁଡ଼ିକ ଭାରତୀୟ ଯବାନଙ୍କ ଦଖଲକୁ ଆସିବା ଦ୍ୱାରା ସହଜରେ ଚାଇନା ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖାଯାଇ ପାରିବ। ଅପରପକ୍ଷେ ବ୍ଲାକ୍‌ଟପ୍ ଏବଂ ହେଲମେଟ୍ ଟପ୍ ଚାଇନା ପଟେ ରହିଛି। ତେବେ ଭାରତୀୟ ଯବାନଙ୍କ କବ୍‌ଜାରେ ଥିବା ଅଞ୍ଚଳ ଭାରତ ସୀମା ଭିତରେ ରହିଥିବା ସୁରକ୍ଷା ମୁଖପାତ୍ର କହିଛନ୍ତି।

## ଟ୍ରମ୍ପଙ୍କ ପାଖକୁ ଜହର ପ୍ୟାକେଟ୍

ୱାଶିଂଟନ, ୨୦।୯

### ସୁରକ୍ଷା ଅଧିକାରୀଙ୍କ ହାତରେ ଧରାପଡ଼ିଲା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖକୁ ପଠାଯାଇଥିବା ଏକ ଜହର ପ୍ୟାକେଟ୍ ସୁରକ୍ଷା ଅଧିକାରୀଙ୍କ ହାତରେ ଧରାପଡ଼ିଛି। ଏଥିରେ ରିସିନ୍ ନାମକ ଜହର ଥିବା ପରୀକ୍ଷାରୁ ଜଣାପଡ଼ିଛି। ଏହି ଜହରକୁ କାଷ୍ଟର ବିନ୍ସରୁ ପ୍ରସ୍ତୁତ କରାଯାଇଥାଏ। ପ୍ରାୟତଃ ଏହାକୁ ଆତଙ୍କବାଦୀ ଆକ୍ରମଣରେ କରାଯାଇଥାଏ। ଏହା କାନାଡ଼ାରୁ ହ୍ୱାଇଟ୍ ହାଉସ୍ ଆସିଥିବା ସୁରକ୍ଷା ଅଧିକାରୀମାନେ ଅନୁମାନ କରୁଛନ୍ତି। ହ୍ୱାଇଟ୍ ହାଉସ୍‌ରେ କୌଣସି ପାର୍ସଲ ପହଞ୍ଚିଲେ ଏହାକୁ ପ୍ରଥମେ ସୁରକ୍ଷା ଅଧିକାରୀ ଯାଞ୍ଚ କରିଥାନ୍ତି। ସନ୍ଦିଗ୍ଧ ପାର୍ସଲକୁ ଅଲଗା କରି ଦିଆ ଯାଇଥାଏ। ଏହି ସନ୍ଦିଗ୍ଧ ପାର୍ସଲକୁ ମଧ୍ୟ ଅଲଗା କରାଯାଇ ଯାଞ୍ଚ ହୋଇଥିଲା। ଏଥିରେ ଜହର ଥିବା ଜଣାପଡ଼ିଥିଲା। ଏବେ ଏହାର ତଦନ୍ତ ଦାୟିତ୍ୱ ଫେଡେରାଲ


ଡୋନାଲ୍ଡ ଟ୍ରମ୍ପ

ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନକୁ ହସ୍ତାନ୍ତର କରାଯାଇଛି। ଏହି ଜହର ପେଟକୁ ଗଲେ ଅନ୍ତଃନଳୀରେ କ୍ଷତ ସୃଷ୍ଟି କରେ। ଫଳରେ ରକ୍ତସ୍ରାବ ହୋଇଥାଏ। ଏହାଯୋଗୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ଘଟିଥାଏ ବୋଲି ତଦନ୍ତକାରୀ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଏଲ୍‌ଓସିରେ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ଶ୍ରୀନଗର, ୨୦।୯

ଜମ୍ମୁ-କଶ୍ମୀରରେ ଭାରତ ପାକିସ୍ତାନ ନିୟନ୍ତ୍ରଣ ରେଖା(ଏଲ୍‌ଓସି)ରେ ଏକ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ଅର୍ନିଆ ସେକ୍ଟରର ବୁଧୱାରାଠାରୁ ବିଏସ୍‌ଏଫ୍ ଯବାନମାନେ ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଛନ୍ତି। ରବିବାର ଭୋର୍ ସମୟରେ ଜଣେ ବ୍ୟକ୍ତି ପାକିସ୍ତାନ ପଟୁ ଭାରତରେ ଅନୁପ୍ରବେଶ କରୁଥିବା ବିଏସ୍‌ଏଫ୍ ଯବାନମାନେ ଦେଖିଥିଲେ। ତାଙ୍କୁ ସତର୍କ ସୂଚନା ଦିଆଯାଇଥିଲା। ଏହି ସମୟରେ ପାକିସ୍ତାନ ଫରୱାର୍ଡ ଫୋଷ୍ଟରୁ ଭାରତୀୟ ପୋଷ୍ଟଗୁଡ଼ିକୁ ଲକ୍ଷ୍ୟ କରି ଗୁଳିଚାଳନା କରାଯାଇଥିଲା। ଭାରତୀୟ ସେନା ପକ୍ଷରୁ ଏହାର ଜବାବ ଦିଆଯାଇଥିଲା। ଭୟରେ ଅନୁପ୍ରବେଶ କରୁଥିବା ପାକିସ୍ତାନୀ ଜଣକ ଡ୍ରଗ୍ସ ଏବଂ ନିଜ ବ୍ୟାଗ୍ ପକାଇ ଫେରାର ହୋଇଯାଇଥିଲେ। ବିଏସ୍‌ଏଫ୍ ପକ୍ଷରୁ ଅନୁପ୍ରବେଶକାରୀଙ୍କ ବ୍ୟାଗ୍‌ରୁ କନାରେ



ବନ୍ଧା ହୋଇଥିବା ୫୮ ପ୍ୟାକେଟ୍ ଡ୍ରଗ୍ସ, ୨ଟି ଚାଇନା ପିସ୍ତଲ ଜବତ କରାଯାଇଛି। ପ୍ରାୟ ୬୦ କିଲୋଗ୍ରାମ୍ ଡ୍ରଗ୍ସ ଜବତ ହୋଇଥିବା ବିଏସ୍‌ଏଫ୍ କହିଛି। କେତେକ ଡ୍ରଗ୍ସ ପ୍ୟାକେଟ ତଳେ ପଡ଼ିଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ଭାରତରେ ହେଉଥିବା ଡ୍ରଗ୍ସ କାରବାରର ଚେର ପାକିସ୍ତାନ ପର୍ଯ୍ୟନ୍ତ ଲମ୍ବିଥିବା ଏହା ଦ୍ୱାରା ସ୍ପଷ୍ଟ ହୋଇଛି। ସେହିପରି ପାକିସ୍ତାନକୁ ଚାଇନା ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବାର ପ୍ରମାଣ ମଧ୍ୟ ମିଳିଥିବା କୁହାଯାଉଛି।

# ଅନୁରାଗଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ

ମୁମ୍ବାଇ, ୨୦।୯

ବଲିଉଡ ନିର୍ଦ୍ଦେଶକ ଅନୁରାଗ କାଶ୍ୟପଙ୍କ ପାଇଁ ନୂଆ ଅଡୁଆ ବଢ଼ିଛି। ବିଭିନ୍ନ ପ୍ରସଙ୍ଗରେ ମତ ରଖି ଚର୍ଚ୍ଚାରେ ରହୁଥିବା ଅନୁରାଗଙ୍କ ନାମରେ ଆସିଛି ଯୌନ ନିର୍ଯାତନା ଅଭିଯୋଗ। ଏଭଳି ଅଭିଯୋଗ କରିଛନ୍ତି ଅଭିନେତ୍ରୀ ପାୟଲ ଘୋଷ। ପାୟଲ ଅନୁରାଗଙ୍କୁ ନିଜ ଟ୍ୱିଟ୍‌ରେ ଟ୍ୟାଗ୍ କରି ତାଙ୍କୁ ବାଧ କରିଥିବା ଅଭିଯୋଗ କରିଛନ୍ତି। ଏହାପରେ ସେ ତାଙ୍କ ସୁରକ୍ଷା ପାଇଁ ସହାୟତା ଲୋଡ଼ିଛନ୍ତି। ପାୟଲ ଟ୍ୱିଟ୍ କରି କହିଛନ୍ତି ଯେ, ଅନୁରାଗ ମୋତେ ବାଧ କରି ଖରାପ ବ୍ୟବହାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟ୍ୟାଗ୍ କରି ପାୟଲ ନିଜର ସୁରକ୍ଷା ଦାବି କରିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଦୟା କରି ଏହି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଉ ଦୁନିଆକୁ ଏହିଭଳି ଲୋକଙ୍କର


ପାୟଲ ଘୋଷ


ଅନୁରାଗ କାଶ୍ୟପ

ଅସଲ ଚେହେରା ସାମ୍ନାକୁ ଆସୁ। ଏହି ଟ୍ୱିଟ୍ ପରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷ ରେଖା ଶର୍ମା ସହଯୋଗର ହାତ ବଢ଼ାଇଛନ୍ତି। ରେଖା ଶର୍ମା ସମସ୍ତ ଅଭିଯୋଗକୁ ଇ-ମେଲ ଜରିଆରେ ପଠାଇବା ପାଇଁ ଲେଖିଛନ୍ତି। ପାୟଲଙ୍କ ଟ୍ୱିଟ୍ ପରେ କଙ୍ଗନା ସମେତ ରାଜନୀତି ଏବଂ ବଲିଉଡ୍‌ରୁ ଅନେକ ଲୋକ ଅନୁରାଗଙ୍କୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ନିକଟରେ ବଲିଉଡ ଡ୍ରଗ୍ସ ବିବାଦକୁ ନେଇ ଅନୁରାଗ ଅନେକ ଟୁଇଟ୍ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗରେ ସେ ନୀରବ ରହିଛନ୍ତି।

# ଚାଇନା ଗୋଇନ୍ଦାକୁ ପ୍ରତିରକ୍ଷା ତଥ୍ୟ ଯୋଗାଣ

ନୂଆଦିଲ୍ଲୀ,୨୦।୯(ପି.ଟି.)

## ସାମ୍ବାଦିକଙ୍କ ସହ ୨ ସହଯୋଗୀ ଗିରଫ

ଚାଇନା ଗୋଇନ୍ଦା ଅଧିକାରୀଙ୍କୁ ପ୍ରତିରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ପୋଲିସ ଜଣେ ସାମ୍ବାଦିକଙ୍କୁ ଗିରଫ କରିଛି। ଗିରଫ ରାଜୀବ ଶର୍ମା ମୁକ୍ତ ସାମ୍ବାଦିକତା କରନ୍ତି। ଶନିବାର ଶର୍ମାଙ୍କୁ ଗିରଫ କରାଯିବାର କିଛି ଘଣ୍ଟା ପରେ ତାଙ୍କର ୨ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ୨ ସହଯୋଗୀଙ୍କ ମଧ୍ୟରେ ଜଣେ ଚାଇନାର ମହିଳା ଥିବାବେଳେ ନେପାଳର ଜଣେ ନାଗରିକ ଅଛନ୍ତି। ଗିରଫ ପରେ ଶର୍ମାଙ୍କଠାରୁ ମୋବାଇଲ ଫୋନ୍, ଲାପ୍‌ଟପ୍ ଓ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜବତ କରାଯାଇଛି। ଶର୍ମା ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ଭାରତର ପ୍ରତିରକ୍ଷା ଓ ଅନ୍ୟାନ୍ୟ ରଣନୀତି ସମ୍ପର୍କିତ ତଥ୍ୟ ଚାଇନା ଗୋଇନ୍ଦାକୁ ପ୍ରଦାନ କରିଥିବା ଜଣାପଡ଼ିଛି ବୋଲି ଦିଲ୍ଲୀ ସ୍ୱତନ୍ତ୍ର ସେଲ୍ ଡିସିପି ସଞ୍ଜୀବ କୁମାର ଯାଦବ କହିଛନ୍ତି। ଶର୍ମାଙ୍କ ୨ ସହଯୋଗୀ କୁହାଯାଉଥିବା ଚାଇନା ମହିଳା ଏବଂ ନେପାଳ ନାଗରିକଙ୍କ ମହିପାଲପୁରରେ ଏକ କମ୍ପାନୀ ରହିଛି। ଏହି କମ୍ପାନୀ ଚାଇନାରୁ ଔଷଧ ରପ୍ତାନୀ କରିଥାଏ। ପ୍ରତିରକ୍ଷା ତଥ୍ୟ ଦେବା ବାବଦରେ ଚାଇନାରୁ ଆସୁଥିବା ଅର୍ଥ ଶର୍ମାଙ୍କୁ ଦିଆଯାଏ ବୋଲି ଡିସିପି ଯାଦବ କହିଛିଁ। ଅଭିଯୁକ୍ତ ଶର୍ମା ଚାଇନା ଗ୍ଲୋବାଲ୍ ଟାଇମ୍‌ସ ପାଇଁ ବିଭିନ୍ନ ଲେଖା ଲେଖିଥାନ୍ତି ବୋଲି ପୋଲିସ କହିଛି।

# ଫୁରସତ୍

## ଚର୍ଚ୍ଚାରେ ଦିଶା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଜଣେ ଏଭଳି ହିରୋଇନ ଯିଏ ତାଙ୍କ ଫିଲ୍ମ କିମ୍ବା ଅଭିନୟ ଅପେକ୍ଷା ଫଟୋ ପାଇଁ ଅଧିକ ଚର୍ଚ୍ଚାରେ ରୁହନ୍ତି। ଦିଶା ସୋସିଆଲ ମିଡିଆରେ ବହୁତ ସକ୍ରିୟ ଏବଂ ତାଙ୍କ ଗ୍ଲାମରସ୍ ଫଟୋ ପ୍ରଶଂସକଙ୍କ ସହ ଶେୟାର କରିଚାଲିଛନ୍ତି। ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦିଶା ବହୁତ ସୁନ୍ଦର ଏବଂ ପ୍ରତ୍ୟେକ ଦିନ ତାଙ୍କର ଫଟୋ ଭାଇରାଲ ହୋଇଥାଏ। କିନ୍ତୁ ଏଥର ସେ ତାଙ୍କର ଏପରି ଏକ ଫଟୋ ଶେୟାର କରିଛନ୍ତି ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି ଏବଂ ଲୋକେ ତାଙ୍କୁ ବହୁତ ପସନ୍ଦ କରୁଛନ୍ତି। ଦିଶା ଫଟୋରେ ହଳଦିଆ ରଙ୍ଗର ପୋଷାକ ପିନ୍ଧିଛନ୍ତି। ଯେଉଁଥିରେ ସେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ଦିଶା ତାଙ୍କ ଲୁକ୍‌କୁ ଆହୁରି ଆକର୍ଷିତ କରିବା ପାଇଁ ପୋଷାକ ସହିତ ହୃଦୟ ଆକୃତିର କାନଫୁଲକୁ ଯୋଡ଼ିଛନ୍ତି। ଆହୁରି ମଧ୍ୟ, ସ୍କିନ୍ ଉପରେ ଗ୍ଲୋଇଙ୍ଗ୍ ଲୁକ୍ ପାଇଁ ସେ ଦ୍ୱି ମେକ୍‌ଅପ ପ୍ରୟୋଗ କରିଛନ୍ତି। ଫଟୋ ଶେୟାର କରି ଦିଶା ହାର୍ଟ ଇମୋଜି ସହିତ ଲେଖିଛନ୍ତି, 'ଦ୍ୱି ମେକଅପ୍ ବାଏ ମି'। ଏହି କ୍ୟାପଶନ୍ ସହିତ ଦିଶା ତାଙ୍କ ଇନ୍‌ଷ୍ଟା ଷ୍ଟୋରିରେ ଫଟୋ ଶେୟାର କରିଥିଲେ। ଏହି ମେକ୍‌ଅପରେ ତାଙ୍କ ଚେହେରା ନାଚୁରାଲ ଦେଖାଯାଉଛି। ଏହି ଲକ୍‌ଡାଉନରେ ଦିଶା ତାଙ୍କ ଫିଟ୍‌ନେସ ଲାଗି ବେଶ୍ ଗୁରୁତ୍ୱ ଦେଇଛନ୍ତି।


ଦିଶା ପଟାନୀ

## ଚକୋଲେଟ୍ ମ୍ୟୁଜିୟମ୍

**ନୂଆଦିଲ୍ଲୀ:** ସବୁ ଦେଶରେ ବିଭିନ୍ନ ପ୍ରକାରର ମ୍ୟୁଜିୟମ୍ ରହିଛି। ହେଲେ ଚକୋଲେଟ୍ ମ୍ୟୁଜିୟମ୍ ସମ୍ପର୍କରେ କେହି କେବେ ପ୍ରାୟତଃ ଶୁଣି ନ ଥିବେ। ମାତ୍ର ସୁଇଜରଲାଣ୍ଡର ଜୁରିଖରେ ଏବେ ନିର୍ମାଣ ହୋଇଛି ବିଶ୍ୱର ସର୍ବବୃହତ୍ ଚକୋଲେଟ୍ ମ୍ୟୁଜିୟମ୍ 'ଲିଣ୍ଟ ହେମ୍ ଅଫ୍ ଚକୋଲେଟ୍'।

ଏହି ମ୍ୟୁଜିୟମରେ ଏକ ଚକୋଲେଟ୍ ଫାଉଣ୍ଟେନ୍ ରହିଛି, ଯାହାର ଉଚ୍ଚତା ୩୦ ଫୁଟ। ଏହି ଫାଉଣ୍ଟେନ ହିଁ ମ୍ୟୁଜିୟମର ମୁଖ୍ୟ ଆକର୍ଷଣ ହୋଇପାରିଛି। ପର୍ଯ୍ୟଟକମାନେ ମ୍ୟୁଜିୟମ ଭିତରକୁ ପ୍ରବେଶ କରିବା ମାତ୍ରେ ଏହି ଚକୋଲେଟ୍ ଫାଉଣ୍ଟେନକୁ ଦେଖିପାରିବେ। ଏଠାରେ ବିଶ୍ୱର ସବୁଠୁ ବଡ଼ ଚକୋଲେଟ୍ ଦୋକାନ ବି ରହିଛି, ଯେଉଁଠାରେ ସବୁ ପ୍ରକାରର ଚକୋଲେଟ୍ ଉପଲବ୍ଧ। ଏହା ସହିତ ଚକୋଲେଟ୍‌ର ଉତ୍ପତ୍ତି ଏବଂ ଚକୋଲେଟ୍‌ର ବିଭିନ୍ନ ପରିବର୍ତ୍ତିତ ରୂପ ସମ୍ପର୍କରେ ବି ଏଠାରେ ସମସ୍ତ ତଥ୍ୟ ରହିଛି। ଖାଲି ସେତିକି ନୁହେଁ ଯଦି କେହି ଚକୋଲେଟ୍ ତିଆରି ସମ୍ପର୍କରେ ଜାଣିବାକୁ ଚାହୁଁଥାନ୍ତି ତେବେ ଏହି ମ୍ୟୁଜିୟମରେ ପ୍ରସ୍ତୁତି ପ୍ରଣାଳୀ ବି ବେଶ୍ ସହଜରେ ଶିଖିପାରିବେ। ଖାଲି ସେତିକି ନୁହେଁ ପର୍ଯ୍ୟଟକମାନଙ୍କୁ ନିଜ ହାତରେ ଚକୋଲେଟ୍ ତିଆରି କରିବାର ମଉକା ବି ଏଠାରେ ମିଳିପାରିବ। ତେଣୁ ଚକୋଲେଟ୍‌ପ୍ରେମୀଙ୍କ ପାଇଁ ଏହି ମ୍ୟୁଜିୟମ୍ ଖୋଲିବା ନିଶ୍ଚିତଭାବେ ଏକ ଖୁସି ଖବର। ଚକୋଲେଟ୍ ମ୍ୟୁଜିୟମକୁ ଆସି ପର୍ଯ୍ୟଟକମାନେ ଚକୋଲେଟ ଇତିହାସ ସହିତ ତିଆରି ପ୍ରଣାଳୀ ଓ ବିଭିନ୍ନ ପ୍ରକାରର ଚକୋଲେଟ୍ କିଣିବାର ସୁଯୋଗ ପାଇପାରିବେ। ତେଣୁ ବିଭିନ୍ନ ଡିଜାଇନର ଚକୋଲେଟ୍ ଗିଫ୍ଟ ଦେବା ନିମନ୍ତେ ଏହି ମ୍ୟୁଜିୟମଟି ପୂରା ପରଫେକ୍ଟ ସ୍ଥାନ।




## ସୁପ୍ ଭଳି କେକ୍



**ନୂଆଦିଲ୍ଲୀ:** ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସତ ହୋଇ ନ ଥାଏ। ଦେଖିବା ବେଳକୁ ଯାହା ମନେହୁଏ ପ୍ରକୃତରେ ତାହା ଅଲଗା ହୋଇଥାଏ। ଠିକ୍ ଏମିତି ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ପ୍ରଥମେ ଦେଖିବାକୁ ତାହା କେବଳ ସୁପ୍ ଭଳି ମନେ ହେଉଥିଲେ ବି ତାହା ପ୍ରକୃତରେ ଏକ କେକ୍।

ଦେଖିଲେ ମନେହେବ ଏକ ପାତ୍ରରେ ସୁପ୍ ରଖାଯାଇଛି। କିନ୍ତୁ କିଛି ସମୟ ପରେ ଜଣାପଡୁଛି ଏହା ଏକ କେକ୍। ଏମିତି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଜୁଆଲରେ ପ୍ରଥମେ ବାଉଲରେ ଇଂଲିଶ ଅକ୍ଷର ଥିବା ସୁପ୍ ରଖାଯାଇଥିବା ପରି ମନେହେଉଛି। ମାତ୍ର କିଛି ସମୟ ପରେ ସେହି ସୁପ୍‌କୁ ଜଣେ କାଟି ନେଇ ତାହା ଏକ କେକ୍ ବୋଲି ଜଣାଉଛନ୍ତି। ତେଣୁ କେକ୍‌ଟି ଏତେ ସୁନ୍ଦର ଭାବରେ ଡିଜାଇନ୍ ହୋଇଛି ଯେ କେହି ହେଲେ ହଠାତ୍ ଜାଣିପାରିବେ ନାହିଁ ଯେ ତାହା ସୁପ୍ ନୁହେଁ। ଏହାକୁ ଏତେ ବାସ୍ତବଭାବେ କରାଯାଇଛି, ଯେକେହି ବି ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବ। ଏହି କାରଣରୁ ଭିଜୁଆଲଟି ସୋସିଆଲ ମିଡିଆରେ ଶେୟାର କରିବାର ମାତ୍ର କେଇ ଘଣ୍ଟା ପରେ ଏହାକୁ ପ୍ରାୟ ୭୦ ହଜାର ଲୋକ ଦେଖି ସାରିଛନ୍ତି ଓ ପ୍ରାୟ ୯ ହଜାର ଲୋକ ଲାଇକ୍ କରି ସାରିଛନ୍ତି। ଲୋକେ ଆଶ୍ଚର୍ଯ୍ୟପ୍ରକଟ କରି ବିଭିନ୍ନ କମେଣ୍ଟ ମଧ୍ୟ ଦେଇଛନ୍ତି। ଏଭଳି ଏକ କେକ୍ କିଭଳିଭାବରେ ତିଆରି କରାଯାଇଛି ଏବଂ କିଭଳିଭାବେ ସେଥିରେ ବିଭିନ୍ନ ପ୍ରକାରର ଇଂଲିଶ ଅକ୍ଷର ଭଳି ରଖାଯାଇଛି ସେ ସମ୍ପର୍କରେ ଜାଣିବା ପାଇଁ ଲୋକେ ବହୁ ଆଗ୍ରହ ପ୍ରକାଶ କରିଛନ୍ତି।

## ମୂର୍ତ୍ତି ଗଢ଼ିବାକୁ ୧୦ ଲକ୍ଷ ଖର୍ଚ୍ଚ କଲେ ଜରି ଗୋଟାଳି

**ଚେନ୍ନାଇ:** ନିଜର ସ୍ୱପ୍ନ ପୂରା କରିବା ପାଇଁ ବେଳେବେଳେ ଲୋକେ ସମସ୍ତ ପୁଞ୍ଜି ଲଗାଇ ଦେଇଥାନ୍ତି। କିନ୍ତୁ ଏଭଳି କ୍ଷେତ୍ରରେ କେତେକଙ୍କର ସ୍ୱପ୍ନ ସାକାର କରିବା ଷ୍ଟାଇଲ୍ ନିଆରା ଲାଗିଥାଏ। ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ତାମିଲନାଡୁରେ ଥିବା ସଲେମ ଜିଲା ଅଥାନୂରପଛି ଗାଁର ଜରି ଗୋଟାଳି ନଲ୍ଲଥମ୍ବି। ନିଜର ଏକ ମୂର୍ତ୍ତି ସ୍ଥାପନ କରିବା ନିମନ୍ତେ ସେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

ରାସ୍ତା କଡ଼ରୁ ଫିଙ୍ଗା ଯାଇଥିବା କାଚ ଓ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି ନଲ୍ଲଥମ୍ବି। କିନ୍ତୁ ଏବେ ସେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜର ୫ଫୁଟ ଉଚ୍ଚତାର ଏକ ମୂର୍ତ୍ତି ସ୍ଥାପନ କରିଛନ୍ତି। ଛୋଟବେଳରୁ ତାଙ୍କର ଏଭଳି ଏକ ସ୍ୱପ୍ନ ରହିଥିଲା। ତେଣୁ ଏଥିପାଇଁ ସେ ବର୍ଷ ବର୍ଷ ଧରି ଟଙ୍କା ସଞ୍ଚୟ କରୁଥିଲେ। ୨୦ ବର୍ଷ ପୂର୍ବରୁ କୌଣସି କାରଣରୁ ମତଭେଦ ଯୋଗୁଁ ସେ ଘର ଛାଡ଼ି ଅଲଗା ସ୍ଥାନକୁ ଚାଲି ଆସିଥିଲେ। ସେହି ଦିନଠାରୁ ସେ ଅଲଗା ରହି ଟଙ୍କା ସଞ୍ଚୟ କରୁଥିଲେ। ପ୍ଲାଷ୍ଟିକ୍ ଜିନିଷ ଗୋଟାଇବା ପୂର୍ବରୁ ନଲ୍ଲଥମ୍ବି ରାଜମିସ୍ତ୍ରି କାମ କରୁଥିଲେ। ଏହାପରେ ପ୍ଲାଷ୍ଟିକ୍ ଜିନିଷ ସଂଗ୍ରହ କରି ସେ ଦିନକୁ ୨୫୦ ରୁ ୩୦୦ ଟଙ୍କା ରୋଜଗାର କରୁଥିଲେ। ଏହିଭଳି ଭାବେ ସେ ୧୦ ଲକ୍ଷ ଟଙ୍କା ସଞ୍ଚୟ କରି ପ୍ରଥମେ ବଝାପାଡ଼ି-ବେଲୁର ଗାଁରେ ଏକ ଜମି କିଣିଥିଲେ ଏବଂ ଲକ୍ଷେ ଟଙ୍କା ବ୍ୟୟରେ ଜଣେ ମୂର୍ତ୍ତିକାରଙ୍କ ପାଖରେ ନିଜ ମୂର୍ତ୍ତି ଗଢ଼ାଇ ସେହି ଜମିରେ ସ୍ଥାପନ କରିଥିଲେ। ନଲ୍ଲଥମ୍ବିଙ୍କ ପତ୍ନୀ ଏବଂ ପିଲାମାନେ ଏବେ ବି ଅଲଗା ହୋଇ ତାଙ୍କ ପୈତୃକ ଗାଁରେ ରହୁଛନ୍ତି।



## ରେଷ୍ଟୁରାଣ୍ଟ, ଯେଉଁଠି ଇଶାରା ଦେଲେ ମିଳେ ଖାଦ୍ୟ

**ବି**ଶ୍ୱରେ କିଛି ଅଜବ ରେଷ୍ଟୁରାଣ୍ଟ ଅଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। କେଉଁଠି ଜେଲ୍ ପରି ତିଆରି ହୋଇଛି ରେଷ୍ଟୁରାଣ୍ଟ ତ ଆଉ କେଉଁଠି ଗଛ ଉପରେ ତ କେଉଁଠି ପାଣି ଭିତରେ। ମାତ୍ର ଆଉ ଏକ ଅଜବ ରେଷ୍ଟୁରାଣ୍ଟ ଅଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ସାଧାରଣତଃ ରେଷ୍ଟୁରାଣ୍ଟ ଗଲେ ମନପସନ୍ଦର ଖାଦ୍ୟ ଅର୍ଡର ଦେବାକୁ ପଡ଼ିଥାଏ। ମାତ୍ର ଏମିତି ଏକ ରେଷ୍ଟୁରାଣ୍ଟ, ଯେଉଁଠି କେବଳ ଇଶାରାରେ ଖାଇବା ଅର୍ଡର ଦିଆଯାଇଥାଏ।

ଏମିତି ଏକ ରେଷ୍ଟୁରାଣ୍ଟ ରହିଛି ଚାଇନାର ଗଙ୍ଗ୍‌ଝୁରେ। ଏହାର ନାମ ସାଇଲେଣ୍ଟ କାଫେ। ଏଠାରେ ଗ୍ରାହକମାନଙ୍କୁ ମୁହଁ ଖୋଲି ଖାଦ୍ୟ ଅର୍ଡର ଦେବାକୁ ପଡ଼େ ନାହିଁ। ଏଠାରେ ଇଶାରା ମାତ୍ରକେ ପହଞ୍ଚିଥାଏ ଖାଦ୍ୟ। ଏଠାରେ ଆଉ ଏକ ସୁବିଧା ରହିଛି ଯଦି ଗ୍ରାହକଙ୍କ କଥା କୌଣସି କର୍ମଚାରୀ ବୁଝି ନ ପାରିଲେ ତେବେ ତାଙ୍କୁ ନୋଟ୍ ପ୍ୟାଡ୍‌ରେ ଲେଖିକି ଦେବାକୁ ପଡ଼ିଥାଏ। ଏହି ରେଷ୍ଟୁରାଣ୍ଟରେ ଗ୍ରାହକ ଏବଂ କର୍ମଚାରୀଙ୍କ ମଧ୍ୟରେ ଡିଜିଟାଲ ସଞ୍ଚାର ବ୍ୟବସ୍ଥା କରାଯାଇଛି।






Call 7219821111
visit www.bajajauto.com

Finance partners: BAJAJ FINANCE LTD. HDFC BANK IndusInd Bank

*ସର୍ତ୍ତ ଓ ନିୟମାବଳୀ ଲାଗିବ । 30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଅଫର୍ ବୈଧ । ଅଗ୍ରୀମ ସୂଚନା ବିନା ଯେକୌଣସି ବା ସବୁ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । କ୍ରେଡିଟ୍ ପାରାମିଟର୍ସ ଉପରେ ନିର୍ଭର କରେ । ଋଣ ରାଶି ଓ ଇଏମ୍‌ଆଇ ରାଶି 100 cc ଓ 125 cc ବାଇକ୍ ସକାଶେ ସୂଚକ ଅଟେ, ଯାହା ଫାଇନାନ୍ସିଅର୍ ଓ ପ୍ରଦେଶ ଉପରେ ନିର୍ଭର କରି, ମଡେଲ ଅନୁସାରେ ଭିନ୍ନ ହୋଇପାରେ । ଇଏମ୍‌ଆଇ ଅଫର୍ ଜନିତ ବା ସମ୍ପୃକ୍ତ କୌଣସି ବିବାଦ ସକାଶେ ବଜାଜ ଅଟୋ ଦାୟୀ ଧରାଯିବ ନାହିଁ ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086, Banarpal 9178064220 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.




EMI starts at ₹ 899* | 100% On-road Funding*

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 9798190190), NEXA TWIN CITY (SKY AUTOMOBILES PH: 9776497764, 7064400101), CUTTACK: NEXA STADIUM RD (JYOTE MOTORS PH: 9798190190).

SUZUKI connect — A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice.

**ଆଜିର ମନ୍ତବ୍ୟ**

"ମୁଁ ନିଜେ ଜଣେ କୃଷକ। ସମସ୍ତଙ୍କୁ ନିଶ୍ଚିତ କରାଇବି ଯେ, ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ଜାରି ରହିବ। କୃଷକଙ୍କ ମଧ୍ୟରେ ଭୁଲ୍ ବୁଝାମଣା ସୃଷ୍ଟି ପାଇଁ ଉଦ୍ୟମ ଚାଲିଛି। କୌଣସି ପରିସ୍ଥିତିରେ ଏହାକୁ ଅପସାରଣ କରାଯିବ ନାହିଁ। **–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଆର୍ଯ୍ୟନ୍ ପରିବାରବର୍ଗ


ସନ୍ତୋଷ ପରିବାରବର୍ଗ


ପ୍ରୀତି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ବିଶ୍ୱଜିତ୍ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### କ୍ଷତିରେ ଯାତ୍ରୀ ପରିବହନ...

କ୍ଷେତ୍ରରେ ଜୀବିକା ଧୂଳିସାତ ହୋଇଯାଇଛି। କରୋନା ଭୟରେ ଲୋକମାନେ ବସ୍‌ରେ ଯିବାକୁ ମଙ୍ଗୁନାହାନ୍ତି । ଯାତ୍ରୀଙ୍କ ସଂଖ୍ୟା କମି ଯାଉଛି। ବସ୍ ଗଡିଲା ମାତ୍ରେ ମାଲିକଙ୍କୁ ସମସ୍ତ ଖର୍ଚ୍ଚ ମିଶାଇ ଦୈନିକ ଅତି କମ୍‌ରେ ୧୫ ହଜାର ଟଙ୍କା ଖର୍ଚ୍ଚ ବହନ କରିବାକୁ ପଡୁଛି। ଯାତ୍ରୀ ନ ହେଲେ ମାଲିକଙ୍କ ଉପରେ ଆର୍ଥିକ ବୋଝ ବଢି ଚାଲିଛି। କେବଳ ସେତିକି ନୁହେଁ, ବସ୍ ପାଇଁ ବାର୍ଷିକ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କାର ବୀମା ଭରିବାକୁ ପଡୁଛି।

ଗୋଟିଏ ବସ୍ ମାସକୁ ୧୫ ହଜାର ଟଙ୍କା ଟିକସ ଭରଣା କରିବାକୁ ପଡିବ। ଚଳିତ ବର୍ଷ ପାର୍ବଣ ଉପରେ କଟକଣା ଲଗାଯାଇଥିବାରୁ ଯାତ୍ରୀ ପରିବହନ ସେବା ଆହୁରି ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଥିସହିତ କଟକ ଓ ଭୁବନେଶ୍ୱରରେ କୋଭିଡ୍ ପଜିଟିଭ ହାର ବୃଦ୍ଧି ପାଉଥିବାରୁ ରାଜ୍ୟର ଅନ୍ୟ ଅଞ୍ଚଳରୁ ଲୋକମାନେ ଏସବୁ ସହରକୁ ଆସିବାକୁ ଆଗ୍ରହ ଦେଖାଉ ନାହାନ୍ତି । ରାଜ୍ୟରେ ଯାତ୍ରୀ ସେବାକୁ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି ରାଜ୍ୟ ସରକାର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏଥିସହିତ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାର ଅକ୍ଟୋବରରୁ ୩ ମାସ ଯାଏ ଟିକସ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। କେବଳ ବସ୍ ନୁହେଁ, ରାଜ୍ୟରେ ପ୍ରାୟ ୩ ଲକ୍ଷ ଅଟୋ ରିକ୍ସା, ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟ୍ୟାକ୍ସି ପ୍ରଭାବିତ ହୋଇଛି। ଅଟୋ ଚାଳକ ଶମ୍ଭୁନାଥ ମହାନ୍ତି କହିଛନ୍ତି, ଧାର ଉଧାର କରି ଅଟୋ କିଣି ପରିବାର ଚଳାଉଥିଲୁ। ଦିନକୁ ସବୁ ଖର୍ଚ୍ଚ ଯାଇ ୩୦୦ରୁ ୪୦୦ ଟଙ୍କା ହେଉଥିଲା। କରୋନା ଯୋଗୁ ୩ ମାସ କାଳ ବସି ରହିଲୁ। ଲକ୍‌ଡାଉନ ପରେ ଦିନକୁ ୨୦୦ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡିଛି। ଯାତ୍ରୀ ସଂଖ୍ୟା ନ ବଢିଲେ ଅଟୋ ଚଳାଇ ପରିବାର ପୋଷିବା ସମ୍ଭବ ହେବ ନାହିଁ ବୋଲି ସେ କହିଛନ୍ତି। ଟ୍ରାଭେଲ୍ସ ବ୍ୟବସାୟ କରି ଭଲ ଦି ପଇସା ରୋଜଗାର କରୁଥିବା ଶ୍ୟାମ ସୁନ୍ଦର ନାୟକ କହିଛନ୍ତି, ଗତ ୫ ମାସ ହେବ ବ୍ୟବସାୟ ନାହିଁ କହିଲେ ଚଳେ। ନିଜର ଦୁଇଖଣ୍ଡ ଗାଡି ଥିବା ବେଳେ ବାହାର ଲୋକମାନେ ଟ୍ରାଭେଲ୍ସରେ ଗାଡି ଲଗାଉଥିଲେ। କରୋନା ପରେ ବ୍ୟବସାୟ କମିବା ସହିତ ଅନ୍ୟ ଲୋକମାନେ ମଧ୍ୟ ଗାଡି ଲଗାଉ ନାହାନ୍ତି। ପିକ୍‌ନିକ ଋତୁରେ ଭଲ ବ୍ୟବସାୟ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ଯୋଗୁ ତାହା ମଧ୍ୟ ହେବ ନାହିଁ ବୋଲି ସେ କହିଛନ୍ତି।

### ରାଜ୍ୟ ସଭାରେ କୃଷି ...

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ବିଲ୍ ସମ୍ପର୍କିତ ଆଲୋଚନାରେ ଭାଗ ନେଇ କହିଥିଲେ, କରୋନା ସମୟରେ ଏହି ବିଲ୍ ପାରିତ ନେଇ ସରକାର ଏତେ ବ୍ୟସ୍ତ କାହିଁକି ହେଉଛନ୍ତି। କରୋନା ପରିସ୍ଥିତି ସ୍ୱାଭାବିକ ହେବା ପରେ ଏହି ବିଲ୍ ନେଇ ଅଧିକ ଆଲୋଚନା କରାଯାଇ ପାସ୍ କରାଯିବା ଉଚିତ। ଏହାକୁ ଏତେଶୀଘ୍ର କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। କୃଷି ବିଲ୍ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀରେ କୃଷକ ଗୋଷ୍ଠୀ ପାଇଁ କ'ଣ କରିବ ଏବଂ ଏହା କୃଷକଙ୍କ ଆୟକୁ କପିରି ଦ୍ୱିଗୁଣିତ କରିବ ସେନେଇ ସରକାରଙ୍କ ଲକ୍ଷ୍ୟ କ'ଣ ରହିଛି ତାହା ସ୍ପଷ୍ଟ ହେବା ଦରକାର ବୋଲି ଦେବେଗୌଡ଼ା କହିଥିଲେ। କିଛି ସମୟ ପାଇଁ ବିରୋଧୀ ଦଳର ଏମ୍‌ପିମାନେ ଗୃହ ମଧ୍ୟ ଭାଗରେ ବିରୋଧ ପ୍ରଦର୍ଶନ କରିଥିଲେ। ଏପରି କି ସେମାନଙ୍କ ମଧ୍ୟରୁ ୪୭ ଏମ୍‌ପି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସରକାରଙ୍କ ନିକଟରେ ବିଲ୍ ପାସ୍ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରିବାକୁ ଚେଷ୍ଟା କରାଯାଉଛି ବୋଲି ବିରୋଧୀମାନେ ଅଭିଯୋଗ କରିଥିଲେ।

ଅନ୍ୟ ପକ୍ଷରେ ଶିରୋମଣି ଅକାଲି ଦଳ ସଭାପତି ସୁକବୀର ସିଂବାଦଲ ଏହି ବିଲ୍‌କୁ କଡ଼ା ବିରୋଧ କରିଛନ୍ତି। ଏହି ବିଲ୍‌ରେ ଦସ୍ତଖତ ନ କରିବାକୁ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଅନୁରୋଧ କରିଛନ୍ତି। ଏହି ବିଲ୍‌ରେ ହସ୍ତକ୍ଷେପ କରି ଅଧିକ ଆଲୋଚନା ଲାଗି ପାର୍ଲାମେଣ୍ଟକୁ ପଠାଇବାକୁ ରାଷ୍ଟ୍ରପତିଙ୍କ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଅନ୍ନଦାତାଙ୍କୁ ରାସ୍ତାରେ ଭୋକ ଉପବାସରେ ରଖା ନ ଯାଉ। ନଚେତ ଚାଷୀ 1 କ୍ଷମା କରିବେ ନାହିଁ ବୋଲି ସେ କହିଛନ୍ତି। ଶିରୋମଣି ଅକାଳି ଦଳ ଏନ୍‌ଡିଏର ଏକ ଅଂଶୀଦାର ଦଳ।

### ପ୍ରବଳ ବର୍ଷା ...

୨୧ ତାରିଖରେ ବରଗଡ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡା ଏବଂ ଦେବଗଡ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଏହି ସମୟରେ ସୋନପୁର, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୫୦ରୁ ୫୫ କ.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତା ୨୨ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଚାନ୍ଦବାଲିରେ ୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପରେ ୧୨, ଭୁବନେଶ୍ୱର ୬.୮ ଏବଂ ମାଲକାନଗିରିରେ ୧୭.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ୨୧, ୨୨ରେ ହାଇକୋର୍ଟ ...

ସାନିଟାଇଜ୍ କରାଯିବ। ଏନେଇ ଜେନେରାଲ ରେଜିଷ୍ଟ୍ରାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ବନ୍ଦ କାରଣରୁ ୨୧ରେ ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକ ୨୩ ତାରିଖରେ ଶୁଣାଣି ହେବ। ସେହିପରି ୨୨ତାରିଖର ଜାମିନ ଆବେଦନ ଶୁଣାଣି ୨୪ରେ, ୨୩ର ୨୫ରେ, ୨୪ର ୨୮ରେ ଏବଂ ୨୫ର ୨୯ ତାରିଖରେ ଶୁଣାଣି ହେବ। ଆସନ୍ତା ୨୨ ତାରିଖରେ ହାଇକୋର୍ଟରେ ସ୍କୁଲ ଫି' ମାମଲାର ଶୁଣାଣି ହେବାର ଥିଲା। ତେବେ ହାଇକୋର୍ଟ ଏହି ଦିନ ବନ୍ଦ ରହୁଥିବାରୁ ଉକ୍ତ ମାମଲାର ଶୁଣାଣି ୨୨ ପରିବର୍ତ୍ତେ ୨୪ ତାରିଖରେ ହେବ ବୋଲି ଜଣାପଡ଼ିଛି।

### ଲଗାତର ୪ ଦିନ ...

ସେହିଭଳି ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳି ମେଟ୍ରୋ ସହରଗୁଡିକରେ ରବିବାର ଡିଜେଲ ଯଥାକ୍ରମେ ୭୮.୦୨ ଟଙ୍କା, ୭୬.୯୯ ଟଙ୍କା ଏବଂ ୭୫.୦୯ ଟଙ୍କା ରହିଛି। ଶନିବାର ଏହି ୩ ସହରରେ ଡିଜେଲ ଦର ୭୮.୨୭ ଟଙ୍କା, ୭୭.୨୧ ଟଙ୍କା ଏବଂ ୭୫.୩୨ ଟଙ୍କା ରହିଥିଲା। କରୋନା ଯୋଗୁ ବଜାରରେ ଚାହିଦା ନ ରହିବା କାରଣରୁ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତେଲ ଦର ହ୍ରାସ ହୋଇଛି। ଏଥିଯୋଗୁ ଡିଜେଲ ଦରରେ ହ୍ରାସ ଦେଖାଦେଇଛି। ସେହିଭଳି ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ରବିବାର ଦ୍ୱିତୀୟ ଦିନ ପାଇଁ ଅପରିବର୍ତ୍ତିତ ରହିଛି। ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାରେ ପେଟ୍ରୋଲ ଲିଟର ପିଛା ଦର ଯଥାକ୍ରମେ ୮୧.୧୪ ଟଙ୍କା, ୮୭.୮୨ ଟଙ୍କା, ୮୪.୨୧ ଟଙ୍କା ଏବଂ ୮୨.୬୭ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।

# ସୀମାଞ୍ଚଳ ଦାଶ ହେଲେ ଆଇଏମ୍‌ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପରାମର୍ଶଦାତା

**ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର(ବ୍ୟୁରୋ),୨୦।୯**

ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ତଥା ଓଡ଼ିଶାର ସୀମାଞ୍ଚଳ ଦାଶଙ୍କୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)

**ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ**

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର ସରକାରଙ୍କ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଦାଶଙ୍କ ନାମ ଉପରେ ମୋହର ଲଗାଇଛି। ଏବେ ସେ ୱାଶିଂଟନ ଡିସିସ୍ଥିତ ଆଇଏମ୍‌ଏଫ୍ ମୁଖ୍ୟାଳୟରେ କାର୍ଯ୍ୟ କରିବେ। ସେ ଏହି ପଦବୀରେ ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ସେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପ୍ରମୁଖ ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି। ଅର୍ଥ ମନ୍ତ୍ରଣାଳୟରେ ମଧ୍ୟ ସେ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ଅନ୍ତର୍ଜାତୀୟ


ସୀମାଞ୍ଚଳ ଦାଶ

କ୍ଷେତ୍ରରେ ଦାଶଙ୍କ ନୂଆ ନିଯୁକ୍ତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି। ୧୯୮୮ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ଦାଶ ୨୦୧୪ ରୁ ୨୦୧୭ ପର୍ଯ୍ୟନ୍ତ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ।

# ସଫଳତା ସାଉଣ୍ଟୁଛନ୍ତି ପଟ୍ଟଚିତ୍ର ଶିଳ୍ପୀ ନୀଳମଣି



ନୀଳମଣି ଜେନା

**ପୁରୀ ଅଫିସ,୨୦।୯**

**କୋଭିଡ୍-୧୯ ପ୍ରଦର୍ଶନୀ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ**

କୋଭିଡ୍ ମହାମାରୀ ସମୟରେ ବି ଘରେ ରହି ପୁରୀର ଯୁବ ପଟ୍ଟଚିତ୍ର ଶିଳ୍ପୀ ନୀଳମଣି ଜେନା ସାଉଣ୍ଟୁଛନ୍ତି ସଫଳତା। ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାରେ ନୀଳମଣି ଭାଗ ନେଇ ପୁରସ୍କୃତ ହେବା ସହ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ କୋଭିଡ୍–୧୯ ପ୍ରଦର୍ଶନୀ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ଆର୍ଟ ଆଣ୍ଡ ଇମାନିଜେଶନ ଫୋରମ ପକ୍ଷରୁ ନଭେମ୍ବର ୭ ଓ ୮ରେ ବିଶ୍ୱର ଏହି ବୃହତ୍ ପ୍ରଦର୍ଶନୀ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହେବ। ଏଥିପାଇଁ ନୀଳମଣି ନିଜ କଳାକୃତି ପଠାଇବା ପରେ ଏଥିରେ ଭାଗ ନେବା ଲାଗି ମନୋନୀତ ହୋଇଛନ୍ତି। କର୍ମଜୀବୀ ହସ୍ତଶିଳ୍ପ ଅନୁଷ୍ଠାନ କରିଥିବା ନୀଳମଣି ପୂର୍ବରୁ ଜିଲା ଓ ରାଜ୍ୟସ୍ତରୀୟ ଅନେକ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଛନ୍ତି। ସବୁବେଳେ କିଛି ନିଆରା କରିବାକୁ ସେ ଉଦ୍ୟମ କରିଥାନ୍ତି। କରୋନା ମହାମାରୀ ସମୟରେ ଶିଳ୍ପୀ ଓ କଳାକାରମାନେ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ନୀଳମଣି କିନ୍ତୁ ଭାଙ୍ଗିପଡ଼ି ନ ଥିଲେ। ଏହି ସମୟରେ ସେ କିଛି କରିବାର ଝୁଙ୍କ୍ ରଖିଥିଲେ। ତେଣୁ ଅନ୍‌ଲାଇନ, ୱେବିନାର ଓ ଭର୍ଚୁଆଲ ମାଧ୍ୟମରେ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ରାଜ୍ୟ ଲଳିତ କଳା ଏକାଡେମୀ ପକ୍ଷରୁ କୋଭିଡ୍–୧୯ ପରିଚାଳନାକୁ ନେଇ କଳାକୃତି ପ୍ରସ୍ତୁତ କରି ପୁରସ୍କୃତ ହୋଇଥିଲେ। ଏହାପରେ ଝାଡ଼ଖଣ୍ଡ କଳାକୃତି ଆର୍ଟ ଆଣ୍ଡ ଫାଉଣ୍ଡେଶନ ପକ୍ଷରୁ ସ୍ୱର୍ଣ୍ଣ ପଦକ, ପୁନେ ଲଳିତକଳା ପ୍ରବୋଧିନୀ ଦ୍ୱାରା ପୁରସ୍କାର ପାଇଛନ୍ତି। ନିକଟରେ ଓଡ଼ିଶା ଆର୍ଟ ଆଣ୍ଡ୍ କଲ୍‌ଚର ଫାଉଣ୍ଡେଶନ ପକ୍ଷରୁ ପେଣ୍ଟିଂରେ ଗ୍ରାଣ୍ଡ ଟ୍ୟାଲେଣ୍ଟ ବିଜେତା ସହ ଇଣ୍ଟରନ୍ୟାଶନାଲ ଆର୍ଟ ଆଣ୍ଡ ଇମାନିଜେଶନ ଫୋରମ ପକ୍ଷରୁ ହେବାକୁ ଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ଏଥିରେ ସଫଳତା ପାଇପାରିବେ ବୋଲି ନୀଳମଣି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଘର ପିଉସୀ**
**ମାଆ ଘର ମାଉସୀ।**

ବାପାଙ୍କର ଭଉଣୀ ସମ୍ପର୍କରେ ପିଉସୀ ନାନୀ ହୋଇଥାନ୍ତି। ସେହିପରି ମାଆ ଙ୍କର ଭଉଣୀ ମଧ୍ୟ ହିସାବରେ ମାଉସୀ ହୋଇଥାନ୍ତି। ବାପା ଏବଂ ମାଆ ଉଭୟଙ୍କର ଏମାନେ ଭଉଣୀ ହୋଇଥିବାରୁ ଏ ସଭିଏ ବନ୍ଧୁ ବା ଅତି ଆପଣାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବନବନା ଗଛ ମହକିଲା**
**ଯାଉ ଯାଉ ବାଟେ ତନୁ ପାତଳି**
**ଗଭା ମଲ୍ଲୀ ଫୁଲ ମହକିଲା।**

ମଲ୍ଲିଫୁଲର ବାସନା ଚଉଦିଗକୁ ମହକାଇ ଦେଇଥାଏ। ତନୁପାତଳି ଯୁବତୀ କନ୍ୟାର ଗଭାରେ ଖୋଷା ଯାଇଥିବା ମଲ୍ଲିଫୁଲର ବାସନା ମନକୁ ମୋହି ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ. କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବକ୍ରୀ ମଙ୍ଗଳ ଅଶ୍ୱିନୀ ନକ୍ଷତ୍ରସ୍ଥ ଯୋଗୁ ଶାରୀରିକ ସୁସ୍ଥତା ପୂର୍ବପରି ଭଲ ଥିଲେ ମଧ୍ୟ ମାନସିକ ସ୍ଥିରତା ରହିବ ନାହିଁ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ସବୁ କାମ ଅଟକି ରହିପାରେ।

**ବୃଷ**
ପାଖ, ପଡୋଶୀମାନେ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ । ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ପ୍ରିୟବନ୍ଧୁଙ୍କର ଅନୁପସ୍ଥିତିର ଅଭାବ ଅନୁଭବ କରିବେ।

**ମିଥୁନ**
କର୍ମାଧିପ ପାପପ୍ରଭାବରୁ ମୁକ୍ତ ହେବା ଯୋଗୁ କୌଣସି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରିବେ। ବିଶେଷଭାବେ ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ । ନିଜର ପ୍ରିୟଜନଙ୍କ ସହଯୋଗରୁ ଉପକୃତ ହେବେ।

**କର୍କଟ**
ଶୁକ୍ର ଓ ଚନ୍ଦ୍ରଙ୍କ କ୍ଷେତ୍ରବିନିମୟ ଯୋଗ ପ୍ରଭାବରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ବହୁତ ଭଲ ରହିବ। ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ପୁଷ୍ୟା ନକ୍ଷତ୍ର ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ରହିଛି।

**ସିଂହ**
ନୀଚାରୋହୀ ରବିଙ୍କ ଯୋଗୁଁ ଦୈହିକ ଏବଂ ମାନସିକ ସୁସ୍ଥତା ଓ ସ୍ଥିରତା ରହି ନ ପାରେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସୀ ରହିବ।

**କନ୍ୟା**
ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ହାସଲ କରି ଖୁସୀ ହେବେ। ଚିତ୍ରା ନକ୍ଷତ୍ର ଯୋଜନା ବିହୀନ କାମରେ ମୁଣ୍ଡ ପୂରାଇ ଅଶାନ୍ତିକୁ ଆମନ୍ତ୍ରଣ କରିପାରନ୍ତି। ଭୁଲ୍ ବୁଝାମଣା ଜନିତ ପରିବାରରେ ଛୋଟ ଛୋଟ କଥା ନେଇ ଅଶାନ୍ତ ରହିବେ।

**ତୁଳା**
ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହୋଇପାରନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡିରହି ନିଜର କାମଗୁଡିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ । ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ ।

**ବିଛା**
ଶନିଙ୍କ ପ୍ରଭାବରୁ ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ ପାଇବ । ପରିବାରର ସଦସ୍ୟଙ୍କ ତରଫରୁ କିମ୍ବା ସହକର୍ମୀଙ୍କ ଦ୍ୱାରା ସମସ୍ୟା ଆସିପାରେ। ଜ୍ୟେଷ୍ଠା ନକ୍ଷତ୍ରର ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
ପରୋକ୍ଷ ଶତ୍ରୁତା କରୁଥିବା କୌଣସି ବ୍ୟକ୍ତିମାନଙ୍କ ଦ୍ୱାରା ଆଜିର କର୍ମ କ୍ଷେତ୍ର ବିଶୃଙ୍ଖଳିତ ହୋଇପାରେ । ମୂଳା ନକ୍ଷତ୍ର ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ଅଫିସରେ ସହକର୍ମୀମାନଙ୍କ ସହ ସାମୟିକ ମିଷ୍ଟାଳାପରେ ମାତି ରହିପାରନ୍ତି।

**ମକର**
ଆଜିର ପୂର୍ବାହ୍ନରେ ଅଫିସରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ। ବିଶୃଙ୍ଖଳା ଲାଗି ରହିବା କାରଣରୁ ମନ ସ୍ଥିର ରହିବ ନାହିଁ।

**କୁମ୍ଭ**
ଶନିଙ୍କ ବଳବାନତ୍ୱ ହେତୁ ଉପଯୁକ୍ତ ଚିକିତ୍ସା କରିବା ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁ ମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି । ଶତଭିଷା ନକ୍ଷତ୍ରର ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ**
ସାଧାରଣ କଥାକୁ ଅତିରଞ୍ଜିତ କରି ପରିବାର ଭିତରେ ଅଯଥା ବ୍ୟସ୍ତତାଜନିତ ସମାଲୋଚିତ ହେବେ। ପରିସ୍ଥିତି ବଶତଃ ଧାର କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହୋଇପାରନ୍ତି । ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ ମଳ ଶୁକ୍ଲପକ୍ଷ ୫ମୀ ସୋମବାର, ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ରାଶିନକ୍ଷତ୍ର–ବିଶାଖା/ତୁଳା, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୮ମି. ଗତେ ଘ.୦୭.୧୫ମି. ମଧ୍ୟେ, ଘ.୦୮.୫୧ମି. ଗତେ ଘ.୧୧.୧୫ମି. ମଧ୍ୟେ, ରାତ୍ରି ଘ.୦୮.୦୩ମି. ଗତେ ଘ.୧୧.୧୫ମି. ମଧ୍ୟେ, ଘ.୦୨.୨୭ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତବେଳା। ଦିବା ଘ.୦୭.୦୯ ମି. ଗତେ ଘ.୦୮.୩୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

କଟକ– ଭୁବନେଶ୍ୱର Twincity ର middle pointରେ walkable distanceରେ ବାସୋପଯୋଗୀ ଘରବାରି plot ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438362273. D-69169

Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099. D-69165

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

Plot sale near AIIMS Hospital, Bhubaneswar with 30' road, 9439206202. D-69161

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

ଫୁଲନଖରା– ନିଆଳି bypass roadରେ ଥିବା Synergy Engg. Collegeର ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 6371200121. D-69170

**GENERAL SALE**

1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.
2. Verna Vehicle (vehicle No. OD02AX7761) Registered on 31.08.2018.
3. Bolero Pickup (vehicle No. OR02BZ9485) registered on 28.08.2012.
4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801. D-18256

**healthcare**

Herbal full body massage by smart / expert therapist. Contact: 8338067247. D-69752

Rejuvenate and Ayurvedic full body massage by smart therapist. 9348123330. D-69750

Get good massage for your health the best therapy SPA station. 7655024727, 8118079281. D-69542

Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

Newly open spa centre smart therapist body massage, Bamikhal, 7205187702. D-59960

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open full body massage SPA in Bhubaneswar. Contact: 7205058838. D-69749

Newly open spa centre smart therapist body massage, Rasulgarh: 7846814019. D-59959

Refresh your mind and soul with best therapy at Orchid Salon/ Spa, 9937287222. D-69546

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୪୮ ପଜିଟିଭ୍

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ୧୪୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୭୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍ଙ୍କ ମଧ୍ୟରେ ବାଲିଅନ୍ତା ୨୩, ବାଲିପାଟଣା ୯, ଭୁବନେଶ୍ୱର ବ୍ଲକ ୨୨, ଜଟଣୀ ୨୧, ଖୋର୍ଦ୍ଧା ବ୍ଲକ ୧୮, ବେଗୁନିଆ ୧୭, ବୋଲଗଡ଼ ୭, ଟାଙ୍ଗୀ ୮, ଚିଲିକା ୧୦ ଏବଂ ବାଣପୁରର ୧୩ଜଣ ରହିଛନ୍ତି। ରବିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୮୭୧୫ଜଣ ସଂକ୍ରମିତ ହୋଇଛନ୍ତି। ସେଥିରୁ ୭୩୨୭ଜଣ ସୁସ୍ଥ ହୋଇଥିବା ବେଳେ ୧୩୫୧ଜଣ ସକ୍ରିୟ ରହିଛନ୍ତି। ୩୭ଜଣଙ୍କ ମୃତ୍ୟୁ ହୋଇଛି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଏସ୍‌ସିବିରେ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ବିଳମ୍ବ ହେବ

କଟକ ଅଫିସ,୨୦।୯: ଏସ୍‌ସିବିରେ ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାରେ କିଛିଦିନ ବିଳମ୍ବ ଘଟିବ। ଏହା ଆସନ୍ତା ୨୧ ତାରିଖରେ ଲୋକାର୍ପଣ ହେବାର ଥିଲା। କିନ୍ତୁ ୬ଦିନ ପରେ ଏହା ଲୋକାର୍ପଣ ହେବ ବୋଲି ବିଭାଗ ପକ୍ଷରୁ ସୂଚନ ମିଳିଛି। ରବିବାର ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସିଥିଲା। ଏଥିରେ ଆର୍‌ଡିସି ଅନିଲ କୁମାର ସାମଲ ଅଧକ୍ଷତା କରିଥିବାବେଳେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷ ଡା. ଦଣ୍ଡେଶ୍ୱର ହୋତା ଏବଂ କେତେଜଣ ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ। ପ୍ରସ୍ତାବିତ ହସ୍ପିଟାଲ କିଭଳି ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ, ରୋଗୀ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଥିଲେ ବି ସଂପ୍ରସାରିତ ଆଇସିୟୁ ବେଡ୍ ପାଇଁ କିଛି କାମ ବାକି ରହିଛି। ତେଣୁ ଏହା ଆଉ ପ୍ରାୟ ୫ରୁ ୬ ଦିନ ଲାଗିପାରେ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ଏହା ବ୍ୟତୀତ ଅକ୍ସିଜେନ ଯୋଗାଣ ଏବଂ ଅନ୍ୟାନ୍ୟ କିଛି କାମ ମଧ ବାକି ରହିଥିବା ଜଣାପଡ଼ିଛି।

### ଜରାୟୁ ମୁଖ ଗହ୍ୱର କର୍କଟ ସଂକ୍ରାନ୍ତ ୱେବିନାର

କଟକ ଅଫିସ,୨୦।୯: ମହିଳାମାନେ ଜରାୟୁ, ଡିମ୍ବାଶୟ ଓ ସ୍ତନ କର୍କଟ ରୋଗରେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ। ତେଣୁ ସଚେତନତା ବୃଦ୍ଧି ପାଇଲେ ଏହି ରୋଗକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ଏ ନେଇ କେରଳସ୍ଥ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ସୋସାଇଟି ପକ୍ଷରୁ ରବିବାର ଜରାୟୁ ମୁଖ ଗହ୍ୱର କର୍କଟ ରୋଗ ସଂକ୍ରାନ୍ତ ଏକ ୱେବିନାର ଆୟୋଜିତ ହୋଇଯାଇଛି। ଏଥିରେ ଓଡିଶାରୁ ବହୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଯୋଗଦେଇଥିଲେ। ସେହିପରି ଆସନ୍ତା ୨୬ ତାରିଖରେ ଫଗ୍‌ସି (ଫେଡେରେଶନ ଫର୍ ଗାଇନିକ୍ ସୋସାଇଟି ଅଫ୍ ଇଣ୍ଡିଆ)ଓଡ଼ିଶା ଶାଖା ତରଫରୁ ଡିମ୍ବାଶୟ କର୍କଟ ରୋଗ ଉପରେ ଏକ ଅନ୍ତର୍ଜାତୀୟ ୱେବିନାର ହେବ। ଏହାକୁ ଓଡିଶା ରାଜ୍ୟ ଫଗ୍‌ସି ଅଙ୍କଲୋଜି (କର୍କଟ) ସୋସାଇଟିର ଅଧକ୍ଷା ଡା. ଭାଗ୍ୟଲକ୍ଷ୍ମୀ ନାୟକ ପରିଚାଳନା କରିବେ। ଡା.ନାୟକ କହିଛନ୍ତି ଯେ, ସାଧାରଣତଃ ଡିମ୍ବାଶୟ କର୍କଟ ବହୁ ବିଳମ୍ବରେ ଚିହ୍ନଟ ହୋଇଥାଏ। ଅଧିକାଂଶ ରୋଗୀ ଚିହ୍ନଟ ହେଲାବେଳକୁ ଷ୍ଟେଜ ୩କୁ ରୋଗର ଅବସ୍ଥା ଆସିଯାଇଥାଏ। ଏହି ରୋଗରେ ପୀଡ଼ିତଙ୍କ ଆରୋଗ୍ୟ ହାର ଖୁବ୍ କମ୍। ତେଣୁ ସଚେତନତା ହିଁ ଏଥିପାଇଁ ମୁଖ୍ୟ କବଚ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

#### ହତ୍ୟା ଅଭିଯୋଗ ଆଣିଲେ ବଡ଼ଭାଇ

କଟକ ସଦର,୨୦।୯(ଡି.ଏନ୍.ଏ.): କଟକ ସଦର ଥାନା ଅଧୀନ ମହୁରା ଗ୍ରାମର ନିଖୋଜ ଥିବା ସୌମେନ୍ଦ୍ର ଦାସ(୪୨)ଙ୍କ ମୃତଦେହକୁ ପୋଲିସ ରବିବାର ସିମଳ ଗହିରରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ସୌମେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବଡ଼ଭାଇ କ୍ଷୀରୋଦ ଦାସ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୪୮୫/୨୦)ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୌମେନ୍ଦ୍ର ଶୁକ୍ରବାର ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ସୌମେନ୍ଦ୍ରଙ୍କ ନିଖୋଜ ସମ୍ପର୍କରେ ଥାନାରେ ଜଣାଇଥିଲେ। ପୋଲିସ ତଦନ୍ତ ପାଇଁ ଗାଁକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ଗୋଟିଏ ପରିବାର ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲା। ଫେରିବା ବେଳେ ପୋଲିସ ରାସ୍ତାରେ ଫେରାର ପରିବାରର ୨ଜଣଙ୍କୁ ଧରିବା ସହ ମହେନ୍ଦ୍ରଙ୍କ ମୃତଦେହ ଗହିରରେ ପଡ଼ିଥିବା ଜାଣିବାକୁ ପାଇଥିଲେ।

# ଘୋଷଣାରେ ରହିଯିବ 'ଗାନ୍ଧୀ ସର୍କିଟ'

## ହୋଇପାରିବନି ଗାନ୍ଧୀ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ଚଳିତବର୍ଷ କେବଳ ପାଳନରେ ସୀମିତ ରହିଯିବ ସରକାରଙ୍କ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହକୁ ମହାସମାରୋହର ସହ ଆୟୋଜନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ହୋଇଥିଲେ। ହେଲେ ଏବେ କୋଭିଡ୍ ବାହାନା ଦେଖାଇ ସେସବୁକୁ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି କେବଳ ଘୋଷଣାରେ ସୀମିତ ରହିଥିବା ବହୁ ପ୍ରତୀକ୍ଷିତ 'ଗାନ୍ଧୀ ସର୍କିଟ୍' ଏବର୍ଷ ବାସ୍ତବ ରୂପ ନେବ ବୋଲି ଆଶା କରାଯାଉଥିଲା। ହେଲେ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆସନ୍ତା ଅକ୍ଟୋବର ସୁଦ୍ଧା ଏହା ହେବା ସମ୍ଭବ ନୁହେଁ।

ମହାତ୍ମା ଗାନ୍ଧୀଙ୍କ ଓଡିଶା ଗସ୍ତକୁ ଉଜ୍ଜୀବିତ ରଖିବା ପାଇଁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୫ରେ ଗାନ୍ଧୀ ସର୍କିଟ୍‌ର ପରିକଳ୍ପନା କରାଯାଇଥିଲା। ମୃତ୍ୟୁ ପୂର୍ବରୁ ଗାନ୍ଧିଜୀ ଓଡିଶାର ଯେଉଁସବୁ ସ୍ଥାନକୁ ଆସିଥିଲେ ତାହାକୁ ଏକାଠି କରି 'ଗାନ୍ଧୀ ସର୍କିଟ୍' କରିବାକୁ ବ୍ୟାପକ ଆଲୋଚନା ସହ ପ୍ରକ୍ରିୟା ମଧ ହୋଇଥିଲା। ଗୁଜରାଟର ଏକ ପ୍ରତିନିଧି ଦଳ ଓଡିଶା ଗସ୍ତକରି ଭିତ୍ତିଭୂମି ବୁଲି ଦେଖିଥିଲେ। ସେସବୁ ସ୍ଥାନର ବିକାଶ ଲାଗି ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବ ବୋଲି ସରକାରଙ୍କ ପକ୍ଷରୁ ବିଧାନସଭାରେ ବି ଘୋଷଣା କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଗାନ୍ଧୀ ଯେଉଁ ସ୍ଥାନକୁ ଆସିଥିଲେ ତାହା ଏବେ ବି ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି। କଟକର ସ୍ୱରାଜ ଆଶ୍ରମ, ତେଲଙ୍ଗାପେଣ୍ଠ, ପୁରୀ ଜିଲାର ବେରେବୋଇ ଏବଂ ବାଲିଅନ୍ତାକୁ ଏହି ସର୍କିଟରେ ଅନ୍ତର୍ଭୁକ୍ତ କରାଯାଇଥିବା ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଡେଲାଙ୍ଗର ବେରେବୋଇ ଏବଂ ବାଲିଅନ୍ତାର ନିକୁଞ୍ଜ ବିହାରୀର ଭିତ୍ତିଭୂମି ବିକାଶ ସହ ଟଙ୍କପାଣି ରୋଡ୍ ଅଞ୍ଚଳରେ ଗାନ୍ଧିଜୀଙ୍କ ୧୧ଟି ପ୍ରତିମୂର୍ତ୍ତି ସ୍ଥାପନା କରି ତାହାକୁ ଗାନ୍ଧୀ ସର୍କିଟ ସହ ଯୋଡ଼ିବାକୁ ମଧ ମନ୍ତ୍ରୀ ଘୋଷଣା କରିଥିଲେ। ଏଥିପାଇଁ ୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିଲେ ମଧ ଟଙ୍କାଟିଏ ଖର୍ଚ୍ଚ କରାଯାଇନାହିଁ। ବଜେଟରେ ବରାଦ କରାଯାଉଥିବା ଅର୍ଥକୁ ବିଭାଗଗୁଡ଼ିକ ଖର୍ଚ୍ଚ କରିପାରୁ ନଥିବାରୁ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିଥିଲେ ମଧ କିଛି ବି ଫରକ୍ ପଡୁନି।

ତେବେ ବିଭାଗ ପକ୍ଷରୁ ଏନେଇ କୁହାଯାଇଛି, ଓଡ଼ିଶାକୁ ଗାନ୍ଧୀ ଯେତେଥର ଆସିଥିଲେ ଓ ଯେଉଁ ସ୍ଥାନରେ ରହିଥିଲେ ସେଠାରେ ସଂପୃକ୍ତ ଜିଲାପାଳ ଓ ସଂସ୍କୃତି ଅଧିକାରୀଙ୍କ ମିଳିତ ଉଦ୍ୟମରେ ଚଳିତବର୍ଷ ଉତ୍ସବ ପାଳନ କରାଯିବ। ଅକ୍ଟୋବର ମାସର ସଂସ୍କୃତି ଚର୍ଚ୍ଚା ଓ ପୁସ୍ତକ ଚର୍ଚ୍ଚା ମଧ ମହାତ୍ମା ଗାନ୍ଧୀଙ୍କ ପାଇଁ ସମର୍ପିତ ହେବ। ତେବେ ସର୍କିଟ ଡେଷ୍ଟିନେଶନ କାର୍ଯ୍ୟ ଉଭୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମିଳିତଭାବେ କରିବେ ବୋଲି କୁହାଯାଇଛି।

### ଓଡ଼ିଶାରେ ଗାନ୍ଧୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୯୨୧ ମାର୍ଚ୍ଚରେ ପ୍ରଥମଥର ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସିଥିଲେ। କଟକ କାଠଯୋଡି ପଠାରେ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେଇ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ମଞ୍ଜି ବୁଣିଥିଲେ। ଏହାପରେ ସେ ଭଦ୍ରକ ଏବଂ ପୁରୀ ଜିଲା ବ୍ରହ୍ମପୁରରେ ଆୟୋଜିତ ବିଶାଳ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଫେରିଯାଇଥିଲେ। ସେହିଭଳି ୧୯୨୫ ଅଗଷ୍ଟରେ ଦ୍ୱିତୀୟଥର ଲାଗି କଟକ, ୧୯୨୭ ଡିସେମ୍ବରରେ ବାଲେଶ୍ୱର, ଭଦ୍ରକ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳ, ୧୯୨୮ରେ ଝାରସୁଗୁଡା ଏବଂ ସମ୍ବଲପୁର ଗସ୍ତ କରିଥିଲେ। ୧୯୩୪ରେ ଝାରସୁଗୁଡା, ସମ୍ବଲପୁର, ଭଦ୍ରକ, ପୁରୀର ବିଭିନ୍ନ ସଭାରେ ଯୋଗଦେଇ ପୁରୀରୁ କଟକ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ୧୯୩୮ ମାର୍ଚ୍ଚରେ ପୁରୀ ଗାନ୍ଧୀ ସେବା ସଂଘର ବାର୍ଷିକ ସମ୍ମିଳନୀ ଏବଂ ଶେଷଥର ଲାଗି ୧୯୪୬ରେ କଟକ ଏବଂ ବ୍ରହ୍ମପୁରରେ ଗାନ୍ଧୀ ଭାଷଣ ଦେଇଥିଲେ।

## ବାଇକ୍ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ନିରାକାରପୁର,୨୦।୯(ଡି.ଏନ୍.ଏ.):

ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଛାତ୍ରଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍ ବଜାରର ପ୍ରଦୀପ କୁମାର ପ୍ରଧାନ ଓରଫ ଗୁଡୁ(୨୧)। ସେ ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ତୃତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଗତ ୧୭ତାରିଖରେ ପ୍ରଦୀପ ପାରାଦୀପରୁ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ତାପଙ୍ଗ ଛକରେ ଭାରସାମ୍ୟ ହରାଇବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟ୍ରେନ୍ ଯାତ୍ରୀଙ୍କୁ ସୁରକ୍ଷା ଦେବ ହେଲ୍ପଲାଇନ ନଂ.୧୮୨

## ଆରପିଏଫର ୩୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ରେଳ ସୁରକ୍ଷା ବଳ (ଆରପିଏଫ୍)ର ୩୬ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଆରପିଏଫ ଥାନା ପକ୍ଷରୁ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆରପିଏଫ୍ ଆଇଜି ରାଜାରାମ, ଡିଆଇଜି ସି. ମାରାଣ୍ଡି, ଡିଏସ୍‌ସି ଏମ୍.ଏସ୍.ଏସ୍ ରାଓ ଏବଂ ସ୍ଥାନୀୟ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଅଧିକାରୀମାନେ ଯାତ୍ରୀ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ୧୮୨ ସିକ୍ୟୁରିଟି ହେଲ୍ପଲାଇନ୍ ବିଷୟରେ ଯାତ୍ରୀଙ୍କୁ ସଚେତନ କରିଥିଲେ। କୋଣାର୍କ, ଫଲକନୁମା ଏକ୍ସପ୍ରେକ୍ସରେ ଥିବା ପ୍ରାୟ ୧୨ଶହ ଯାତ୍ରୀଙ୍କୁ ସୁରକ୍ଷା ହେଲ୍ପ ଲାଇନ୍ ନମ୍ବର ୧୮୨ ବିଷୟରେ ସଚେତନ କରାଯାଇଥିଲା। ଟ୍ରେନରେ ହେଉଥିବା ଚୋରି, ଲୁଟ, ଚେନ୍ ଟାଣିବା, ନିଶା ଚାଲାଣ, ମହିଳାଙ୍କୁ ଅସଦାଚରଣ, ବିସ୍ଫୋରକ ପଦାର୍ଥ ନେବା ଆଦି କେହି ଦେଖନ୍ତି ତେବେ ଏହି ୧୮୨ ଟୋଲ ଫ୍ରି ନମ୍ବରକୁ ଜଣାଇପାରିବେ। କଲ୍ ଯିବାର କିଛି ସମୟ ପରେ ଆରପିଏଫ୍ ପକ୍ଷରୁ ପରବର୍ତ୍ତୀ ଷ୍ଟେଶନକୁ ଜଣାଇ ଦିଆଯିବ। ଟ୍ରେନଟି ସେଠାରେ ରହିବା ପରେ ଉକ୍ତ ବ୍ୟକ୍ତିଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯାତ୍ରୀଙ୍କୁ ସଚେତନ କରାଯାଇଛି। ଏହି ଟ୍ରୋଲ୍ ଫ୍ରି ନମ୍ବର ପୂର୍ବରୁ ଥିଲେ ମଧ ଯାତ୍ରୀମାନେ ଜାଣିପାରୁ ନ ଥିଲେ। ତେଣୁ ଏହାର ପ୍ରଚାର ପ୍ରସାର କରାଗଲେ ଲୋକେ ସୁବିଧା ପାଇବେ ବୋଲି ଆରପିଏଫ୍ ପକ୍ଷରୁ କୁହାଯାଇଛି। ଆଗକୁ ମଧ ଏହି ସୁରକ୍ଷା ନମ୍ବର ବିଷୟରେ ଯାତ୍ରୀଙ୍କୁ ସଚେତନ କରାଯିବ ବୋଲି କୁହାଯାଇଛି।







ଆର୍‌ପିଏଫ୍‌ର ୩୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଅଧିକାରୀମାନେ ଯାତ୍ରୀଙ୍କୁ ସଚେତନ କରୁଛନ୍ତି।

NATION TAX MARKET GST
COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA

ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ
ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼

No.S-13:- ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ' 2020 | ୧୫।୦୯।୨୦୨୦ |
| ୨ | ଜୁନ' 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ' 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ' 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ 'ଶୂନ୍ୟ' ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠର କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ଓଡ଼ିଶା ସରକାର, କଟକ

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021

# ଛାଡ଼ିଯାଇଥିବା ସାମଗ୍ରୀ ନେବାକୁ ଆସି ଧରାପଡ଼ିଲେ ୨ ଚୋର

- ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଘରୁ ଚୋରି, ବସ୍ତି ଯୁବକ ସମ୍ପୃକ୍ତ
- ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଲେ ଲୋକେ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ଲୁଟେରାଙ୍କ ପରେ ଏବେ ଚୋରମାନେ ସହରରେ ଉତ୍ପାତ କରୁଛନ୍ତି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୬ ରାଧାକୃଷ୍ଣ ତଳବସ୍ତିରେ ଆମ୍ବୁଲାନ୍ସ ଡ୍ରାଇଭର ସାଗର ସାମନ୍ତରାୟଙ୍କ ଘରୁ କଳାକନା ବୁଲାଇଛନ୍ତି। ତେବେ ଛାଡ଼ିଯାଇଥିବା କିଛି ସାମଗ୍ରୀ ନେବାକୁ ଆସିଥିବାବେଳେ ଧରାପଡିଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡିଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ଥାନାରେ ରଖି ର୍‍ୟାକେଟ ସମ୍ପର୍କରେ ଜାଣିବା ପାଇଁ ପଚରାଉରା କରୁଛି। ଅନ୍ୟପକ୍ଷରେ ଉକ୍ତ ରାତିରେ ସ୍ଥାନୀୟ ଅଞ୍ଚଳର ଅନ୍ୟ ୩ଜଣଙ୍କ ଘରୁ ଚୋରି ହୋଇଛି। ଏହି ଚୋରି ର୍‍ୟାକେଟରେ ଅଧିକାଂଶ ବସ୍ତିର ଯୁବକ ସାମିଲ୍ ଥିବା ପୋଲିସ ଜାଣିବାକୁ ପାଇଛି।

ଅଭିଯୋଗ ଅନୁଯାୟୀ,ସାଗର କ୍ୟାପିଟାଲ ହସ୍ପିଟାଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ରାଧାକୃଷ୍ଣ ତଳବସ୍ତିରେ ଏକାକୀ ରହୁଛନ୍ତି। ଶନିବାର ରାତିରେ ସେ କୌଣସି କାମରେ ଗାଁକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଚୋରମାନେ ତାଙ୍କ ଘର କବାଟ ତାଲା ତାଡ଼ି ଭିତରକୁ ପଶିଥିଲେ। ନଗଦ ୧୦ହଜାର ଟଙ୍କା, ଆସବାବପତ୍ର, ଏଲିଡ଼ି ଟିଭି ସହ ଘରେ ଥିବା ପ୍ରାୟ ୫୦ହଜାର ଟଙ୍କାର ସାମଗ୍ରୀ ଚୋରି କରିନେଇଥିଲେ। ତେବେ ତରବରିଆ ଭାବେ ଘର ଛାଡ଼ିବା ପୂର୍ବରୁ ଆଉ କିଛି ସାମଗ୍ରୀ ଛାଡି ଦେଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ସକାଳୁ ୨ଜଣ ଆସି ଗ୍ୟାସ୍ ସିଲିଣ୍ଡର ଓ ଅନ୍ୟ କିଛି ସାମଗ୍ରୀକୁ ଟ୍ରଲିରେ ଲଦି ନେଉଥିଲେ। ସ୍ଥାନୀୟ ଲୋକେ ଏହାଦେଖି ସେମାନଙ୍କୁ କାବୁ କରିବା ପରେ ପ୍ରବଳ ମାଡ଼ ମାରିଥିଲେ। ଥାନାକୁ ଖବର ଦେବା ପରେ ପିସିଆର ପୋଲିସ ପହଞ୍ଚି ସେମାନଙ୍କୁ ଧରିନେଇଥିଲା।

# ବେଡ୍‌ରୁମ୍‌ରେ ପଶି ମାଡ଼ ମାରିଲା ପୋଲିସ

## ଭିଡିଓ ଭାଇରାଲ

ପୁରୀ ଅଫିସ,୨୦।୯:

ପୁରୀ ପୋଲିସର ଦବଙ୍ଗଗିରିକୁ ନେଇ ଏବେ ସହରରେ ଚର୍ଚ୍ଚା। ଜଣେ ବ୍ୟକ୍ତିଙ୍କୁ ନେବା ପାଇଁ ପୋଲିସ ତାଙ୍କ ଘରକୁ ଯାଇଥିଲା। ମାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ବେଡ୍‌ରୁମ୍‌ରେ ପଶି ତାଙ୍କୁ ମାଡ଼ ମାରିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

ଟାଉନ ଥାନା ଅନ୍ତର୍ଗତ ଚୁଡ଼ଙ୍ଗସାହିରେ ଘଟିଛି ଏଭଳି ଏକ ଘଟଣା। ଜମିବାଡ଼ିକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ ବିବାଦ ଚାଲିଛି। ଜଣେ ଭାଇର ଅଭିଯୋଗକ୍ରମେ ଅନ୍ୟ ଜଣେ ଭାଇକୁ ଥାନାକୁ ଆଣିବାକୁ ଟାଉନ ଥାନାର ଜଣେ ଏଏସ୍‌ଆଇ ଏବଂ କନଷ୍ଟେବଲ ତାଙ୍କ ଘରେ ପହଞ୍ଚିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କର ନାବାଳିକା ଝିଅ ଛାଡ଼ି ନ ଥିଲେ। ବାପାଙ୍କୁ କାହିଁକି ବିନା ଦୋଷରେ ଥାନାକୁ ନେବ କହି ଜାବୁଡ଼ି ଧରିଥିଲେ। ଏହି ସମୟରେ ପୋଲିସ କର୍ମଚାରୀ ଦ୍ୱୟ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏପରି କି ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଡ଼ ମାରୁଥିବାବେଳେ ତାଙ୍କ ଝିଅ 'ସାର୍ ଆପଣଙ୍କୁ ହାତ ଯୋଡୁଛି' ବୋଲି ନେହୁରା ହେଉଥିବା ଭିଡିଓରୁ ଶୁଣିବାକୁ ମିଳୁଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବଡ଼ ଭାଇ ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟକୁ ବିରୋଧ କରିଛନ୍ତି। ଘରେ ପଶି ସାନଭାଇ ଓ ତାଙ୍କ ନାବାଳିକା ଝିଅକୁ ମାଡ଼ ମରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ କେସ୍ କରିବେ ବୋଲି ରବିବାର ଗଣମାଧ୍ୟମ ଆଗରେ କହିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ଉପେନ୍ଦ୍ର ନାଥ ବେହେରାଙ୍କୁ ପଚାରିବାରେ କହିଛନ୍ତି, ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଖବର ପାଇବା ପରେ ପୋଲିସ ପହଞ୍ଚି ସେମାନଙ୍କୁ ଅଲଗା କରୁଥିଲା। ପୋଲିସର ଏହା ଦବଙ୍ଗଗିରି ନୁହେଁ। ଅନ୍ୟପକ୍ଷରେ ଜନତାର ବନ୍ଧୁ ହୋଇ ପୋଲିସ କାମ କରିବ ବୋଲି ବରିଷ୍ଠ ଅଧିକାରୀମାନେ ବାରମ୍ବାର କହୁଛନ୍ତି, ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ତୃଣମୂଳସ୍ତରରେ ଅନେକ ପୋଲିସ ଅଛନ୍ତି ଯେଉଁମାନେ ନିରପେକ୍ଷ ହୋଇପାରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ଏହିଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଛି ବୋଲି କୁହାଯାଉଛି।

NATIONAL HEALTH MISSION
ଜାତୀୟ କୃମିନାଶକ ଔଷଧ ସେବନ ଅଭିଯାନ
୨୧ ରୁ ୨୬ ସେପ୍ଟେମ୍ବର, ୨୦୨୦
DSPL-61

ଏହି ଅଭିଯାନରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଘରକୁ ଘର ଯାଇ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ଚଳିତ ମାସ (ସେପ୍ଟେମ୍ବର) ୨୧ ରୁ ୨୬ ତାରିଖ ମଧ୍ୟରେ ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

ଏହି ଅଭିଯାନ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0015/2021

ସମୁଦ୍ରରେ ଜାହାଜ ବୁଡ଼ିଗଲା ବେଳେ, ଯେତେବେଳେ ମୋ ଛଡ଼ା ସମସ୍ତେ ବୁଡ଼ିମଲେ- ସେତେବେଳେ ଭଗବାନଙ୍କ କୃପାରୁ ମୁଁ କେବଳ ରକ୍ଷା ପାଇଗଲି ଏବଂ ଅନ୍ୟପକ୍ଷରେ ଏକଥା ବି ସତ ଯେ, ଜାହାଜ ଜଳମଗ୍ନ ହେଲାବେଳେ ସମସ୍ତେ ରକ୍ଷାପାଇଗଲେ। କିନ୍ତୁ ଭଗବାନ ମୋ ହାତରୁ ଶେଷ ଆଶ୍ରୟଟି ଛଡ଼ାଇ ନେଲେ ଓ ମୁଁ ବୁଡ଼ିଗଲି। ଏହା ମଧ୍ୟ ଭଗବାନଙ୍କ କୃପା ବୋଲି ଧରିବାକୁ ହେବ। -ଶ୍ରୀଅରବିନ୍ଦ

# କଟକଣା, କଟକଣା

ହିନ୍ଦୀ ଟେଲିଭିଜନ ଚ୍ୟାନେଲ ସୁଦର୍ଶନ ନ୍ୟୁଜରେ ପ୍ରସାରିତ 'ବିନ୍ଦାସ ବୋଲ' କାର୍ଯ୍ୟକ୍ରମ ଉପରେ ଏବେ ସୁପ୍ରିମକୋର୍ଟ କଟକଣା ଲଗାଇଛନ୍ତି। ଭାରତୀୟ ସିଭିଲ ସର୍ଭିସରେ ମୁସଲମାନଙ୍କ ଅନୁପ୍ରବେଶକୁ 'ୟୁପିଏସ୍‌ସି ଜିହାଦ' ବା 'ବ୍ୟୁରୋକ୍ରାସି ଜିହାଦ' ନାମ ଦିଆଯାଇ ଏକ ବିବାଦୀୟ କାର୍ଯ୍ୟକ୍ରମ ପ୍ରସାରଣ ହେବା ପରେ ସର୍ବୋଚ୍ଚ ଅଦାଲତ ଏପରି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୯ ସେପ୍ଟେମ୍ବରରେ ଏହି କାର୍ଯ୍ୟକ୍ରମ ପ୍ରସାରଣ ଲାଗି ସମ୍ପୃକ୍ତ ଚ୍ୟାନେଲ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ପାଇଥିଲା। କାର୍ଯ୍ୟକ୍ରମ ବିବାଦୀୟ ହେବା ପରେ ସୁପ୍ରିମକୋର୍ଟ ଏହାକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଲାବେଳକୁ ଏହାର ୪ଟି ଏପିସୋଡ ପ୍ରସାରଣ ହୋଇସାରିଥିଲା ଏବଂ ୧୦ଟି ଏପିସୋଡ ପ୍ରସାରଣ ବାକି ଅଛି। ତେବେ ୧୮ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିଥିଲେ ଯେ, ଏକ ସମ୍ପ୍ରଦାୟର ମର୍ଯ୍ୟାଦା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଭଳି ସାମ୍ବାଦିକତାର ସ୍ୱାଧୀନତା ଅଛି। ଏହାପରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦେଇ କହିଛନ୍ତି ଯେ, ଗଣମାଧ୍ୟମକୁ ନିୟନ୍ତ୍ରଣ କରାଯିବାକୁ ହେଲେ ପ୍ରଥମେ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରାଯାଉ। କାରଣ ଡିଜିଟାଲ ମିଡିଆ ବା ସୋସିଆଲ ମିଡିଆ ତୀବ୍ର ଓ ତ୍ୱରିତ ଗତିରେ ଖବର ବା ମନ୍ତବ୍ୟ ପ୍ରସାରଣ କରିପକାଉଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, କେନ୍ଦ୍ରରେ ମୋଦି ସରକାର ୨୦୧୪ରେ କ୍ଷମତାସୀନ ହେବାରେ ସୋସିଆଲ ମିଡିଆର ପ୍ରବଳ ମାତ୍ରାର ସାହାରା ନେଇଥିଲା। ଏବେ ଯେତେବେଳେ ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମର ବିଫଳତା ଚାରିଆଡେ ସେହି ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେଉଛି ସେତେବେଳେ କେନ୍ଦ୍ର ସରକାର ସ୍ୱାଭାବିକ ଭାବେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ପାରମ୍ପରିକ ଗଣମାଧ୍ୟମ ଉପରେ ସରକାର ନିୟନ୍ତ୍ରଣ ରଖିବା ଅତ୍ୟନ୍ତ ସହଜ। ଅନ୍ୟପକ୍ଷରେ ସୋସିଆଲ ମିଡିଆ ଉପରେ ଲଗାମ ଲାଗିପାରୁନାହିଁ। କାରଣ ଏହାର ନିର୍ଦ୍ଦିଷ୍ଟ ମାଲିକ କୌଣସି ନିର୍ଦ୍ଦିଷ୍ଟ ଦେଶ ଭିତରେ ସୀମିତ ନାହିଁ। ବିଶ୍ୱବ୍ୟାପୀ ଏହାର ଉପସ୍ଥିତି ରହିଥିବାରୁ ଏହା ଉପରେ କିଭଳି କଟକଣା ଲଗାଯାଇ ପାରିବ ତା କେନ୍ଦ୍ର ସରକାରଙ୍କ ମୁଣ୍ଡକୁ ଜୁଟୁନାହିଁ। ସେଥିପାଇଁ ଅଦାଲତକୁ ବ୍ୟବହାର କରି ନିଜର ଅଳିଆ କାମ କରାଇବାକୁ ଚାହିଁଛନ୍ତି।

ବାସ୍ତବରେ ଦେଖିଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ସତ୍ୟପାଠ ଅନୁଯାୟୀ ସୋସିଆଲ ମିଡିଆ ଉପରେ କଟକଣା ଜାରି କରାଯିବା ଲାଗି କୁହାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ସରକାରଙ୍କୁ ସୁହାଇଲା ଭଳି କାର୍ଯ୍ୟକ୍ରମ ପ୍ରସାରଣ କରୁଥିବା ମିଡିଆକୁ ଗେହ୍ଲା ପୁଅ ଭଳି ବ୍ୟବହାର ଦେଖାଯାଉଛି। ସମ୍ଭବତଃ ସୁଦର୍ଶନ ନ୍ୟୁଜ କାର୍ଯ୍ୟକ୍ରମ ୟୁପିଏସ୍‌ସି ଜେହାଦ ପ୍ରସାରଣ ସରକାରରେ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ଭଲ ଲାଗିଛି। ତାହା ନ ହୋଇଥିଲେ କଣ୍ଟେଣ୍ଟ ବା ବିଷୟବସ୍ତୁ ଜାଣି ମଧ୍ୟ କେନ୍ଦ୍ର ସରକାର ଉକ୍ତ କାର୍ଯ୍ୟକ୍ରମ ପ୍ରସାରଣ ଲାଗି ଅନୁମତି ଦେଇଥିଲେ। ଏଭଳି ଚିନ୍ତାଧାରା ରହିଲେ ଗଣତନ୍ତ୍ରର ମୃତ୍ୟୁ ଘଟିବ। ଆଜିର ସମୟରେ ଦର୍ଶକ କାର୍ଯ୍ୟକ୍ରମକୁ ଦେଖିଲେ ବା କୌଣସି ଗଣମାଧ୍ୟମରେ ଫେକ ନିଉଜ ବା ମିଥ୍ୟା ଖବର ପ୍ରକାଶ ପାଇଲେ ତାହାକୁ ସହଜରେ ଜାଣିପାରୁଛନ୍ତି। ସାଧାରଣ ନାଗରିକଙ୍କୁ ବୋକା ଭାବିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଉପଭୋକ୍ତାଙ୍କ ଆଗରେ ପରଷା ଯାଉଥିବା ବିଷୟ ଅବିଶ୍ୱାସ ମନେ ହେଲେ ତାହା ଦୀର୍ଘଦିନ ତିଷ୍ଠି ପାରିବ ନାହିଁ। ଏବେର ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପ ବିଶେଷ କରି ବମ୍ବେ ଫିଲ୍ମ ଜଗତର ଉଦାହରଣ ଦେଖିଲେ ଅନେକ କଥା ଆଲୋଚନା ପରିସରକୁ ଆସିଯାଉଛି। ଆଜିଯାଏ ବମ୍ବେ ଫିଲ୍ମ ଜଗତରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ଦେଖାଦେଲା ଭଳି ପରିସ୍ଥିତି ଉପୁଜିନାହିଁ। ସେହିଭଳି ଜଣେ କଳାକାରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସିନେମା ଶିଳ୍ପ ବଦନାମ ହୋଇ ନ ଥିଲା। ସୁଶାନ୍ତ ସିଂ ରାଜପୁତ ତଥା ଏସଏସଆରଙ୍କ ଆତ୍ମହତ୍ୟା ନିଶ୍ଚିତ ଭାବେ ସିନେପ୍ରେମୀଙ୍କୁ ଦୁଃଖ ଦେଇଛି। ସେଭଳି ଜଣେ ପ୍ରତିଷ୍ଠିତ ଅଭିନେତାଙ୍କ ମୃତ୍ୟୁରହସ୍ୟ ସାଧାରଣରେ ଜଣାପଡି ନ ଥିବାରୁ ଏହା ନିଶ୍ଚିତ ଭାବେ ପୋଲିସ ତଦନ୍ତ ଯୋଗ୍ୟ ଘଟଣା ଭାବେ ରହିବା କଥା। କିନ୍ତୁ ସେଥିରେ ରିଆ ଚକ୍ରବର୍ତ୍ତୀ, ତାଙ୍କ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ଅନୁରାଗ କାଶ୍ୟପ, କରନ ଜୋହରଙ୍କ ଭଳି ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଟଣାଯିବା ଦ୍ୱାରା ବମ୍ବେ ଚଳଚ୍ଚିତ୍ର ଜଗତକୁ ଧ୍ୱଂସ ଆଡକୁ ଠେଲି ଦିଆଯାଉଛି। ଗଞ୍ଜେଇ ଟାଣିବା ଅଭିଯୋଗରେ ରିଆଙ୍କୁ ଜେଲ ପଠାଗଲା। ଅନ୍ୟପଟେ ଭାରତର କୋଣଅନୁକୋଣରେ ଗଞ୍ଜେଇ ଟାଣୁଥିବା ସାଧୁମାନଙ୍କୁ ସେହିଭଳି ଜେଲ ପଠାଯାଇ ପାରିବ କି, ହେଉଛି ପ୍ରଶ୍ନ। ଅନ୍ୟପକ୍ଷରେ କଙ୍ଗନା ରାଣାଓ୍ୱତ ଯେଭଳି ଭାବେ ଏସ୍‌ଏସ୍‌ଆର୍ ମାମଲାକୁ ବଡ ଆକାର ଦେଇ ଦେଶବ୍ୟାପୀ ଏକ ପ୍ରସଙ୍ଗ କରି ଦେଇଛନ୍ତି ତାହା ଦ୍ୱାରା ତାଙ୍କ ନିଜର ସିନେମା କ୍ୟାରିୟରକୁ ଧ୍ୱଂସ କରିଦେଲା ଭଳି ମନେ ହେଉଛି। ଅବଶ୍ୟ ତାଙ୍କୁ ମତାଇବାରେ ପ୍ରଚ୍ଛଦପଟରେ ଥିବା ଶକ୍ତି ସେହିଭଳି ବିରାଟକାୟ ହୋଇଥିବେ। ସମସ୍ତେ ଜାଣନ୍ତି ଯେ ଭାରତୀୟ ଚଳଚ୍ଚିତ୍ର ଇଣ୍ଡୋନେସିଆଠାରୁ ଆରମ୍ଭ କରି ୟୁରୋପ ଓ ଆଫ୍ରିକୀୟ ଦେଶରେ ବେଶ ଲୋକପ୍ରିୟତା ଅର୍ଜନ କରି ଆସିଛି। ଏକଦା ରାଜ କପୁରଙ୍କ ଚଳଚ୍ଚିତ୍ର ସୋଭିଏତ୍ ରୁଷିଆରେ ଏଭଳି ଚର୍ଚ୍ଚିତ ହୋଇଥିଲା ଯେ, ବିଦେଶରେ ଭାରତୀୟ ଅଭିନେତାଙ୍କ ଉଚ୍ଚକୋଟୀର ଅଭିନୟ ପ୍ରଶଂସିତ ହୋଇଆସୁଛି। ହେଲେ ଏବେ ଏହି ଶିଳ୍ପ ପଛରେ ଡାହାଳ କୁକୁର ଲଗାଇ ଦିଆଗଲା।

ସମଗ୍ର ବିଶ୍ୱରେ ସୋସିଆଲ ମିଡିଆର ସ୍ୱାଧୀନତା ଏବଂ କାଟ୍‌ତି ବୃଦ୍ଧି ପାଉଥିବାବେଳେ ଭାରତର କେନ୍ଦ୍ର ସରକାର ତାହା ଉପରେ କଟକଣା ଲଗାଇବାକୁ ଉଦ୍ୟମ କରୁଥିବା ଅତ୍ୟନ୍ତ ନିନ୍ଦନୀୟ। ଭାରତର ସମ୍ବିଧାନରେ ଜନସାଧାରଣଙ୍କୁ ବାକ୍‌ସ୍ୱାଧୀନତା ପ୍ରଦାନ କରାଯାଇଛି। ସେହି ସ୍ୱାଧୀନତାରୁ ଜନ୍ମ ନେଇଛି ଗଣମାଧ୍ୟମ। ଯଦି ନ୍ୟାୟାଳୟକୁ ବ୍ୟବହାର କରି ଗଣମାଧ୍ୟମର କଣ୍ଠରୋଧ କରାଯାଏ, ତେବେ ତାହା ଭାରତୀୟ ସମ୍ବିଧାନକୁ ଧ୍ୱଂସ କରିବାର ଏକ ବିରାଟ ପଦକ୍ଷେପ ଭାବେ ବୁଝାପଡ଼ିବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ସେପ୍ଟେମ୍ବର ୧୯୯୫**

- ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ ଓ ସଂପ୍ରସାରିତ କରିବାର ଲକ୍ଷ୍ୟ ନେଇ ଭାରତ ଏବଂ ତୁର୍କମେନିସ୍ତାନ ମଧ୍ୟରେ ୫ଟି ରାଜିନାମା ସ୍ୱାକ୍ଷରିତ।
- ଓଡ଼ିଶାର ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କୁ ଓଡ଼ିଶା ଲଳିତକଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ପ୍ରଦାନ କରାଯାଇଛି।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | 0 | | 5 | | | 3 | | | | | | A |
| 9 | D | | | | | | C | 4 | | | | | | |
| B | E | | 1 | | 2 | D | | 6 | | 7 | | | | |
| | | 5 | | | | | | E | | 9 | | 7 | | |
| 2 | | 0 | A | | 9 | | B | | 4 | | | | | |
| | | | | | | 3 | | C | | 1 | | | 7 | |
| | | | 3 | | D | 0 | 9 | | | | | | E | |
| | | 7 | | | 1 | | 6 | | 0 | | 2 | 8 | | |
| | 3 | | 6 | | | | | | | 4 | A | | | 5 |
| | 6 | | 5 | | B | 8 | E | 1 | | | | A | 0 | 4 |
| | | | 2 | D | 0 | A | 5 | | E | | | | | |
| | | 2 | | | | | 3 | 7 | 9 | | D | | 4 | |
| | A | | | | C | 4 | | | | B | | | | 3 |
| 6 | | B | | 1 | | | | | | | | | | C |
| E | | C | | 3 | | | | | 2 | | | | B | 9 |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | D | B | 7 | A | 9 | E | 0 | 4 | 2 | 5 | C | 3 | 1 |
| B | 2 | 9 | 3 | 6 | 0 | 1 | 4 | C | D | A | 8 | 7 | 5 | E |
| E | 3 | 0 | 1 | 8 | 4 | 5 | D | 2 | C | 7 | B | 9 | 6 | A |
| 5 | 1 | A | 2 | C | E | 7 | 3 | B | 0 | 6 | 9 | 4 | D | 8 |
| C | 7 | 4 | D | 5 | 9 | 8 | 6 | A | 1 | E | 3 | 0 | B | 2 |
| 4 | E | 3 | 0 | 9 | 6 | C | 2 | 8 | 7 | 5 | D | A | 1 | B |
| D | B | 5 | 7 | 1 | 8 | E | 9 | 3 | A | 0 | 2 | 6 | 4 | C |
| 0 | C | 8 | E | A | 2 | 6 | 7 | 1 | 3 | B | 4 | 5 | 9 | D |
| A | 6 | 7 | C | 4 | 3 | B | 5 | D | 9 | 8 | 1 | E | 2 | 0 |
| 2 | 9 | 1 | 5 | D | B | 0 | A | 4 | E | C | 6 | 3 | 8 | 7 |
| 1 | A | E | 6 | 0 | D | 4 | 8 | 5 | 2 | 9 | C | B | 7 | 3 |
| 8 | 0 | B | A | 3 | 5 | D | 1 | E | 6 | 4 | 7 | 2 | C | 9 |
| 7 | 5 | 2 | 9 | B | C | 3 | 0 | 6 | 8 | 1 | E | D | A | 4 |
| 9 | D | 6 | 4 | 2 | 1 | A | C | 7 | B | 3 | 0 | 8 | E | 5 |
| 3 | 4 | C | 8 | E | 7 | 2 | B | 9 | 5 | D | A | 1 | 0 | 6 |

ଗତକାଲିର ଉତ୍ତର

# ଉନ୍ନତ କୃଷି ପରିସଂସ୍ଥାନର ନିର୍ମାଣ



ରାଜନାଥ ସିଂହ
ପ୍ରତିରକ୍ଷା ମନ୍ତ୍ରୀ

ସଂସଦର ଉଭୟ ଗୃହରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କୃଷି ବିଲ୍ ଏହା ମଧ୍ୟରେ ଗୃହୀତ ହୋଇଯାଇଛି। ଏଥିସହିତ କୃଷକମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ସହ ସେମାନଙ୍କ ଆୟ ବୃଦ୍ଧି ଓ ଜୀବନଧାରଣ ମାନରେ ଗୁଣାତ୍ମକ ଅଭିବୃଦ୍ଧି ଆଣିବା ଦିଗରେ ଆମେ ଆଉ ଏକ ପାଦ ଆଗକୁ ବଢ଼ିଛୁ। ଏହା ସେମାନଙ୍କୁ ସଶକ୍ତ କରିବା ସହ ବିଶ୍ୱ ବଜାରରେ ଭାରତର ସ୍ଥିତିକୁ ଜାହିର କରିବ ଓ ଦେଶ କୃଷିରେ ଆତ୍ମନିର୍ଭରଶୀଳ ହୋଇପାରିବ। ଗତ ୬ ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅକ୍ଳାନ୍ତ ଉଦ୍ୟମ ଓ ସଂକଳ୍ପ ଏବଂ ଦକ୍ଷ ନେତୃତ୍ୱ ଯୋଗୁ ଏହା ସମ୍ଭବ ହେବାକୁ ଯାଉଛି।

ଭାରତୀୟ କୃଷି ପାଇଁ ସଂସଦରେ ଏହି ଦୁଇଟି ବିଲ୍ ଗୃହୀତ ହେବା ଏକ ସ୍ମରଣୀୟ ଦିବସ। ଦେଶର କୃଷିକୁ ଏକ ଉଚ୍ଚତର ଅଭିବୃଦ୍ଧି ସ୍ତରରେ ପହଞ୍ଚାଇ ପାରିଥିବା ଯୋଗୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ମୁଁ ମଧ୍ୟ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଉଛି। କାରଣ ସେ ସଂସଦର ଉଭୟ ସଦନରେ ବିଲ୍‌ର ଆଭିମୁଖ୍ୟ ନେଇ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ପାରିଛନ୍ତି।

ଗତ କିଛି ବର୍ଷ ମଧ୍ୟରେ ଆମ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଅନେକ ସାହସିକ ପଦକ୍ଷେପ ନେଇଛନ୍ତି। ୬,୬୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଦେଶରେ ୧୦ ହଜାର ଏଫ୍‌ପିଓ ସୃଷ୍ଟି କରାଯିବ, ଯାହା କି କୃଷକମାନଙ୍କୁ ଏକ ଆତ୍ମନିର୍ଭରଶୀଳ ଗୋଷ୍ଠୀରେ ପରିଣତ କରିବ। ସେମାନେ ବଜାର ଓ ଆର୍ଥିକ ସୁବିଧା ପାଇବା ସହ ବୈଷୟିକ ଜ୍ଞାନକୌଶଳ ହାସଲ କରିପାରିବେ। କୃଷି ଭିତ୍ତିଭୂମି ପାଣ୍ଠି ଗଠନ ପାଇଁ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଇଛି। ଯାହାଦ୍ୱାରା ଗୋଷ୍ଠୀଭିତ୍ତିକ ଚାଷ କରାଯିବା ସହ ଅମଳ ପରବର୍ତ୍ତୀ ପଦକ୍ଷେପ ମାନ ସୂଚାରୁ ରୂପେ ତୁଲାଯାଇ ପାରିବ। ଆଗାମୀ ୨୦୨୨ ମସିହା ସୁଦ୍ଧା କୃଷି କ୍ଷେତ୍ରରେ ରପ୍ତାନିକୁ ୬୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ଜାତୀୟ କୃଷି ରପ୍ତାନି ନୀତିର ମଧ୍ୟ ପରିକଳ୍ପନା କରାଯାଇଛି।

ପିଏମ୍ କିଷାନ ଯୋଜନା ଅଧୀନରେ ୯୦ ହଜାର କୋଟିରୁ ଊର୍ଦ୍ଧ୍ୱ ଅର୍ଥ ପ୍ରତ୍ୟକ୍ଷ ଭାବେ କୃଷକମାନଙ୍କୁ ଦିଆଯାଇଛି, ଯାହା କି କୃଷକମାନଙ୍କ ଜୀବନଜୀବିକାର ନିରାପତ୍ତା ପାଇଁ ଏକ ବିଶେଷ ଆୟୁଧ ଭାବେ କାର୍ଯ୍ୟ କରିଛି। ଏବେ କରାଯାଉଥିବା ସଂସ୍କାର ଯଥା: The farmers produce trade and commerce (promotion and facilitation) Act 2020 and The Farmers (empowerment and protection) Agreement on Price Assurance and Farm Services Act, 2020, ଯୋଗୁ ଏକ ଅତ୍ୟାଧୁନିକ କୃଷି ଓ ବିଶ୍ୱସ୍ତରୀୟ ପରିବେଶଭିତ୍ତିକ କୃଷି ପଦ୍ଧତି ଅନୁସୃତ ହେବ; ଯାହା କି କୃଷକ, ଖାଉଟି, ପାଇକାରୀ, ପ୍ରସ୍ତୁତକାରୀ ଓ ଷ୍ଟାର୍ଟଅପ୍ ସମସ୍ତଙ୍କୁ ସୁହାଇବ।

କେତେକଙ୍କ ଧାରଣା ଯେ, ଏହି ସଂସ୍କାର ଯୋଗୁ କୃଷିଜାତ ସାମଗ୍ରୀର ସହାୟକ ମୂଲ୍ୟ କେବଳ ଏଫ୍‌ସିଆଇ ଭଳି କେନ୍ଦ୍ରୀୟ ସଂସ୍ଥା ହାତରେ ରହିବ ଓ ଏପିଏମ୍‌ସିଗୁଡ଼ିକ ବନ୍ଦ ହେବ ଏବଂ ଲାଭର ସିଂହଭାଗ ବହୁରାଷ୍ଟ୍ରୀୟ କମ୍ପାନୀ ଓ ବାଣିଜ୍ୟିକ ସଂଗଠନମାନଙ୍କ ହାତକୁ ଚାଲିଯିବ। ମାତ୍ର ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି ଯେ, ନ୍ୟୁନତମ ସହାୟକ ମୂଲ୍ୟ ବା ଏପିଏମ୍‌ସି ଇତ୍ୟାଦି ସବୁ ରହିବ ଏବଂ ଚାଷୀମାନେ ଯେପରି ଏହିସବୁ ଆଇନ ଯୋଗୁ କୌଣସି ହଇରାଣ ହରକତର ଶିକାର ନ ହୁଅନ୍ତି ସେଥିପାଇଁ କଠୋର ପଦକ୍ଷେପମାନ ଗ୍ରହଣ କରାଯାଇଛି। କେବଳ ତା' ନୁହେଁ ବରଂ ଏହି ସଂସ୍କାରଗୁଡ଼ିକ ପ୍ରବର୍ତ୍ତିତ ହେବା ଫଳରେ ପ୍ରତିଯୋଗିତା ଓ ଦକ୍ଷତା ବୃଦ୍ଧି ସହ କୃଷକମାନଙ୍କର ସ୍ୱକୀୟ ନିଷ୍ପତ୍ତି କ୍ଷମତା ମଧ୍ୟ ବୃଦ୍ଧି ପାଇବ। ଆସନ୍ତୁ ଚାଷୀମାନଙ୍କଠାରୁ ହିଁ ଆରମ୍ଭ କରିବା। ଏକ କୃଷକ ଉତ୍ପାଦନ ସଂଗଠନ କୃଷକମାନଙ୍କୁ ଅଧିକ ମୂଲଚାଲର କ୍ଷମତା ପ୍ରଦାନ କରିଥାଏ ଓ ସେମାନେ ସେଥିରୁ ଅଧିକ ଲାଭ ପାଇଥାନ୍ତି। ବର୍ତ୍ତମାନ ସୃଷ୍ଟି କରାଯାଇଥିବା କୃଷି ଭିତ୍ତିଭୂମି ପାଣ୍ଠି ଏବଂ ବଜାର ସଂସ୍କାର ଯୋଗୁ କୃଷକ ସଂଗଠନଗୁଡ଼ିକୁ ଅଧିକ ସୁବିଧାସୁଯୋଗ ମିଳିବ। ସେମାନେ ବର୍ତ୍ତମାନ କୃଷିଭିତ୍ତିକ ଯନ୍ତ୍ରପାତି, ଭିତ୍ତିଭୂମି ଓ ଅନ୍ୟାନ୍ୟ ବଜାର ସମ୍ପର୍କିତ ରାଜିନାମାରେ ନିଜକୁ ସାମିଲ କରିପାରିବେ। ଏହି ରାଜିନାମା ଫଳରେ ବୈଷୟିକ ଜ୍ଞାନ, ପୁଞ୍ଜିନିବେଶ ଇତ୍ୟାଦି ବଜାରର ଚାହିଦା ମୁତାବକ ବୃଦ୍ଧି ପାଇବ ଓ ଅଧିକ ଆୟବୃଦ୍ଧିରେ ମଧ୍ୟ ସହାୟକ ହେବ।

ମହାରାଷ୍ଟ୍ରର ସହ୍ୟାଦ୍ରୀ ଫାର୍ମ ପ୍ରଡ୍ୟୁସର କମ୍ପାନୀ ଲିମିଟେଡକୁ ଏକ ସଫଳ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ର ଉଦାହରଣ ଭାବେ ନିଆଯାଇପାରେ। ଏକ କ୍ଷୁଦ୍ର ଏଫ୍‌ପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଏହି ସଂଗଠନ ବର୍ତ୍ତମାନ ଭାରତର ସବୁଠାରୁ ଅଧିକ ଅଙ୍ଗୁର ବିଦେଶକୁ ରପ୍ତାନି କରୁଛି। ଏହି ଏଫ୍‌ପିଓ ଅଧୀନରେ ୮ ହଜାରରୁ ଅଧିକ ନାମମାତ୍ର ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ପ୍ରତି ଅଙ୍ଗୁର ଋତୁରେ ଏହା ୧୬,୦୦୦ ଟନ୍ ଅଙ୍ଗୁର ବିଦେଶକୁ ରପ୍ତାନି କରିଥାଏ। ଏହା କୃଷକମାନଙ୍କୁ ବଡ଼ ବଡ଼ ଆନ୍ତର୍ଜାତିକ କମ୍ପାନୀଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ ହାଇଟେକ ଭିତ୍ତିଭୂମି ସୁବିଧା ମଧ୍ୟ ପ୍ରଦାନ କରି କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଅନେକେ ପ୍ରଶ୍ନ କରିଥାନ୍ତି, ଏଭଳି ଶହ ଶହ ସହ୍ୟାଦ୍ରୀ ଭଳି ଫାର୍ମ କାହିଁକି ନାହିଁ। ଏହାର ମୁଖ୍ୟ କାରଣ ହେଲା ବର୍ତ୍ତମାନର ପରିସ୍ଥିତି ଏଥିପାଇଁ ଅନୁକୂଳ ନୁହେଁ ଓ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯାଇ ନାହିଁ। ବର୍ତ୍ତମାନ ନିଆଯାଇଥିବା ପଦକ୍ଷେପ ଓ ସଂସ୍କାର ବଳରେ ଆମେ ଆଗକୁ ଶତସହସ୍ର ଏହିଭଳି ସଫଳ କାହାଣୀର ସାମ୍ନା କରିବା ଓ ଅଧ୍ୟାଦେଶ ଜାରି ହେବାର ଗତ ୩/୪ ମାସ ମଧ୍ୟରେ ଯାହା ଏବେ ଦେଖୁଛେ ତାହା ଏକ ଅୟମାରମ୍ଭ ମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ବଜାର ସଂଯୋଗୀକରଣ ଉନ୍ନତ ହେଲେ ଆମ କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀର ବିପଣନ ମଧ୍ୟ ବ୍ୟାପକ ହେବ। ଦୀର୍ଘ ବର୍ଷ ହେଲା ଭାରତ ଧାନ, ଗହମ ଭଳି ଅନେକ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ ରହି ଆସିଛି ଓ ବର୍ଷ ପରେ ବର୍ଷ ଆମର ଏହି ସବୁ ସାମଗ୍ରୀ ବଳକା ରହୁଛି। ବଜାରର ଗତି ଓ ବିପଣନ ପଦ୍ଧତି ସମ୍ପର୍କରେ ସର୍ବଶେଷ ଓ ସଦ୍ୟତମ ଜ୍ଞାନ ହାସଲ ହେଲେ ଆମର ଚାଷୀଭାଇମାନେ ଗୋଟିଏ ଦୁଇଟି ଛାଡ଼ି ବିଭିନ୍ନ ପ୍ରକାର ଫସଲରେ ମନୋନିବେଶ କରିବା ସଙ୍ଗେ ସଙ୍ଗେ ଏହାର ଅଧିକ ବଜାର ଦର ପାଇବା ସହ ଆମଦାନୀ ଉପରେ ଆଉ ନିର୍ଭର କରିବେ ନାହିଁ। ଉଦାହରଣ ସ୍ୱରୂପ, ଘରୋଇ ଉତ୍ପାଦନ କମ୍ ଥିବାରୁ ଦେଶକୁ ବାର୍ଷିକ ୧୦ ଲକ୍ଷ ବିଲିୟନର ଅଧିକ ଡଲାର ମୂଲ୍ୟର ଖାଇବା ତେଲ ଆମଦାନୀ କରିବାକୁ ପଡୁଛି। ସେହିପରି ସ୍ୱାସ୍ଥ୍ୟବର୍ଦ୍ଧକ ଫଳ ଯଥା : କିୱି, ଆଭୋକାଡୋ ଭଳି ସୁସ୍ୱାଦୁ ମେକ୍ସିକୋ ଦେଶୀୟ ଫଳ ନିମନ୍ତେ ଆମକୁ ମୁଖ୍ୟତଃ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେବେ ଏହି ସଂସ୍କାର ବଳରେ ଚାଷୀମାନେ ମାର୍କେଟ ଓ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀ ହାସଲ କରି ବହୁମୁଖୀ ଫସଲ ନିଜ ବିଲରେ ଉତ୍ପାଦନ କରିପାରିବେ। ଏହା ଫଳରେ ଆମ ଦେଶରେ ଉପଲବ୍ଧ ହେଉ ନ ଥିବା ଅନେକ ପ୍ରଜାତିର ଫଳ ଉଚ୍ଚତର ଗବେଷଣା ଓ ଜ୍ଞାନ ବଳରେ ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବା ସହ ବିଦେଶର ରପ୍ତାନି ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

ଏହି ସଂସ୍କାର ବଳରେ କୃଷି ବ୍ୟବସାୟ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି ହେବ ଏବଂ ଉନ୍ନତ ଗୁଣର ସାମଗ୍ରୀ ସିଧାସଳଖ ଚାଷୀଙ୍କଠାରୁ କିଣାଯାଇ ପାରିବ; ଯାହା ଫଳରେ କୃଷି ବ୍ୟବସାୟ ଠିକ୍‌ଠାକ୍ ଚାଲିବା ସହ ଆମ ରପ୍ତାନିର ମାତ୍ରା ମଧ୍ୟ ବଢ଼ିବ ଓ ଖାଦ୍ୟ ପ୍ରକ୍ରିୟାକରଣକୁ ମଧ୍ୟ ପ୍ରୋତ୍ସାହନ ମିଳିବ। କେବଳ ସେତିକି ନୁହେଁ, କୃଷି ବ୍ୟବସ୍ଥା କ୍ଷେତ୍ରରେ ଚାଲି ଆସୁଥିବା ମଧ୍ୟସ୍ଥ ପ୍ରଥାର ବିଲୋପ ଘଟିବା ସହ ବ୍ୟବସାୟରେ ମଧ୍ୟ ଦକ୍ଷତା ବୃଦ୍ଧି ପାଇବ। ଉଦାହରଣ ସ୍ୱରୂପ ପଞ୍ଜାବ, ଉତ୍ତର ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର ୧ ହଜାରରୁ ଊର୍ଦ୍ଧ୍ୱ ଆଳୁ ବିହନ ଚାଷୀ ଉତ୍ପାଦନରେ ଶତକଡ଼ା ୧୦ରୁ ୩୦ ଭାଗ ଅଭିବୃଦ୍ଧି ଘଟିଲେ ଲାଭାନ୍ୱିତ ହେବେ ଏବଂ ଶତକଡ଼ା ୩୫ ଭାଗ ଆଇଟିସିର ଏକ ସଂସ୍ଥା ସହ ଅନୁମୋଦିତ ହେଲେ ପାଇବେ। କୃଷି ବିପଣନ ଦିଗରେ ଦେଶରେ ଏହି ପ୍ରକାର ଅନେକ ଉଦାହରଣ ରହିଛି। ନିକଟରେ ଫସାଇ ପକ୍ଷରୁ ଜାରି କରାଯାଇଥିବା ଏକ ବ୍ୟବସାୟିକ ତଥ୍ୟ ଅନୁସାରେ ଏ କ୍ଷେତ୍ରରେ ଆବେଦନକାରୀଙ୍କ ସଂଖ୍ୟା ବାର୍ଷିକ ଶତକଡ଼ା ୨୦ ପ୍ରତିଶତ ହିସାବରେ ବୃଦ୍ଧି ପାଉଛି। ଏହାକୁ ଯଦି ଉଦାହରଣ ଭାବେ ନିଆଯାଏ ତେବେ କୃଷି କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଅବଶ୍ୟମ୍ଭାବୀ ବୋଲି ଧରିନେବାକୁ ହେବ। ପାରମ୍ପରିକ କୃଷି ବ୍ୟବସାୟରେ ହେଉଥିବା ପୁଞ୍ଜି ବିନିଯୋଗକୁ ଛାଡ଼ି ବଜାର ସଂସ୍କାର ଯୋଗୁ ଆହୁରି ଅନେକ ବିଜନେସ୍ ମଡେଲ ମଧ୍ୟ ବିକଶିତ ହେବ। ଫାର୍ମ ପରିଚାଳନା ସେବା, ଗୁଣାତ୍ମକମାନ ନିର୍ଦ୍ଧାରଣ କେନ୍ଦ୍ର, ଗ୍ରେଡ -ଏ' ଯୁକ୍ତ ଶସ୍ୟ ଗୋଲା, ଡିଜିଟାଲ ମାର୍କେଟ ପ୍ଲେସ ବର୍ତ୍ତମାନ ପ୍ରାଥମିକ ସ୍ତରରେ ଥିଲେ ମଧ୍ୟ କମ୍ ଦିନ ମଧ୍ୟରେ ମୁଣ୍ଡ ଟେକି ଛିଡ଼ାହେବ। ଉଦାହରଣ ସ୍ୱରୂପ; ଟ୍ରାକ୍‌ସନ ନାମକ ଏକ ବିଶ୍ୱସ୍ତରୀୟ ସଂସ୍ଥା ପୁଞ୍ଜି ବିନିଯୋଗ ତଥ୍ୟ ଆହରଣ କରିବା ସହ ଏହାର ଗତିର ଅନୁଧାନ କରେ, ତାହା ଅନୁସାରେ ଫାର୍ମିଂ କ୍ଷେତ୍ରରେ ୨୦୧୮ ମସିହା ତୁଳନାରେ ୨୦୧୯ରେ ଆଗ୍ରିଟେକ ଷ୍ଟାର୍ଟଅପ୍ ସଂଖ୍ୟା ବୃଦ୍ଧି ପାଇଛି।

କୃଷି କ୍ଷେତ୍ରକୁ ମୁକ୍ତ କରାଗଲେ ନୂଆ ନୂଆ ବ୍ୟବସାୟିକ ମଡେଲ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ସହ ଲକ୍ଷ ଲକ୍ଷ ଚାଷୀଙ୍କୁ ଲାଭାନ୍ୱିତ କରାଇବ। ଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରବର୍ତ୍ତନ ଯୋଗୁ ଉତ୍ପାଦକତା ବୃଦ୍ଧି ପାଇବା ସହ ଅମଳ କାଳରେ ଓ ଅମଳ ସମୟରେ ବର୍ଜ୍ୟବସ୍ତୁ କମ୍ ବାହାରିବା ସହ ଡିଜିଟାଲ ପଦ୍ଧତି ଯୋଗୁ ବଜାର ସଂଯୋଗୀକରଣ ମଧ୍ୟ ଉନ୍ନତ ହେବ। ବିଶେଷକରି ବଜାର ସଂସ୍କାର ଯୋଗୁ କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇବ ଓ ଏହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସାହାଯ୍ୟ କରିବ। ଗତ ପାଞ୍ଚ ବର୍ଷ ହେବ କୃଷି କ୍ଷେତ୍ରରେ ମୂଳଧନ ପୁଞ୍ଜି ପରିମାଣ ଶତକଡ଼ା ୨ ଭାଗରୁ କମ୍ ଥିବାବେଳେ ଘରୋଇ ପୁଞ୍ଜିନିବେଶ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ନୂତନ ବଜାର ସଂସ୍କାର ଦ୍ୱାରା ଘରୋଇ ପୁଞ୍ଜିନିବେଶ ଯଥେଷ୍ଟ ବୃଦ୍ଧି ପାଇବ। ଏହି ନୂତନ ସଂସ୍କାର ଯୋଗୁ ବିଭିନ୍ନ କ୍ଷେତ୍ରରେ ନୂତନ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ। ପଣ୍ୟାଗାର ପରିଚାଳନାକାରୀ ଓ ଖାଦ୍ୟ ପ୍ରକ୍ରିୟାକରଣ କର୍ମଚାରୀ ଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁବିଧା ଅଧିକ ହେବ; ଯାହା ଫଳରେ ଅନେକ ବଂଶାନୁଗତିକ ପେସାରେ ମଧ୍ୟ ପରିବର୍ତ୍ତନ ଘଟିବ। ଅନେକ କୃଷିଜୀବୀଙ୍କ ପିଲାମାନେ ବିପଣନ, ପ୍ରକ୍ରିୟାକରଣ ଓ ସାମଗ୍ରୀ ଆହରଣ କ୍ଷେତ୍ରରେ ମ୍ୟାନେଜରର ଭୂମିକା ତୁଲାଇ ପାରିବେ ଓ ଏଥିପାଇଁ ସେମାନଙ୍କୁ ସହରାଭିମୁଖୀ ହେବାକୁ ପଡ଼ିବନାହିଁ। ମୋଟ ଉପରେ କହିବାକୁ ଗଲେ ବଜାର ସଂସ୍କାର ଯୋଗୁ କୃଷକମାନଙ୍କୁ ଅଧିକ ଆୟ, ନୂତନ କର୍ମନିଯୁକ୍ତି, ଉନ୍ନତ ଭିତ୍ତିଭୂମି ସୁଯୋଗ ଭଳି ବହୁମୁଖୀ ସୁବିଧାମାନ ହାସଲ ହେବ।

ଭାରତ ବର୍ତ୍ତମାନ କୃଷି ବିକାଶ ଅଭିବୃଦ୍ଧିର ସମ୍ମୁଖ ଭାଗରେ ଦଣ୍ଡାୟମାନ। ଏହାର ଦାୟିତ୍ୱ କୃଷକ, ବ୍ୟବସାୟୀ, ସରକାର ଓ ଖାଉଟି ସମସ୍ତଙ୍କର। ସରକାରଙ୍କର ନୂତନ ଚିନ୍ତାଧାରା ଏ ଦିଗରେ ଅଗ୍ରସର ହେବାରେ ଆହୁରି ସହାୟକ ହେବ। ଦୁଇଟି ଆଇନ ସଂସଦରେ ପାରିତ ହେବା ଫଳରେ ଆମେ ବର୍ତ୍ତମାନ ଦୃଢ଼ ନିଶ୍ଚିତ ଯେ, ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାର ଆମର ସ୍ୱପ୍ନ ସାକାର ହେବ ଓ ଭାରତ ବିଶ୍ୱର ଖାଦ୍ୟ ଭଣ୍ଡାର ଭାବେ ଉଭା ହେବ ଓ କୃଷି, ଜୀବିକାର ସ୍ୱପ୍ନ ବାସ୍ତବତାର ରୂପ ନେବ।

# ଆତ୍ମହତ୍ୟା କାହିଁକି



ଡା. ସମ୍ରାଟ କର

ଆମ ଦେଶରେ ପ୍ରତିଦିନ ଅନେକ ବ୍ୟକ୍ତି କୌଣସି କାରଣରୁ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ଏକ ଅପରାଧ। ଏଭଳି ଏକ ଘୃଣ୍ୟ ମାନସିକତାକୁ ମନରୁ ଦୂରେଇବା ଓ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ଉଚିତ। ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି।

ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଚାହୁଁଛି ବୋଲି ଜାଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନାହିଁ। ମାତ୍ର କେତେକ ଲକ୍ଷଣ ଯାହାକୁ ଆମେ ବିପଦ ସଂକେତ ବୋଲି ଜାଣିପାରିବା, ତାହା ହେଲା ଇଚ୍ଛାପତ୍ର ବା ଉତ୍ତରାଧିକାରୀ ପତ୍ର ଲେଖିବା, ହଠାତ୍ ପରିବାର ଓ ବନ୍ଧୁମାନଙ୍କ ସହିତ ଦେଖାକରିବା (ଶେଷଥର ପାଇଁ), ଆତ୍ମହତ୍ୟା ପାଇଁ ସରଞ୍ଜାମ କିଣିବା ଯଥା-ଦଉଡ଼ି, ବିଷ ଓ ପେଟ୍ରୋଲ ଇତ୍ୟାଦି। ଯେଉଁ ବ୍ୟକ୍ତିଟି ଆତ୍ମହତ୍ୟା କରେ, ପ୍ରାୟ ସେ ମାନସିକ ବିଷାଦଗ୍ରସ୍ତ ହୋଇଥାଏ। ଆତ୍ମହତ୍ୟାର ଇଚ୍ଛା କରୁଥିବା ବ୍ୟକ୍ତି ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଆସିଲେ, ପ୍ରଥମେ ତା'ର ଭାବନା ତଥା ବ୍ୟବହାରର ଆକଳନ କରାଯାଏ। ପୂର୍ବରୁ ସେ କେବେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି କିମ୍ବା ପରିବାରର କିଏ କରିଛନ୍ତି ଆଦି ଜାଣିବା ଦରକାର। ଲୋକଟିର ମାନସିକ ଚାପ ବିଷୟରେ ଜାଣିଲେ ଚିକିତ୍ସା ସହଜ ହୋଇଥାଏ। ଯେଉଁମାନଙ୍କର ପରିବାର ଓ ବନ୍ଧୁମାନଙ୍କ ସହିତ ନିବିଡ଼ ସମ୍ପର୍କ ଥାଏ ତଥା ମାନସିକ ଚାପ ଦୂରକରିବାର ଇଚ୍ଛାଶକ୍ତି ଥାଏ, ସେମାନେ ଚିକିତ୍ସାରେ ଖୁବ୍‌ଶୀଘ୍ର ଲାଭବାନ ହୁଅନ୍ତି। ବିଷାଦଗ୍ରସ୍ତ ଥିବା, ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିବା ଓ ନିଶାସେବନ କରୁଥିବା ବ୍ୟକ୍ତିମାନଙ୍କର ଅଧିକ ଦିନ ଚିକିତ୍ସା ଆବଶ୍ୟକ। ଏବେ ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ ଭାରତରେ ୧୮ରୁ ୩୯ ବର୍ଷ ବୟସର ଲୋକମାନଙ୍କ ଭିତରେ ଆତ୍ମହତ୍ୟା ମୃତ୍ୟୁର ଏକ ଅଗ୍ରଗାମୀ କାରଣ ଭାବେ ଉଭା ହୋଇଛି। ଦେଶରେ ପ୍ରତିଦିନ ୬୩୦ଜଣ ଆତ୍ମହତ୍ୟା କରୁଥିବାବେଳେ ରିପୋର୍ଟ ପ୍ରକାଶ ପାଇବା ଦିନ ଜଣେ ୧୮ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛି ଯିଏ କି ତା'ର ଆତ୍ମହତ୍ୟା ଚିଠିରେ ଆତ୍ମହତ୍ୟାର କାରଣ 'ଇଞ୍ଜିନିୟରିଂ ଆଘାତ' ବୋଲି ଉଲ୍ଲେଖ କରିଛି। ଅଧିକାଂଶ ଯୁବକ ଆର୍ଥିକ ସମସ୍ୟା, ପାଠପଢ଼ାର ବୋଝ, ପରୀକ୍ଷାର ଚାପ, ବିଚ୍ଛିନ୍ନ ସମ୍ପର୍କ ଇତ୍ୟାଦି କାରଣ ଯୋଗୁ ଭାବପ୍ରବଣତାର ଶିକାର ହୋଇ ଜୀବନ ହାରି ଦିଅନ୍ତି।

୨୦୧୯ରେ ଘଟିଥିବା ସର୍ବମୋଟ ୨,୩୦,୩୧୪ ଆତ୍ମହତ୍ୟା ମଧ୍ୟରୁ ମହିଳାଙ୍କ ହାର ହେଉଛି ୭୧.୨ ଏବଂ ପୁରୁଷଙ୍କ ହାର ହେଉଛି ୫୭.୭ ପ୍ରତିଶତ। ସମଗ୍ର ପୃଥିବୀରେ ଯୁବ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସବୁଠାରୁ ଅଧିକ। ପୃଥିବୀର ସର୍ବମୋଟ ଜନସଂଖ୍ୟାର ୧୭.୮ ପ୍ରତିଶତ ଲୋକ ଭାରତରେ ବାସ କରନ୍ତି। କିନ୍ତୁ ପୃଥିବୀର ସର୍ବମୋଟ ଆତ୍ମହତ୍ୟାର ୩୬.୬ ପ୍ରତିଶତ ମହିଳା ଓ ୨୪.୩ ପ୍ରତିଶତ ପୁରୁଷ ଭାରତରେ ଆତ୍ମହତ୍ୟା କରନ୍ତି। ଭାରତରେ ଆତ୍ମହତ୍ୟା କ୍ଷେତ୍ରରେ ମହିଳାମାନଙ୍କ ଅନୁପାତ ହେଉଛି ୨:୧ ଯାହା ବିଶ୍ୱ ପରିସଂଖ୍ୟାନଠାରୁ ଅଧିକ କାହିଁକି ନା ସମଗ୍ର ବିଶ୍ୱରେ ବେଶି ପୁରୁଷ ଆତ୍ମହତ୍ୟା କରିଥାନ୍ତି। ଭାରତରେ ବେଶି ବିବାହିତା ମହିଳା ମଧ୍ୟ ଆତ୍ମହତ୍ୟା କରନ୍ତି। ଏହା ଅବଶ୍ୟ ଚିନ୍ତାର ବିଷୟ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନୀରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

ମାନସିକ ରୋଗ ବିଶେଷଜ୍ଞ
ମୋ- ୯୧୩୨୪୩୩୩୩୩

## ଏଇ ଭାରତରେ

ପକ୍ଷୀମାନଙ୍କୁ ଭଲ ପାଉଥିବା ମହାରାଷ୍ଟ୍ରର ପରିବେଶବିତ୍ ମିନୀଷ ରାଜନ୍‌କର ୬୩ଟି ହ୍ରଦର ପୁନରୁଦ୍ଧାର କରିଛନ୍ତି। ଏହାଦ୍ୱାରା ବହିରାଗତ ପକ୍ଷୀମାନଙ୍କ ଆଗମନ ବଢ଼ିବା ସହ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆସିପାରିଛି। ଏବେ ସୁଦ୍ଧା ମିନୀଷ ଗୋଣ୍ଡିଆ ଓ ଭାନ୍ଦ୍ରା ଜିଲାର ୪୩ ଗାଁରେ ୬୩ଟି ହ୍ରଦର ପୁନରୁଦ୍ଧାର ଶେଷ କରିଛନ୍ତି। ଉକ୍ତ ଜିଲାର ବିଭିନ୍ନ ହ୍ରଦକୁ ବାହାରୁ ବହୁ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ହ୍ରଦଗୁଡ଼ିକର ଅବସ୍ଥା ଭଲ ନ ଥିବାରୁ ପକ୍ଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହା ଲକ୍ଷ୍ୟ କରି ମିନୀଷ ହ୍ରଦଗୁଡିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଥିଲେ। ସେ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଏହି କାର୍ଯ୍ୟ କରିବାକୁ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ସ୍ଥାନୀୟ ଆଦିବାସୀମାନେ ଜଳସେଚନର ସୁବିଧା ପାଇବା ସହ ସେଥିରେ ସେମାନେ ମାଛଚାଷ କରୁଛନ୍ତି। ମୁଖ୍ୟତଃ ହ୍ରଦରୁ ଲୋପ ପାଇଯାଇଥିବା ଦେଶୀମାଛ ଚାଷ ଉପରେ ସେମାନେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଦୁଇ ଜିଲାରେ ୧୨ଟି ଫିଶିଂ କୋ-ଅପରେଟିଭ ସୋସାଇଟି ଗଠନ କରିଛନ୍ତି ମିନୀଷ। ଏହାବାଦ ସେ ଆଦିବାସୀମାନଙ୍କ ସହାୟତାରେ ହ୍ରଦ ଚାରିପାଖରେ ଗଛ ଲଗାଉଛନ୍ତି। ୨୦୦୯ ରେ ସେ ପ୍ରଥମେ ନବତଲାବ (ହ୍ରଦ)ର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ପାଠକ ଶ୍ରେଷ୍ଠ ବିଚାରକ

### ବୋଝ ଉପରେ ନଳିତା ବିଡ଼ା

ମହାଶୟ,

ଦୀର୍ଘ ଦିନ ଧରି ତୈଳ କମ୍ପାନୀଗୁଡ଼ିକ ନିରବଚ୍ଛିନ୍ନ ଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରି ଚାଲିଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୮୦ ଟଙ୍କା ଅତିକ୍ରମ କରିଛି। ଏହା ପୂର୍ବରୁ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ଓ ରାଜ୍ୟ ସରକାର ଭାଟ୍ ବୃଦ୍ଧି କରିଥିଲେ। ବିଶ୍ୱ ବଜାରରେ ଅଶୋଧିତ ତୈଳଦର ସର୍ବନିମ୍ନ ସ୍ତରରେ ଥିବା ସତ୍ତ୍ୱେ ଏପରି ଅବିଚାରିତ ଭାବେ ତୈଳଦର ବୃଦ୍ଧି କରାଯିବା ଆଦୌ ଠିକ୍ ନୁହେଁ। କୋଭିଡ-୧୯ ଜନିତ ବିଭିନ୍ନ କଟକଣା ପାଇଁ ଲୋକଙ୍କର ରୋଜଗାର ଓ କ୍ରୟ ଶକ୍ତି ହ୍ରାସ ପାଇଥିବା ବେଳେ ତୈଳ ଦରର ଅହେତୁକ ଦରବୃଦ୍ଧି ଖାଉଟିଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେବା ଫଳରେ ଧନୀଠାରୁ ଗରିବ ପର୍ଯ୍ୟନ୍ତ ଦେଶର ୧୩୦ କୋଟି ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଭାବିତ ହେଉଛନ୍ତି। ଏହା ସରକାର ବୁଝିବା ଦରକାର। ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାରଙ୍କର ଆୟବୃଦ୍ଧି ପାଇଁ ତୈଳ ଦର ବୃଦ୍ଧିର କ'ଣ ବିକଳ୍ପ ନାହିଁ ? ଏ ଦିଗରେ ସରକାରଙ୍କ ନୀରବତା ଦୁର୍ଭାଗ୍ୟଜନକ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଚିରନ୍ତନୀ

ଓଢ଼ଣା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ।
(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୦୭୭,୮୪୭ | ୯,୬୨,୮୩୫ | ୨୨,୬୬୬,୮୩୭ |
| ଭାରତ | ୫୪,୧୮,୬୮୧ | ୮୬,୯୨୬ | ୪୩,୧୪,୬୦୬ |
| ଓଡ଼ିଶା | ୧,୭୯,୮୮୦ | ୭୦୧(+୫୩) | ୧,୪୫,୬୭୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କରୋନା ନେଲାଣି ୭୦୧ ଜୀବନ

## ଦିନକରେ ସର୍ବାଧିକ ୪,୩୩୦ ଚିହ୍ନଟ

- ହଟ୍‌ସ୍ପଟ୍‌ର ଶୀର୍ଷରେ ଖୋର୍ଦ୍ଧା, କଟକ, ପୁରୀ
- ସୁସ୍ଥ ହେଲେ ଆଉ ୪,୦୧୮ ରୋଗୀ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

କାଳ ସାଜିଲାଣି କରୋନା। ଦିନକୁ ଦିନ ସ୍ଥିତି ବିଗୁଡୁଥିବାବେଳେ ସଂକ୍ରମଣ ଓ ମୃତ୍ୟୁ ବଢ଼ି ଚାଲିଛି। ସଂକ୍ରମଣରେ ଆଉଏକ ରେକର୍ଡ ଭାଙ୍ଗିଛି ଏହି ମହାମାରୀ। ଦିନକରେ ସର୍ବାଧିକ ୪,୩୩୦ଜଣଙ୍କୁ ସଂକ୍ରମିତ କରିଥିବାବେଳେ ଆଉ ୧୦ଜଣଙ୍କ ଜୀବନ ନେଇଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଆରୋଗ୍ୟ ହାର ଅଧିକ ରହୁଥିବାରୁ ଆଶ୍ୱସ୍ତି ମିଳୁଛି। କିନ୍ତୁ ସେହି ହାରରେ ମୃତ୍ୟୁକୁ ରୋକାଯାଇପାରୁ ନ ଥିବାରୁ ଚିନ୍ତା ବଢ଼ିଛି। ଇତିମଧ୍ୟରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୦୧ରେ ପହଞ୍ଚିଛି। ଗଞ୍ଜାମ ଜିଲାରେ ସର୍ବାଧିକ ୨୧୬ଜଣଙ୍କ ଜୀବନ ଯାଇଥିବାବେଳେ ଏହା ତଳକୁ ଥିବା ଖୋର୍ଦ୍ଧା ଜିଲାର ମୃତ୍ୟୁ ସଂଖ୍ୟା ୧୦୪ ଛୁଇଁଲାଣି। ସେହିଭଳି କଟକ ଜିଲାରେ ୫୯, ସୁନ୍ଦରଗଡ଼ ୩୯, ପୁରୀ ୩୭, ରାୟଗଡ଼ା ୩୫, ଗଜପତି ଓ ସମ୍ବଲପୁରରେ ୨୨ଜଣ ଲେଖାଏ, କନ୍ଧମାଳ ୧୮, ନୟାଗଡ଼ ୧୭, ବାଲେଶ୍ୱର ୧୬, ବଲାଙ୍ଗୀର ୧୫, ମୟୂରଭଞ୍ଜ ୧୪, ବରଗଡ଼ ୧୨ ଓ ଭଦ୍ରକରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟସବୁ ଜିଲାରେ କରୋନା ମୃତ୍ୟୁ ଏକ ଅଙ୍କରେ ସୀମିତ ରହିଥିବାବେଳେ ଦେବଗଡ଼ ଓ ନୂଆପଡ଼ା ଜିଲାରେ କାହାର ଜୀବନ ନେଇପାରିନି କରୋନା।

ଅନ୍ୟପକ୍ଷରେ ସରକାରଙ୍କ କୋଭିଡ୍ ତଥ୍ୟକୁ ତର୍ଜମା କଲେ ୩ ପ୍ରମୁଖ ଜିଲା ଖୋର୍ଦ୍ଧା, କଟକ ଓ ପୁରୀ ବର୍ତ୍ତମାନ ରାଜ୍ୟ ପାଇଁ କାଳ ପାଲଟିବେ। କେବଳ ନୂଆ ସଂକ୍ରମିତ ନୁହେଁ, ଏସବୁ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ସଂକ୍ରମଣରେ ବର୍ତ୍ତମାନ ଖୋର୍ଦ୍ଧା ଶୀର୍ଷରେ ରହିଛି। କିଛିଦିନ ହେବ ଏହି ଜିଲାରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏବେ ପଡୋଶୀ କଟକ ଓ ପୁରୀ ଜିଲାରେ ସଂକ୍ରମଣ ହୁହୁ ହୋଇ ବଢ଼ିଲାଣି। ଶେଷ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬୪୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଟକରୁ ୫୪୯ ଓ ପୁରୀରୁ ଆଉ ୨୯୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦,୭୮୯ରେ ପହଞ୍ଚିଛି। ସେହିଭଳି କଟକରେ ସଂକ୍ରମଣ ୧୬,୦୩୪ ଛୁଇଁଥିବାବେଳେ ପୁରୀରେ ୮,୨୦୫କୁ ବୃଦ୍ଧି ପାଇଛି। ଏହା ତଳକୁ କନ୍ଧମାଳ ୧୭୮, ଅନୁଗୋଳ ୧୭୬, ଜଗତ୍‌ସିଂହପୁର ୧୬୭, ଯାଜପୁର ୧୫୮, ଝାରସୁଗୁଡ଼ା ୧୫୩, ମୟୂରଭଞ୍ଜ ୧୫୨, ନବରଙ୍ଗପୁର ୧୩୩, ସୁନ୍ଦରଗଡ଼ ୧୨୩, ବାଲେଶ୍ୱର ୧୨୧, କେନ୍ଦୁଝର ୧୧୮, କେନ୍ଦ୍ରାପଡ଼ା ଓ ସମ୍ବଲପୁରରୁ ୧୦୭ଜଣ ଲେଖାଏ ଏବଂ କଳାହାଣ୍ଡିରେ ୧୦୦ଜଣ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଦେବଗଡ଼ରେ ସବୁଠୁ କମ୍ ୧୨ଜଣ ଚିହ୍ନଟ ହୋଇଛନ୍ତି।

ସେପଟେ ରାଜ୍ୟରେ ଆଉ ୪,୦୧୮ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୧,୪୫,୬୭୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ୨୭,୬୬,୯୭୬ଟି କୋଭିଡ୍ ନମୁନା ପରୀକ୍ଷା ହୋଇଥିବାବେଳେ ୬.୫% ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ପ୍ରଯୋଜକ ବୀରକିଶୋର ମହାପାତ୍ରଙ୍କ ପରଲୋକ



କଟକ ଅଫିସ,୨୦।୯: ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ ତଥା ନାଟ୍ୟକାର ବୀରକିଶୋର ମହାପାତ୍ର(୯୨)ଙ୍କର ଶନିବାର ରାତିରେ ମଧୁସୂଦନ ନଗରସ୍ଥ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମହାପାତ୍ର ବୋର୍ଡ ଅଫ୍ ରେଭିନ୍ୟୁରେ ଉଚ୍ଚପଦସ୍ଥ କର୍ମଚାରୀ ରହିବା ସହ ଜଣେ ସଫଳ ମଞ୍ଚ କଳାକାର ଭାବେ ପ୍ରତିଷ୍ଠା ଲାଭ କରିଥିଲେ। ପ୍ରଶାନ୍ତ ନନ୍ଦଙ୍କ ଫିଲ୍ମ 'ବାପା' ଓ 'ଗୋଲାମ ଗିରି'ରେ ସେ ଅଭିନୟ କରିଥିଲେ। କଟକ ଦୂରଦର୍ଶନରେ ପ୍ରସାରିତ କେତେକ ନାଟକରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କର ଅନେକ ରଚନା ମଧ୍ୟରୁ 'କଟେରି ଛକ ଓ ଅନ୍ୟାନ୍ୟ ନାଟକ' ପୁସ୍ତକ ପାଠକୀୟ ଆଦୃତି ପାଇଛି। ସେ ୧୯୯୯ରେ 'ମା ପରି କିଏ ହେବ' ସିନେମା ନିର୍ମାଣ କରି ପ୍ରଶଂସା ସାଉଁଟି ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ହୃଦୟ ବିହାରୀ ମହାପାତ୍ର, ପୁତ୍ରବଧୂ କଲ୍ୟାଣୀ, ନାତି ଚିରଞ୍ଜୀବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ହୃଦୟ ମୁଖାଗ୍ନି ଦେଇଥିଲେ।

### ବରିଷ୍ଠ ସେବାୟତଙ୍କ ପରଲୋକ



ପୁରୀ ଅଫିସ,୨୦।୯: ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ପ୍ରେମାନନ୍ଦ ଦାସମହାପାତ୍ରଙ୍କର ୬୪ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବରୁ ସେ କରୋନାରେ ସଂକ୍ରମିତ ହୋଇଥିଲେ। ସୁସ୍ଥ ହେବା ପରେ ଗତ ତିନିଦିନ ହେଲା ଘରକୁ ଫେରି ହୋମ୍ ଆଇସୋଲେଶନରେ ରହିଥିଲେ। ଶନିବାର ବିଳମ୍ବିତ ରାତିରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଦ୍ଧସୁଆର ନିଯୋଗର ସମ୍ପାଦକ ରହିଥିବା ପ୍ରେମାନନ୍ଦ ଦଇତାପତି ନିଯୋଗର ପୂର୍ବତନ ସମ୍ପାଦକ, ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ, ପୁରୀ ଜିଲା କଂଗ୍ରେସ କମିଟିର ପୂର୍ବତନ କୋଷାଧ୍ୟକ୍ଷ ରହିଥିଲେ। ଏତଦ୍‌ବ୍ୟତୀତ ଅନେକ ସଙ୍ଗଠନ ସହ ଜଡ଼ିତ ଥିଲେ। ରବିବାର ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ବିଜୟାନନ୍ଦ ଦାସମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବରିଷ୍ଠ ଦଇତାପତି ସେବକ ବିଶ୍ୱାବସୁ ବିନାୟକ ଦାସମହାପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ଏକ ଅପୂରଣୀୟ କ୍ଷତି ହେଲା ବୋଲି କହିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ପାଲଲହଡ଼ା ବିଧାୟକଙ୍କୁ କରୋନା

ପାଲଲହଡ଼ା, ୨୦।୯(ଡି.ଏନ.ଏ.): ପାଲଲହଡ଼ା ବିଧାୟକ ମୁକେଶ କୁମାର



ପାଲ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ତାଙ୍କ ଫେସବୁକ ଆକାଉଣ୍ଟରେ ଏ ନେଇ ସୂଚନା ଦେବା ସହ ନିଜ ବାସଭବନରେ ସଙ୍ଗରୋଧରେ ଥିବା ଜଣାଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କୋଭିଡ୍ ଟେଷ୍ଟ କରାଇବାକୁ ସେ ଅନୁରୋଧ କରିଛନ୍ତି।

# ବାଘଛାଲ ଜବତ: ୩ ଗିରଫ



ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ, ବନବିଭାଗ କର୍ମଚାରୀମାନେ।

**ବନବିଭାଗକୁ ମିଳିଲା ସଫଳତା**

ନୂଆପଡ଼ା ଅଫିସ,୨୦।୯

ନୂଆପଡ଼ା ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ବେଧଡ଼କ ଚାଲିଥିବାବେଳେ ବର୍ତ୍ତମାନ ବନବିଭାଗ ଏହାକୁ ରୋକିବା ପାଇଁ ତତ୍ପର ହୋଇଉଠିଛି। ରବିବାର ସ୍ଥାନୀୟ ଟିପାଝର ଗାଁରେ ଚଢ଼ାଉବେଳେ ବାଘଛାଲ, ବାରହାମାଂସ ସହ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ଘଟଣାରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଟିପାଝର ଗାଁର ରାମକେଲି ଶବର(୪୫), ଶୋଭା ଶବର(୨୦) ଏବଂ ଅନ୍ୟଜଣେ ନାବାଳକ। ସୂଚନାନୁଯାୟୀ ନୂଆପଡ଼ାଠାରୁ ୧୦କି.ମି ଦୂର ଟିପାଝର ଗାଁର ଜଣଙ୍କ ଘରେ ବାଘଛାଲ, ବାରହା ମାଂସ ଥିବା ଖବର ପାଇ ରବିବାର ସକାଳୁ ବନବିଭାଗ କର୍ମଚାରୀମାନେ ସେହି ଗାଁରେ ଚଢ଼ାଉ କରିଥିଲେ। ଗାଁର ରାମକେଲି ଶବରଙ୍କ ଘରେ ବାଘଛାଲ ଥିବା ଜାଣି ଛାନଭିନ କରାଯାଇଥିଲା। ସେଠାରୁ ଏକ ବାଘଛାଲ ଉଦ୍ଧାର ହୋଇଥିବାବେଳେ ତାଙ୍କ ବାଡ଼ିପଛପଟୁ ବାଘର ସଦ୍ୟକଟାମୁଣ୍ଡ, ୨୦କେଜି ବାର୍‌ହା ମାଂସ, ଧନୁତୀର, ପକ୍ଷୀଶିକାର ପାଇଁ ଉଦ୍ଦିଷ୍ଟ ଜାଲ ଆଦି ମିଳିଥିଲା। ଜବତ ସାମଗ୍ରୀଗୁଡ଼ିକ ନୂଆପଡ଼ା ରେଞ୍ଜ ଅଫିସକୁ ଅଣା ଯାଇଥିବାବେଳେ ଅଭିଯୁକ୍ତ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଧାରା ୯, ୫୪(୧), ୩୯, ୪୪, ୪୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସିଏଫ୍ ଜୟରାମ ଶବର ସୂଚନା ଦେଇଛନ୍ତି। ଏଥିରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏହି ଚଢ଼ାଉରେ ନୂଆପଡ଼ା ରେଞ୍ଜର ବିନୀତା ଭୋଇ, ଖରିଆରରୋଡ଼ ରେଞ୍ଜର ନିରଞ୍ଜନ ମାଝୀଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ।

# କାଳ ସାଜୁଛି ବିଳମ୍ବ ରିପୋର୍ଟ

**ରାଜ୍ୟରେ ସଂକ୍ରମଣ ବଢ଼ିବା ପ୍ରସଙ୍ଗ**

ଭୁବନେଶ୍ୱର,୨୦।୯(ବ୍ୟୁରୋ)

କରୋନାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ସବୁପ୍ରକାର ବଳ ଲଗାଇଛନ୍ତି। ଚିକିତ୍ସାଠାରୁ ଆରମ୍ଭ କରି ସଚେତନତା ଓ କଟକଣା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ତଥାପି ସଂକ୍ରମଣ ବଢ଼ି ଚାଲିଥିବାରୁ ଏବେ ନାନା ତର୍ଜମା ଚାଲିଛି। ଇତିମଧ୍ୟରେ କେତେକ ପ୍ରମୁଖ କାରଣକୁ ଖୋଜି ପାଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ବିଳମ୍ବ କରୋନା ରିପୋର୍ଟ ଓ ନିୟମ ଉଲ୍ଲଂଘନ ଯୋଗୁ ସଂକ୍ରମଣ ରୋକି ହେଉ ନ ଥିବା ସେମାନେ କହିଛନ୍ତି। ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର କହିଛନ୍ତି, ଓଡ଼ିଶାରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାର କାରଣ ହେଉଛି କରୋନା ପରୀକ୍ଷଣ ରିପୋର୍ଟ ଆସିବାରେ ବିଳମ୍ବ ଏବଂ ଅମାନିଆ ବ୍ୟକ୍ତି। ପରୀକ୍ଷଣର ୨ରୁ ୪ଦିନ ପରେ ରିପୋର୍ଟ ଆସୁଛି। ସେତେବେଳକୁ ଆକ୍ରାନ୍ତମାନେ ଅନ୍ୟମାନଙ୍କୁ ସଂକ୍ରମିତ କରୁଛନ୍ତି। ବିଶେଷକରି ଯେଉଁମାନଙ୍କର ଲକ୍ଷଣ ନାହିଁ କିମ୍ବା ସ୍ୱଳ୍ପ ଲକ୍ଷଣ ରହିଛି, ସେମାନେ ବାହାରେ ବୁଲିବା ଦ୍ୱାରା ସଂକ୍ରମଣ ବଢୁଛି। କୋଭିଡ୍ ରିପୋର୍ଟ କିଭଳି ଶୀଘ୍ର ଆସି ପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସଂକ୍ରମଣ ବ୍ୟାପିବାର ଆଉଏକ କାରଣ ଅମାନିଆ ବ୍ୟକ୍ତି ବୋଲି ସେ କହିଛନ୍ତି। ଲୋକେ ସତର୍କ ନ ହେଲେ ସଂକ୍ରମଣ ଆହୁରି ବଢ଼ିବ। ସମସ୍ତେ ନିୟମ ମାନି ସତର୍କ ହୋଇ ରହିଲେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇବ। ନଭେମ୍ବର ୧୭ ବେଳକୁ ଓଡିଶାରେ କରୋନା ସଂକ୍ରମଣ କମିଯିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଭୁବନେଶ୍ୱର ସହର ୮ଦିନ ହେବ ପିକ୍ ସମୟ ଅତିକ୍ରମ କରିସାରିଲାଣି। ଆକ୍ଟିଭ୍ କେସ୍ ଏବେ କମ୍ ଥିବାବେଳେ ଆରୋଗ୍ୟ ହାର ମଧ୍ୟ ବଢୁଛି। ସେହିପରି କଟକରେ ଟିକେ ସମୟ ଲାଗୁଛି। ଆଉ ୫ରୁ ୧୦ ଦିନ ଭିତରେ କଟକରେ ବି ଧୀରେ ଧୀରେ କମିଯିବ ବୋଲି ସେ କହିଛନ୍ତି। ତେବେ ୱାଶିଂଟନ ବିଶ୍ୱବିଦ୍ୟାଳୟର ଆଇଏଚ୍‌ଏମ୍ କରିଥିବା ଆକଳନକୁ ଭୁଲ୍ ବୋଲି ସେ କହିଛନ୍ତି। ଆସନ୍ତା ଜାନୁୟାରୀ ବେଳକୁ କରୋନାରେ ଦିନକୁ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ ବୋଲି ଆଇଏଚଏମ୍ ଆକଳନ କରିଥିଲା। ହେଲେ ସେତେବେଳକୁ ଭ୍ୟାକ୍ସିନ୍ ଆସିଯାଇଥିବ। ଡିସେମ୍ବରରେ ଭ୍ୟାକ୍ସିନ୍ ଆସିବାର ଅଧିକ ସମ୍ଭାବନା ଥିବାରୁ ସେଭଳି ପରିସ୍ଥିତି ସୃଷ୍ଟି ହେବନି ବୋଲି ମିଶ୍ର ଦୃଢତାର ସହ କହିଛନ୍ତି।

### 'ଫେଲୁଦା'କୁ ଅନୁମୋଦନ: କମ୍ ଖର୍ଚ୍ଚ, ସ୍ୱଳ୍ପ ସମୟରେ କରୋନା ରିପୋର୍ଟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଏଣିକି କମ୍ ଖର୍ଚ୍ଚରେ କରୋନା ପରୀକ୍ଷା ହୋଇପାରିବ। ପୁଣି ସ୍ୱଳ୍ପ ସମୟରେ ରିପୋର୍ଟ ଜାଣିହେବ। ଦେଶର ପ୍ରଥମ ସ୍ୱଦେଶୀ କୋଭିଡ୍ ସିଆର୍‌ଆଇଏସ୍‌ପିଆର୍ (କ୍ଲଷ୍ଟରଡ ରେଗୁଲାରୀ ଇଣ୍ଟରସ୍ପେସ୍‌ଡ ଶର୍ଟ ପାଲିନ୍‌ଡ୍ରୋମିକ ରିପିଟ୍‌ସ) ଟେଷ୍ଟ କିଟ୍ 'ଫେଲୁଦା'କୁ ଡ୍ରଗ୍ସ କଣ୍ଟ୍ରୋଲ ଜେନରୋଲ ଅଫ୍ ଇଣ୍ଡିଆ(ଡିସିଜିଆଇ)ର ଅନୁମୋଦନ ମିଳିଯାଇଛି। ଟାଟା ଗ୍ରୁପ୍ ଓ ସିଏସ୍‌ଆଇଆର୍ (କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ) ଦ୍ୱାରା ପ୍ରସ୍ତୁତ ଏହି ଟେଷ୍ଟ କିଟ୍ କମର୍ସିଆଲ ଲଞ୍ଚ୍ ପାଇଁ ଅନୁମତି ମିଳିଛି। ଏହା ପାରମ୍ପରିକ ଆର୍‌ଟି-ପିସିଆର୍ ଟେଷ୍ଟ ଭଳି ଠିକ୍ ଯାଞ୍ଚ କରୁଥିବା ଜଣାପଡ଼ିଛି। ତେବେ ଆର୍‌ଟି-ପିସିଆର୍‌ର ଏକ ତୃତୀୟାଂଶ ଖର୍ଚ୍ଚରେ ଏହି ଟେଷ୍ଟ ହୋଇପାରିବ।

# ବାପାଙ୍କୁ ହତ୍ୟା କଲେ ଦୁଇ ନାବାଳକ ପୁଅ

କେନ୍ଦୁଝର, ୨୦।୯ (ସ୍ୱ.ପ୍ର.)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଦୁଇ ନାବାଳକ ପୁଅ ମା'ଙ୍କୁ ପିଟି ହତ୍ୟା କରିବା ଘଟଣା ମନରୁ ନ ଲିଭୁଣୁ କେନ୍ଦୁଝର ସଦର ଥାନା ବୋଦାପଳସା ମୁଣ୍ଡାସାହିରେ ଦୁଇ ନାବାଳକ ପୁଅ ମିଶି ବାପାଙ୍କୁ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଲକ୍ଷେଶ୍ୱର ମୁଣ୍ଡା (୫୦)।

ପୋଲିସ ତଥ୍ୟ ଅନୁଯାୟୀ, ଲକ୍ଷେଶ୍ୱର ତାଙ୍କ ସ୍ତ୍ରୀଙ୍କ ସହ ଗୋଟିଏ ଘରେ ରହୁଥିଲେ। ତାଙ୍କ ଦୁଇ ନାବାଳକ ପୁଅ ଅନ୍ୟ ଘରେ ଗୋରୁ ଚରାଇବା କାମ କରୁଥିବାରୁ ସେମାନେ ବାହାରେ ରହୁଥିଲେ। ଲକ୍ଷେଶ୍ୱର ତାଙ୍କ ସ୍ତ୍ରୀଙ୍କୁ ସବୁବେଳେ ମଦ ପିଇ ମାରପିଟ କରୁଥିଲେ। ଗତ ଶନିବାର ଦୁଇପୁଅ ଘରକୁ ଫେରିବା ପରେ ଲକ୍ଷେଶ୍ୱର ସବୁବେଳେ ମରାମରି କରୁଥିବା ତାଙ୍କ ମା' କହିଥିଲେ। ଏଥିରେ ଦୁଇ ପୁଅ ଉତ୍ତ୍ୟକ୍ତ ହୋଇ ବାପାଙ୍କୁ ପିଟିଥିଲେ। ଜଣେ ଗୋଡ଼କୁ ଧରିଥିଲେ ଏବଂ ଅନ୍ୟ ଜଣେ ଗାମୁଛାରେ ବେକକୁ ଚାପି ଦେଇଥିଲେ। ପରେ ଏକ ଟାଙ୍ଗିଆରେ ଲକ୍ଷେଶ୍ୱରଙ୍କ ପଛପାଖକୁ ହାଣି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଖବରପାଇ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଦୁଇ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

# ଆକ୍ରାନ୍ତ ଗର୍ଭବତୀ ହସ୍ପିଟାଲରେ ରହିଲେ ଭଲ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଗର୍ଭବତୀମାନେ କରୋନାରେ ସଂକ୍ରମିତ ହେଲେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହେଲେ ଭଲ। କରୋନା ପଜିଟିଭ୍ ଜାଣିବା ପରେ ହୋମ୍ ଆଇସୋଲେଶନରେ ନ ରହି କୋଭିଡ୍ ହସ୍ପିଟାଲ ଗଲେ ଗର୍ଭରେ ଥିବା ପିଲା କରୋନା ମୁକ୍ତ ହୋଇପାରିବ। କରୋନା ଚିହ୍ନଟ ଗର୍ଭବତୀଙ୍କ ଚିକିତ୍ସା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅଜିତ କୁମାର ମହାନ୍ତି କହିଛନ୍ତି। ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ମହାନ୍ତି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଏଭଳି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଡା. ନିରଞ୍ଜନ ମିଶ୍ର ଉପସ୍ଥିତ ରହି କହିଛନ୍ତି, ଜଣେ ଆକ୍ରାନ୍ତ ଲକ୍ଷଣ ଆରମ୍ଭ ହେବା ଦିନଠାରୁ ୧୦ ଦିନ ପର୍ଯ୍ୟନ୍ତ ପୃଥକବାସରେ ରହିବା ଆବଶ୍ୟକ। ପୃଥକବାସ ପୂରଣ ହେବା ପରେ ପୁଣି ୭ ଦିନ ଲାଗି ସ୍ୱ-ନିରୀକ୍ଷଣରେ ରୁହନ୍ତୁ। ଜଣେ ବ୍ୟକ୍ତି କରୋନାରୁ ମୁକ୍ତ ହୋଇଥିଲେ ଅନ୍ୟ ରୋଗରୁ ଆରୋଗ୍ୟ ପାଇଁ ଔଷଧ ନେଇପାରିବେ। କରୋନା ଆକ୍ରାନ୍ତଙ୍କ ନିକଟରେ ୧୫ ମିନିଟ୍‌ରୁ ଅଧିକ ସମୟ ରହିଲେ ସଂକ୍ରମିତ ହେବାର ଆଶଙ୍କା ରହିଛି ବୋଲି ଡା. ମିଶ୍ର କହିଛନ୍ତି।

# କୃଷି ବିଲ୍ ବିରୋଧକୁ ନେଇ ରାଜନୀତି

- ଶାସକ ଦଳ ଆର୍‌ଏମ୍‌ସିକୁ ନିୟନ୍ତ୍ରଣରେ ରଖିଛି: ଭାଜପା
- ବିଜେଡି, ଭାଜପା ନାଟକ ବୁଝି ହେଉନି: କଂଗ୍ରେସ

ଭୁବନେଶ୍ୱର ୨୦।୯(ବ୍ୟୁରୋ)

ବହୁ ବାଦବିବାଦ ପରେ ରବିବାର ରାଜ୍ୟ ସଭାରେ କୃଷି ବିଲ୍ ପାରିତ ହୋଇଛି। ତେବେ ଏହି ବିଲ୍‌କୁ ବିଜେଡି ସମର୍ଥନ ଦେଇ ନାହିଁ। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି।

ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ଧାନ କ୍ରୟ ବେଳେ ମଣ୍ଡିରେ ମଧ୍ୟସ୍ଥ ବ୍ୟବସ୍ଥାକୁ ସମାପ୍ତ କରିବା ସହ ଚାଷୀଙ୍କୁ ପ୍ରକୃତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦେବା ପାଇଁ କେନ୍ଦ୍ର ସରକାର ଏହି ବିଲ୍ ଆଣିଛନ୍ତି। ଏହି ବିଲ୍ ପାରିତ ହେବା ଦ୍ୱାରା ଚାଷୀମାନଙ୍କ ପାଇଁ ଗୋଟିଏ ଦେଶ ଗୋଟିଏ ବଜାର ସୃଷ୍ଟି ହେବ। ଏଥିସହିତ ଇ-ମାର୍କେଟିଂ ବ୍ୟବସ୍ଥା ହୋଇପାରିବ। ଚାଷୀମାନେ ନିଜର ଶସ୍ୟକୁ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ। ଶାସକ ଦଳ ରାଜ୍ୟର ରେଗୁଲେଟେଡ ମାର୍କେଟ (ଆର୍‌ଏମ୍‌ସି)କୁ ନିଜ ନିୟନ୍ତ୍ରଣରେ ରଖିଛି। ସିବିଆଇ ବର୍ତ୍ତମାନ ବିଜେଡିର ଅନେକ ବିଧାୟକଙ୍କ ଘରେ ରେଡ୍ କରୁଛି। ଆଗକୁ ମଧ୍ୟ ଏହା ଆହୁରି ଚାଲିପାରେ। ବିଜେଡି ଚିନ୍ତା କରୁଥିଲା ସେମାନଙ୍କୁ ଚିଟ୍‌ଫଣ୍ଡରୁ ରକ୍ଷା ମିଳିଲେ ସେମାନେ କୃଷି ବିଲ୍‌କୁ ସମର୍ଥନ ଦେବେ। ବିଜେଡି ସମର୍ଥନ କରୁ ନ କରୁ ସେଥିରେ ଭାଜପାର କିଛି କରିବାର ନାହିଁ ବୋଲି ପୂଜାରୀ କହିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ଚାଷୀଙ୍କ ହିତକୁ ଦେଖି ନିଷ୍ପତ୍ତିକୁ ସ୍ୱାଗତ କରିଆସିଛି। ମାତ୍ର କୃଷି ବିଲ୍‌ରେ ସେତେଟା ସ୍ପଷ୍ଟ ହେଉନାହିଁ। ଏହି ବିଲ୍‌କୁ ଚୟନ କମିଟିକୁ ପଠାଇବା ପାଇଁ ଦଳ ଦାବି କରିଛି। ମାତ୍ର ପୂଜାରୀଙ୍କ ସିବିଆଇ ପ୍ରତିକ୍ରିୟା ଉପରେ କୌଣସି ରାଜନୈତିକ ବୟାନ ଦେବାକୁ ଚାହୁଁ ନ ଥିବା ପ୍ରସନ୍ନ କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଯେଉଁ କୃଷି ବିଲ୍ ପାରିତ ହେଲା ପ୍ରକୃତରେ ତାହା ଚାଷୀଙ୍କ ପାଇଁ ଲାଭ ନା କ୍ଷତି ହେବ ସେ ନେଇ ଆଲୋଚନା କରିବାର ଆବଶ୍ୟକତା ରହିଛି। ବିଜେଡି ଓ ଭାଜପାର ନାଟକ କିଛି ବୁଝି ହେଉନାହିଁ। ଲୋକ ସଭାରେ ବିଜେଡି କୃଷି ବିଲ୍‌କୁ ସମର୍ଥନ କରୁଥିବା ବେଳେ ରାଜ୍ୟ ସଭାରେ ବିରୋଧ କରୁଛି। ଗତ କିଛିଦିନ ତଳେ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଥିଲା। ସେହିପରି ଅନେକ କ୍ଷେତ୍ରରେ ବିଜେଡି ପାର୍ଲାମେଣ୍ଟରେ ଭାଜପାକୁ ଖୋଲା ସମର୍ଥନ ଦେଇଛି ବୋଲି ନିରଞ୍ଜନ କହିଛନ୍ତି।

# ଓଡ଼ିଶା ପୁଞ୍ଜିକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଟେକ୍ସଟାଇଲ୍, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ର ଓଡ଼ିଶାର ମୂଳପୁଞ୍ଜି। ସେହିପରି ରାଜ୍ୟର ସଂସ୍କୃତି ଓ ପରମ୍ପରା ମଧ୍ୟ ଭିନ୍ନ ଏକ ପୁଞ୍ଜି। ତେବେ ଏହିସବୁ ପୁଞ୍ଜିକୁ ବିଶ୍ୱସ୍ତରରେ ପହଞ୍ଚାଇବା ଆମର ଲକ୍ଷ୍ୟ ହେବା ଦରକାର। ରବିବାର ଗ୍ଲୋବାଲ୍ ୱେଷ୍ଟର୍ନ ଓଡ଼ିଶା ପକ୍ଷରୁ ଆୟୋଜିତ ଭିଡିଓ କନଫରେନ୍ସ ଜରିଆରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ, ନୂଆଁଖାଇ ଚାଷଭିତ୍ତିକ ଏକ ସାଂସ୍କୃତିକ-ସାମାଜିକ ମହାନ୍ ଗଣପର୍ବ। ଚାଷ ଆଧାରିତ ଅର୍ଥନୀତିକୁ ସୁଦୃଢ଼ କରି ରଖିବାର ମହତ୍ ବାର୍ତ୍ତା ନୂଆଁଖାଇ ଦେଇଥାଏ। ଭାରତ ସରକାର ଚାଷର ଉନ୍ନତି, କୃଷକଙ୍କ କଲ୍ୟାଣ ଏବଂ ଚାଷ-ଆଧାରିତ ଅର୍ଥନୀତିର ସୁଦୃଢ଼ୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି। ମହାମାରୀ ସମୟରେ ସମ୍ବଲପୁରୀ ମାସ୍କର ଚାହିଦା ବୃଦ୍ଧି ପାଉଛି। ଏହାକୁ ଆହୁରି ଜନାଦୃତ କରିବାକୁ ପଡିବ। ସେହିପରି ପ୍ରସିଦ୍ଧ ରଙ୍ଗବତୀ ଗୀତ ଦୀର୍ଘ ଦଶନ୍ଧି ଧରି ଦେଶ ଓ ବିଶ୍ୱରେ ଆଦୃତ ହୋଇପାରିଛି। ବର୍ତ୍ତମାନ କରୋନା ମହାମାରୀ ଦ୍ୱାରା ଓଡିଶା ସମେତ ସାରାଦେଶ ପ୍ରଭାବିତ ହୋଇଛି। ବର୍ତ୍ତମାନ ଡିଜିଟାଲ ସଂଯୋଗ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ସମେତ ଅଧିକରୁ ଅଧିକ ଲୋକମାନେ ଏଥିରେ ଯୋଡି ହୋଇଛନ୍ତି। ସକାରାତ୍ମକ ଚିନ୍ତାଧାରା ନେଇ ସମସ୍ତଙ୍କୁ ଆଗକୁ ବଢିବା ଦରକାର ବୋଲି ସେ କହିଛନ୍ତି। ଦେଶ, ବିଦେଶରୁ ପଶ୍ଚିମ ଓଡିଶାର ପ୍ରତିନିଧିମାନେ ଯୋଗଦେଇ ଓଡିଶାର ଏହି ଅନନ୍ୟ ଗଣପର୍ବ ନୂଆଁଖାଇ ଉପରେ ଆଲୋଚନା କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ
ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - 90 ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା + ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରିମେଣ୍ଟ)
9451783485
H.No. 412, Subhash Nagar Jind, Haryana

MUDRA FINANCE
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭତ୍ତା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ପୁରୀ: ପଜିଟିଭ ସଂଖ୍ୟା ୮ ହଜାର ଟପିଲା

ପୁରୀ ଅଫିସ,୨୦।୯: ପୁରୀ ଜିଲାରେ ଏବେ କରୋନା ସଂକ୍ରମଣ ବଢ଼ିଚାଲିଛି। ରବିବାର ଜିଲାରୁ ୨୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୮,୨୦୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬,୪୫୨ ଜଣ ସୁସ୍ଥ ହୋଇଥିବାବେଳେ ୧,୬୮୮ ଜଣ ଚିକିତ୍ସାଧୀନ ଅଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୩୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷରେ ଏବେ ସୁଦ୍ଧା ୮୦,୩୮୫ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୭୮.୬୩ ପ୍ରତିଶତ। ଏବେ ଜିଲାର ବିଭିନ୍ନ ସ୍ଥାନରେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

### ସଂକ୍ଷେପରେ

### ସୋସିଆଲ ମିଡିଆରେ ମା' ଦୁର୍ଗାଙ୍କୁ ଅଶ୍ଳୀଳ ମନ୍ତବ୍ୟ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ମା'ଦୁର୍ଗା ଏବଂ ଲକ୍ଷ୍ମୀଙ୍କ ନାମରେ ଅଶ୍ଳୀଳ ମନ୍ତବ୍ୟ ଥିବା ଏକ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯାହାକୁ ନେଇ ଏବେ ସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହି ମାମଲାକୁ ନେଇ କଟକରେ ମଧ ଅଭିଯୋଗ ହୋଇଛି। ଶେଷରେ ଏଭଳି ଧର୍ମିକ ଭାବନାକୁ ଆଘାତ ଦେଇ ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ରୁଦ୍ରସେନା ସଙ୍ଗଠନ ପକ୍ଷରୁ ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସଦସ୍ୟମାନେ ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ଏହି ଅଭିଯୋଗ ଦେଇଛନ୍ତି। ତେଣୁ ଏଭଳି ମନ୍ତବ୍ୟ ଦେଇଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଗଠନ ଦାବି କରିଛି। ଏଭଳି ପୋଷ୍ଟ ସମସ୍ତ ହିନ୍ଦୁ ଧର୍ମ ବିଶ୍ୱାସୀଙ୍କ ପ୍ରତି କୁଠାରଘାତ ହୋଇଥିବା ସଙ୍ଗଠନ କହିଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ସଙ୍ଗଠନ ପୋଲିସକୁ ଏକ ଦାବିପତ୍ର ଦେଇଛି।

### ୬ ଗ୍ରାମ, ୱାର୍ଡ ଆବଦ୍ଧାଞ୍ଚଳ

ଖୋର୍ଦ୍ଧା ଅଫିସ,୨୦।୯: ଖୋର୍ଦ୍ଧା ଉପଖଣ୍ଡରେ ଶନିବାର ପୁଣି ୩ ଗ୍ରାମ ଏବଂ ୩ଟି ୱାର୍ଡକୁ ଆବଦ୍ଧାଞ୍ଚଳ କରାଯାଇଥିବା ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଜଣାଇଛନ୍ତି। ଖୋର୍ଦ୍ଧା ବ୍ଲକ କାନପୁର ପଞ୍ଚାୟତର ପାଣିଛତ୍ର, ବୋଲଗଡ ବ୍ଲକ ପାଟପୁରଶାସନ ପଞ୍ଚାୟତର କାଡୁଆପଡ଼ା ଏବଂ ଖରଡପଲ୍ଲୀ ଗ୍ରାମରେ ରବିବାରଠାରୁ ୧୦ଦିନ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସେହିପରି ଖୋର୍ଦ୍ଧା ପୌର ପରିଷଦର ୱାର୍ଡ ନଂ. ୧ ମୁକୁନ୍ଦପ୍ରସାଦ ଓ ୱାର୍ଡ ନଂ. ୧୧ର ଭାଲିଆବାଡି ଏବଂ ବାଲୁଗାଁ ଏନ୍ଏସିର ୱାର୍ଡ ନଂ. ୧ର ବୁନୁ ପଟ୍ଟନାୟକ କଲୋନୀ, ଚିଲିକା ରୋଡକୁ ରବିବାରଠାରୁ ୧୦ଦିନ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ କରାଯାଇଛି।

### 'ସେବାୟତଙ୍କ ପାଇଁ ହେଉ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ'

ପୁରୀ ଅଫିସ,୨୦।୯: ପୁରୀ ସହରରେ ସେବାୟତଙ୍କ ଲାଗି ସ୍ୱତନ୍ତ୍ର ଚିକିତ୍ସା ଦାବି କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର। ସେ ରବିବାର ଗଣମାଧମକୁ କହିଛନ୍ତି, ସେବାୟତଙ୍କ ଲାଗି ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ତିଆରି ହେଉ। ତୁରନ୍ତ ପ୍ରଶାସନ ସତର୍କ ନ ହେଲେ ଶ୍ରୀମନ୍ଦିର ସେବାପୂଜା ବାଧାପ୍ରାପ୍ତ ହେବ। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ବିଭିନ୍ନ କୋଭିଡ୍ ହସ୍ପିଟାଲରେ ସେବାୟତଙ୍କ ଚିକିତ୍ସାର ସୁବନ୍ଦୋବସ୍ତ କରାଯାଉଛି। ତଥାପି ଚିକିତ୍ସା ପ୍ରତି ଅଧିକ ଧାନ ଦିଆଯିବା ନେଇ ସିଡିଏମ୍ଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

### ଆନ୍ଦୋଳନ ଜାରି ରହିବ: ପୁରାତନ ଛାତ୍ର

ପୁରୀ ଅଫିସ,୨୦।୯: ସମସ୍ତ ଭିତ୍ତିଭୂମି ଥାଇ ମଧ ସାମନ୍ତ ଚନ୍ଦ୍ରଶେଖର (ଏସିଏସ୍) ମହାବିଦ୍ୟାଳୟକୁ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳି ନାହିଁ। ଏ ନେଇ ରବିବାର ସଂସ୍କୃତି ଭବନରେ ଏସ୍ସିଏସ୍ କଲେଜ ପୁରାତନ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରାଯାଇଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ଏଥିରେ ଉମାକାନ୍ତ ନାୟକ, ସୁଜିତ ମହାପାତ୍ର, ଭଗବାନ ପଢ଼ିଆରୀ, ବିଶ୍ୱନାଥ ଦାଶ, ଇଂ. ରାଜେଶ ମିଶ୍ର, ହେକ୍ଟର ମିଶ୍ର, ମଧୁସୂଦନ ମିଶ୍ର, ସଞ୍ଜୀବ ରଥଶର୍ମା, ଦେବାଶିଷ ଦାଶ, ରବିନାରାୟଣ ନାୟକ, ପୁରୀ ଓକିଲ ସଂଘର ପୂର୍ବତନ ସମ୍ପାଦକ ଶାରଦା ସାମଲ, ବିଭୂତି ଶଙ୍କର ତ୍ରିପାଠୀ, ଶରତ ଚନ୍ଦ୍ର ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ, ଭାଙ୍ଗ ଜବତ: ୩ ଗିରଫ

ନିମାପଡ଼ା,୨୦।୯(ଡି.ଏନ୍.ଏ.): ଚୋରା ମଦ, ଭାଙ୍ଗ କାରବାର ଅଭିଯୋଗରେ ନିମାପଡ଼ା ଅବକାରୀ ବିଭାଗ ରବିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତେରୁଣ୍ଡିଆ ଗ୍ରାମର ଦାମୋଦର ବେହେରା, ନିମାପଡ଼ାର ରବୀନ୍ଦ୍ର ବସ୍ତିଆ ଓ ଡିହବାରୀ ଗ୍ରାମର ସୁଶାନ୍ତ ସେଠୀ। ଏମାନଙ୍କ ନିକଟରୁ ୨୫ ବୋତଲ ଦେଶୀ ମଦ, ୧୨ ବିଅର ବୋତଲ ଓ ୪୮୦ଗ୍ରାମ ଭାଙ୍ଗ ଜବତ ହୋଇଛି। ଏନେଇ ପୃଥକ ୩ଟି ମାମଲା ରୁଜୁ ହୋଇଥିବା ଅବକାରୀ ଏସ୍ପି ଅମରେନ୍ଦ୍ର ଜେନା କହିଛନ୍ତି।

# କାରାମଙ୍ଗଳ ଅଧିକାରୀଙ୍କୁ ଦାୟୀ କଲେ ବିଶେଷଜ୍ଞ

ଭୁବନେଶ୍ୱର,୨୦।୯ (ବ୍ୟୁରୋ)

### ମା'ଙ୍କୁ ଦୁଇ ନାବାଳକ ପୁଅ ହତ୍ୟା କରିବା ମାମଲା

- ପିଲାଙ୍କ ଯତ୍ନ ନେବାରେ ଅବହେଳା ରହିଥିଲା
- ପାରିବାରିକ ପରିସ୍ଥିତି, ସାମାଜିକ ପରିବେଶ ନିଷ୍ଠୁର କରିଦେଇଥିଲା

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ଦୁଇ ନାବାଳକ ପୁଅ ନିଜ ମା' ବିନୋଦିନୀଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ଏବେ ବି ସମସ୍ତଙ୍କ ମନରେ ଗୋଟିଏ କଥା ଉଙ୍କି ମାରୁଛି। ଯେଉଁ ଦୁଇ ପିଲାଙ୍କ କୋମଳ ହାତ ମା'ଙ୍କ ସ୍ନେହ ପାଇବା କଥା ସେହି ହାତ କିଭଳି ଏତେ ନିଷ୍ଠୁର ପାଲଟିଲା ତାହାକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ ମାନସିକ ବିଶେଷଜ୍ଞମାନେ ପାରିବାରିକ ପରିସ୍ଥିତି ଓ ସାମାଜିକ ପରିବେଶ ଯୋଗୁ ଏଭଳି ଘଟଣା ଘଟିଗଲା ବୋଲି କହୁଛନ୍ତି। ବାପା ଜେଲରେ ସଜା କାଟୁଥିବାବେଳେ ଘରେ ଥିବା ମା'ଙ୍କ ନିର୍ଯାତନା ଯୋଗୁ ପିଲାମାନେ ମାନସିକ ଆଘାତ ପାଇ ଏଭଳି ଘଟଣା ଘଟାଇଥିବା ଆଶଙ୍କା କରୁଛନ୍ତି। ଆପରାଧିକ ପିଲାଙ୍କୁ ଆଶ୍ରୟ ଦେଇଥିବା ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନର ଅଧକ୍ଷା ନିରୋଜାଲକ୍ଷ୍ମୀ ମହାପାତ୍ର କହିଛନ୍ତି, ଦୁଇ ନାବାଳକଙ୍କ ଲାଳନପାଳନରେ ସମସ୍ୟା ଯୋଗୁ ସେମାନଙ୍କ ଭିତରେ ଆପରାଧିକ ମାନସିକତା ଆସିଥାଇପାରେ। ଏଥିପାଇଁ ସେ ପୁରୀ ଜେଲ୍‌ର ତତ୍କାଳୀନ କାରାମଙ୍ଗଳ ଅଧିକାରୀଙ୍କୁ ଦାୟୀ କରିଛନ୍ତି।

ସେ କହିଛନ୍ତି, ମା'ଙ୍କୁ ହତ୍ୟା କରିଥିବା ଦୁଇ ନାବାଳକଙ୍କ ବାପା ନିହାର ରଞ୍ଜନ ପ୍ରଧାନ ଏକ ହତ୍ୟା ମାମଲାରେ ପୁରୀ ଜେଲରେ ଆଜୀବନ ସଜା କାଟୁଛନ୍ତି। କଏଦୀଙ୍କ ପିଲାମାନେ ଯେପରି ଅପରାଧ ରାସ୍ତାରେ ପାଦ ନ ଦିଅନ୍ତି ସେଥିପାଇଁ ସରକାର ଶିକ୍ଷା ନିକେତନ ପ୍ରତିଷ୍ଠା କରିଛନ୍ତି। ଏଠାରେ ରହି କଏଦୀଙ୍କ ପିଲା ପାଠପଢ଼ା ସହିତ ନୈତିକ ଶିକ୍ଷା ପାଇଥାନ୍ତି। କଏଦୀଙ୍କ ପିଲାଙ୍କୁ ଜେଲ ଛାତ୍ରାବାସକୁ ନେବା ଦାୟିତ୍ୱ ହେଉଛି କାରା ମଙ୍ଗଳ ଅଧିକାରୀଙ୍କର। ହେଲେ ନିହାର ପ୍ରଧାନଙ୍କ ଦୁଇ ପୁଅଙ୍କ କ୍ଷେତ୍ରରେ ତତ୍କାଳୀନ ପୁରୀ କାରାମଙ୍ଗଳ ଅଧିକାରୀଙ୍କ ଅବହେଳା ଜଣାପଡୁଛି। ଯେଉଁଥିପାଇଁ ଦୁଇ ନାବାଳକ ଭାଇ ଅପରାଧ ଜଗତକୁ ଠେଲି ହୋଇ ଯାଇଛନ୍ତି ବୋଲି ଅଧକ୍ଷା ଅଭିଯୋଗ କରିଛନ୍ତି। ଆହୁରି ମଧ ସେ କହିଛନ୍ତି, କୌଣସି ପୁରୁଷ ଅପରାଧ କରି ଜେଲକୁ ଗଲେ ସାଧାରଣତଃ ଦେଖାଯାଉଛି ଯେ, ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ କଏଦୀଙ୍କ ସ୍ତ୍ରୀ ଅନ୍ୟସହିତ ପଳାଇଯାଇଥାନ୍ତି କିମ୍ବା ଅନ୍ୟ କାହାସହିତ ସମ୍ପର୍କ ରଖି ନିଜ ପିଲାଙ୍କୁ ଅବହେଳା କରିଥାନ୍ତି। ସ୍ୱାମୀଙ୍କ ଅନୁପସ୍ଥିତ ଯୋଗୁ ମାନସିକ ଭାରସାମ୍ୟ ହରାଇ ନିଶା ସେବନ କରନ୍ତି, ଯାହାକି ବିନୋଦିନୀଙ୍କ କ୍ଷେତ୍ରରେ ଘଟିଥାଇ ପାରେ। ତେଣୁ କହିବାକୁ ଗଲେ ପୂରା ପରିବାର ଏକ ପ୍ରକାର ଅସ୍ୱାଭାବିକ ପରିସ୍ଥିତରେ ଥିଲା। କିଭଳି ଜଣେ ନାବାଳକ ଅପରାଧ ଦୁନିଆକୁ ଡେଇଁ ପଡ଼ନ୍ତି ସେନେଇ ମତ ଦେଇ କହିଛନ୍ତି, ଦୁଇ ନାବାକଙ୍କ ବାପା ଜେଲରେ ଥିବାରୁ ସ୍ନେହ ପ୍ରମର ଅଭାବ ରହିଥାଏ। ଏହି ଅଭାବ ମା'ପୂରଣ କରିବାର ଦାୟିତ୍ୱ ରହିଥାଏ। କିନ୍ତୁ ମା' ମଦ ପିଇ ପିଲାଙ୍କୁ ନିର୍ଯାତନା ଦେଲେ ସେମାନେ ଏଭଳି ଅପରାଧ ଦୁନିଆକୁ ପାଦ ଦେଇଥାନ୍ତି ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ପୁରୀ ଜେଲ୍ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନି।

### ୫ ଦିନ ପରେ ବି ମୃତଦେହ ନେଉନାହାନ୍ତି ପରିବାର

ଅନ୍ୟପକ୍ଷରେ ହତ୍ୟାକାଣ୍ଡକୁ ୫ ଦିନ ବିତିଯାଇଥିଲେ ମଧ ମୃତଦେହ ନେବାକୁ କେହି ଆସୁନାହାନ୍ତି। ପୋଲିସ ବିନୋଦିନୀଙ୍କ ବାପ ଘର ଓ ଶାଶୁ ଘର ଲୋକଙ୍କୁ ଖବର ଦେଇ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ଗୃହରେ ରଖିଛି। ମୃତଦେହକୁ ୯୬ ଘଣ୍ଟା ପୋଲିସ ନିଜ ହେପାଜତରେ ରଖିପାରିବ। ଯଦି କେହି ପରିବାର ଲୋକେ ନ ଆସନ୍ତି ତେବେ ପୋଲିସ ନିଜେ ମୃତଦେହକୁ ସମ୍ମାନର ସହ ଦାହ କରିବ ବୋଲି ନିୟମ ରହିଛି। ତେଣୁ ଏହି କ୍ଷେତ୍ରରେ ପରିବାର ଲୋକେ ଆସୁ ନ ଥିବାରୁ ପୋଲିସ ସମସ୍ତ ପ୍ରମାଣ ରଖି ବାଧହୋଇ ଶବଦାହ କରିବ ବୋଲି ଏୟାରଫିଲ୍ଡ ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

# ଭକ୍ତିପ୍ରିୟାଙ୍କୁ ହ୍ୟୁମାନ ସାଗରଙ୍କ ସହାୟତା



କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଭକ୍ତିପ୍ରିୟାଙ୍କ ବାପାଙ୍କ ସହ ଆଲୋଚନା କରୁଛନ୍ତି।

କଟକ ଅଫିସ, ୨୦।୯

ଗରମ କ୍ଷୀର ହଣ୍ଡାରେ ପଡ଼ି ପୋଡ଼ିଯାଇଥିବା ଶିଶୁକନ୍ୟା ଭକ୍ତିପ୍ରିୟାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କଣ୍ଠଶିଳ୍ପୀ ହ୍ୟୁମାନ ସାଗର। କଟକ ଜିଲା ସାଲେପୁର ବ୍ଲକ ମୂର୍କୁଣ୍ଡି ଗ୍ରାମର ଅଭୟ ବେହେରାଙ୍କ ଝିଅ ଭକ୍ତିପ୍ରିୟା ଗତ ୧୭ତାରିଖରେ ଖେଳୁଥିବା ବେଳେ ଗରମ କ୍ଷୀର ହଣ୍ଡାରେ ପଡିଯାଇଥିଲେ। ତାଙ୍କ ଶରୀରର ପ୍ରାୟ ୮୦ପ୍ରତିଶତ ପୋଡ଼ିଯାଇଥିଲା। ତାଙ୍କୁ ସିଡିଏ ସେକ୍ଟର-୭ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୈନିକ ୨୦ହଜାର ଟଙ୍କା ଖର୍ଚ୍ଚ ହେବ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଅଭୟ ଏତେ ଟଙ୍କା ଦେବାକୁ ସକ୍ଷମ ନ ଥିଲେ। ଏହି ଘଟଣାକୁ ଅଭୟଙ୍କ ଜଣେ ସମ୍ପର୍କୀୟ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ରବିବାର ଏହି ପୋଷ୍ଟକୁ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ପଢ଼ିବା ପରେ ଶିଶୁଟିକୁ ଦେଖିବାକୁ ହସ୍ପିଟାଲକୁ ଯାଇଥିଲେ। ସେଠାରେ ସେ ଅଭୟଙ୍କ ସହ ଆଲୋଚନା କରି ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



କରୋନା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ବନ୍ଦ ଥିବାରୁ ଭକ୍ତମାନେ ଦୂରରେ ରହି ପତିତପାବନ ବାନାକୁ ଦର୍ଶନ କରି ମହାପ୍ରଭୁଙ୍କୁ ଭକ୍ତି ନିବେଦନ କରୁଛନ୍ତି।

## ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଡିଜିଙ୍କ ଦ୍ୱାରସ୍ଥ

### ଯୁବତୀଙ୍କୁ ହତ୍ୟା ପରେ ପୋତିଦେବା ଘଟଣା

ବ୍ରହ୍ମଗିରି,୨୦।୯(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ହତ୍ୟା କରି ଏକ ପୋଖରୀହୁଡ଼ାରେ ପୋତି ଦେବା ଘଟଣାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଅନ୍ୟପଟେ ଏହି ହତ୍ୟାକାଣ୍ଡର ତଦନ୍ତରେ ଶିଥିଳତା ହେବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ନେଇ ଯୁବତୀଙ୍କ ମାବାପା ଶୁକ୍ରବାର ଡିଜି ଅଭୟଙ୍କୁ ଭେଟିଥିଲେ। ଡିଜିଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମଗିରି ପୋଲିସ ପୁଣି ତତ୍ପରତା ହୋଇପଡ଼ିଛି। ଫଳରେ ଶନିବାର ପୋଲିସ ମୃତ ଯୁବତୀଙ୍କ ଗାଁ, ମୃତ୍ୟୁସ୍ଥଳରେ ପହଞ୍ଚି ପୁନର୍ବାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଯୁବତୀଙ୍କୁ ସେହି ଗ୍ରାମର ସୁଜିତ ସାହୁ ପ୍ରତାରଣା କରିବା ପରେ ପ୍ରଥମେ ଅପହରଣ ପରେ ହତ୍ୟାକରି ଏକ ପୋଖରୀ ହୁଡାରେ ପୋତି ଦେଇଥିଲେ। ଏ ନେଇ ଯୁବତୀଙ୍କ ବାପା ଜୁଲାଇ ୨୪ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୧୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିବା ସହ ସୁଜିତଙ୍କୁ ଗିରଫ କରି ନୀରବ ବସିଛି। କିନ୍ତୁ ଏହି ଘଟଣାରେ ବ୍ୟବହୃତ ସରଞ୍ଜାମକୁ ଜବତ କରିନାହିଁ କି ଅନ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ସମାଧାନ କରିବାକୁ ଯୁବତୀଙ୍କ ପରିବାର ଉପରେ ଚାପ ପଡୁଥିବାରୁ ଏମାନେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ପରେ ନିରାଶ ହୋଇ ଶେଷରେ ଡିଜିଙ୍କୁ ସାକ୍ଷାତ କରି ନିଜର ଗୁହାରି ଜଣାଇଥିଲେ।

## କଟକରେ ରେକର୍ଡ ସଂଖ୍ୟକ ୫୪୯ ପଜିଟିଭ୍

କଟକ ଅଫିସ, ୨୦।୯

କଟକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଜିଲାରୁ ୫୪୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସହରାଞ୍ଚଳରୁ ୩୩୫ଜଣ ଆକ୍ରାନ୍ତ ରହିଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଆଠଗଡରୁ ୧୬, ବଡମ୍ବା ୫, ବାଙ୍କୀ୧୪, ବାରଙ୍ଗ ୮, ଚୌଦ୍ୱାର ୩୦, ଡମପଡା ୧୬, କଣ୍ଟାପଡା ୭, ମାହାଙ୍ଗା ୧୫, ନିଶ୍ଚିନ୍ତକୋଇଲି ୭, ନରସିଂହପୁର ୧୦, ନିଆଳି ୧୨, ସଦର ୨୧, ସାଲେପୁର ୨୦, ଟାଙ୍ଗୀ ୧୯ ଏବଂ ତିଗିରିଆରୁ ୯ଜଣ ରହିଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ସିଏମ୍‌ସି ଅଞ୍ଚଳରୁ ୩୩୫ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୯୩ଜଣ ସରକାରୀ କ୍ୱାରାଣ୍ଟାଇନ୍, ୧୧୩ଜଣ ହୋମ୍ କ୍ୱାରାଣ୍ଟାଇନ୍ ଏବଂ ୧୨୯ଜଣ ସ୍ଥାନୀୟ ଅଞ୍ଚଳର ରହିଛନ୍ତି। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି।

## ସ୍ୱାମୀ ଗିରଫ, ରଫାଦଫା ଉଦ୍ୟମ କରିଥିଲେ ଶ୍ୱଶୁର

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିବା ଜାମିନ ଜେନାଙ୍କ ସ୍ତ୍ରୀ ବନ୍ଦନାଙ୍କ ସନ୍ଦେହଜନକ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଥିଲା। ହେଲେ ଯୌତୁକ ପାଇଁ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ବନ୍ଦନାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ (ନଂ.୧୨୦/୨୦)ମାମଲା ରୁଜୁ କରି ସ୍ୱାମୀଙ୍କୁ ରବିବାର ଗିରଫ କରିଛି। ଅନ୍ୟପଟେ ମାମଲା ରୁଜୁ ନ କରିବାକୁ ଜାମିନଙ୍କ ବାପା ମେସେଜ କରିଥିବା ଜଣାପଡ଼ିଛି। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମୃତ ବନ୍ଦନାଙ୍କ ମା ଅଭିଯୋଗ କରିଛନ୍ତି ଯେ, ଫେବୃୟାରୀ ୧୬ରେ ଝିଅର ବାହାଘର ହୋଇଥିଲା। ଅଧିକ ଯୌତୁକ ପାଇଁ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିଲେ। ପରେ ଝିଅ ବନ୍ଦନା ଘରକୁ ଚାଲିଆସିଥିଲେ ମଧ ବୁଝାଶୁଝା କରି ଶାଶୁଘରକୁ ଲୋକଙ୍କ ପଠାଇଥିବା କହିଛନ୍ତି। ଏପରିକି ବନ୍ଦନାଙ୍କ ମୃତ୍ୟୁ ପରେ ଶ୍ୱଶୁର ମେସେଜ କରି ଥାନାରେ ଅଭିଯୋଗ ନ କରିବାକୁ କହିଥିଲେ। ତୁମ ଝିଅ ଆଣିଥିବା ସବୁ ଜିନିଷ ଫେରାଇ ଦେବୁ ବୋଲି ଶ୍ୱଶୁର ମେସେଜ କରିଥିବା ବନ୍ଦନାଙ୍କ ମା' ଅଭିଯୋଗ କରିଛନ୍ତି। ଏପରିକି ବନ୍ଦନାଙ୍କ ଶ୍ୱଶୁର ଉକ୍ତ ଥାନାରେ ପୋଲିସ ଥିବାରୁ ସେ ବ୍ୟବଚ୍ଛେଦ ରିପୋର୍ଟକୁ ବଦଳାଇବା ସହ ମାମଲାକୁ ଚାପି ଦେବେ ବୋଲି ମଧ ପରିବାର ଲୋକେ ଆଶଙ୍କା କରିଥିବା କହିଛନ୍ତି। ସୂଚନାନୁସାରେ, ଶୁକ୍ରବାର ଜାମିନ ଓ ବନ୍ଦନାଙ୍କ ମଧ୍ୟରେ ବଚସା ହୋଇଥିବା ନେଇ ବନ୍ଦନା ତାଙ୍କ ମା'ଙ୍କୁ ଫୋନ୍ କରି ଜଣାଇଥିଲେ। ହେଲେ ଶନିବାର ବନ୍ଦନା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ନେଇ ଖବରପାଇ ପୋଲିସ ଓ ବନ୍ଦନାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

## ସରପଞ୍ଚଙ୍କ ସହ ୪ଜଣଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

### ନଳକୂପ ଟଙ୍କା ହଡ଼ପ ମାମଲା

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକର ସିନ୍ଧୁରିଆ ପଞ୍ଚାୟତରେ ନଳକୂପ ପାଇଁ ଆସିଥିବା ଟଙ୍କାକୁ ହଡ଼ପ କରିଥିବା ଲୋକାୟୁକ୍ତରେ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ସମେତ ଅନ୍ୟ ୩ଜଣ ସରକାରୀ ଅଧିକାରୀ ମିଶି ମିଥ୍ୟା ବିଲ୍ କରି ଆସିଥିବା ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣାକୁ ଲୋକାୟୁକ୍ତ ଗୁରୁତର ସହ ନେଇ ମାମଲାର ତଦନ୍ତ ଦାୟିତ୍ୱ ବିଡିଓଙ୍କୁ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ଲୋକାୟୁକ୍ତ ସରପଞ୍ଚଙ୍କ ସମେତ ଅନ୍ୟ ୩ ଅଧିକାରୀ ଯଥା ପୂର୍ବତନ ପିଇଓ, ଏଇଓ ଏବଂ ଜିପିଟିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତିରାଜ ବିଭାଗର ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସିନ୍ଧୁରିଆ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାର ନଳକୂପ କାର୍ଯ୍ୟ ଆସିଥିଲା। ନଳକୂପ ବସାଇବା ପାଇଁ ୬୩ଫୁଟ ଖୋଳାଯାଇ ପାଇପ୍ ଦିଆଯାଇଥିବାର ସରପଞ୍ଚ ଏବଂ ଅନ୍ୟ ସରକାରୀ ଅଧିକାରୀମାନେ ଦର୍ଶାଇଥିଲେ। ୬୩ ଫୁଟର ମିଥ୍ୟା ବିଲ୍ କରି ସେମାନେ ୨ଲକ୍ଷ ଟଙ୍କା ହଡ଼ପ କରି ନେଇଥିଲେ। କିନ୍ତୁ ବାସ୍ତବରେ ତାହା ୩୬ଫୁଟ ଖୋଳାଯାଇଥିଲା। ଫଳରେ ନଳକୂପରୁ ପାଣି ବାହାରିଲାନି କି ତାହା କାମ ନ କରିବାରୁ ସୂଚନାକର୍ମୀମାନେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ।

## ଭୁବନେଶ୍ୱର: ସେପ୍ଟେମ୍ବରରେ ୮,୧୬୭ ଆକ୍ରାନ୍ତ, ୮,୧୦୨ ସୁସ୍ଥ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଭୁବନେଶ୍ୱରରେ ବର୍ତ୍ତମାନ ୧୮୫୯୨ଜଣ ସଂକ୍ରମିତ ହୋଇଥିବାବେଳେ ୧୪୪୩୬ଜଣ ସୁସ୍ଥ ହୋଇଛନ୍ତି। କରୋନାରେ ୬୮ଜଣଙ୍କ ମୃତ୍ୟୁ ହୋଇଛି ଓ ସହରରେ ମୋଟ ୪୦୭୪ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। କେବଳ ସେପ୍ଟେମ୍ବରରେ ଯଦି ଏହି ସଂଖ୍ୟା ଦେଖାଯାଏ ତେବେ, ଗତ ୨୦ଦିନ ମଧ୍ୟରେ ୮୧୬୭ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮୧୦୨ଜଣ ସୁସ୍ଥ ହୋଇଛନ୍ତି। ଯେଉଁଠି ଅଗଷ୍ଟ ୩୧ରେ ଭୁବନେଶ୍ୱରରେ ମାତ୍ର ୬୩୩୪ଜଣ ସୁସ୍ଥ ଥିଲେ, ଏହି ସଂଖ୍ୟା ଏବେ ବୃଦ୍ଧି ପାଇଛି। ରବିବାର ରାଜଧାନୀରୁ ୩୨୫ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩୮୪ଜଣ ସୁସ୍ଥ ହୋଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ସଙ୍ଗରୋଧରୁ ୧୦୭ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୨୧୮ଜଣ ଆକ୍ରାନ୍ତ ରହିଛନ୍ତି।

## ଠାକୁର ଘର ମିଥ୍ୟା ବିଲ୍‌ର ତଦନ୍ତ ନିର୍ଦ୍ଦେଶ

କୋଣାର୍କ,୨୦।୯(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତ କୋତାଙ୍ଗ ଗ୍ରାମଦେବତୀ ମା' ସାହାରେଇ ଠାକୁରାଣୀଙ୍କ ଘର ନିର୍ମାଣରେ ମିଥ୍ୟା ବିଲ୍ ନେଇ କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମନ୍ତ୍ରୀ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମବାସୀ ଚାନ୍ଦା କରି ଠାକୁରାଣୀଙ୍କ ପାଇଁ ଘରଟିଏ ନିର୍ମାଣ କରିଥିଲେ। କିନ୍ତୁ ଏକ ରାଜନୈତିକ ଦଳର କେତେଜଣ କର୍ମୀ କନିଷ୍ଠଯନ୍ତ୍ରୀଙ୍କ ମାଧମରେ ୨.୫୦ହଜାର ଟଙ୍କା ଫଲ୍ସ ବିଲ୍ କରିଥିଲେ। ଗ୍ରାମର ବିଚିତ୍ରାନନ୍ଦ ଦାଶ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ନ ହେବାରୁ ମନ୍ତ୍ରୀଙ୍କୁ ଜଣାଇଥିଲେ।



ରବିବାର ଭୁବନେଶ୍ୱରରେ ବର୍ଷା ହେଉଥିବା ସମୟରେ ମା'ପୁଅ ଛତା ଧରି ରାସ୍ତା ପାର ହେଉଛନ୍ତି।

# ନିର୍ଦ୍ଦେଶକୁ 'ଫୁଁ' କରିଦେଲା ପରିବା ହାଟ

### ବେଫିକର ବ୍ୟବସାୟୀ, ଅମାନିଆ ଗ୍ରାହକ

ଭୁବନେଶ୍ୱର, ୨୦।୯ (ବ୍ୟୁରୋ)

କାହା ମଧ୍ୟରେ ନ ଥିଲା ସାମାଜିକ ଦୂରତା। ପୁଣି କାହା ମୁହଁରେ ମାସ୍କ ନ ଥିବାବେଳେ ଆଉ କାହାର କାନରୁ ତଳକୁ ଝୁଲି ରହିଥିଲା। ପୂରା ବ୍ୟସ୍ତରେ ଥିଲେ ବ୍ୟବସାୟୀ, ଆଉ ଅମାନିଆ ହୋଇ ପଡ଼ିଥିଲେ ଗ୍ରାହକ। ଖୁନ୍ଦାଖୁନ୍ଦି ଗହଳି ଭିତରେ ଚାଲିଥିଲା ବେପାର। ଦଳଦଳ ହୋଇ ଚିହ୍ନା ପରିଚିତଙ୍କ ମଧ୍ୟରେ ପଡ଼ିଥିଲା ଚହଳ। କିଏ କହୁଥିଲା ଏତେ କଟକଣାରେ କ'ଣ ଚଳିହେବ। ପୁଣି କିଏ କହୁଥିଲା କରୋନା ଭିତରେ ଏମିତି ତ ଜୀବନ ଚାଲିବ। ରବିବାର ରାଜଧାନୀର ପ୍ରମୁଖ ୟୁନିଟ୍-୧ ଅସ୍ଥାୟୀ ପରିବା ହାଟରେ ଏ ପରିସ୍ଥିତି କହୁଥିଲା କରୋନା କଟକଣାକୁ ନେଇ ଆଉ ଉଲ୍ଲଂଘନକାରୀଙ୍କର ଭୟ ନାହିଁ। ଭୁବନେଶ୍ୱର ଓ କଟକରେ ସଂକ୍ରମଣ ବଢୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିବା ପରେ ଉଲ୍ଲଂଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପି ଅଭୟ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ଏହାପରଠାରୁ କମିଶନରେଟ ଓ ପୌର ପ୍ରଶାସନ ପକ୍ଷରୁ ଦୋକାନ, ବଜାର, ହାଟ, ଛକରେ ଯାଞ୍ଚ ଓ ଜରିମାନାକୁ ଜୋର୍‌ଦାର କରାଯାଉଛି। ପ୍ରତିଦିନ କେବଳ ଭୁବନେଶ୍ୱରରୁ ପାଖାପାଖି ୩ହଜାର ଅମାନିଆ ଧରାପଡି ଦଣ୍ଡ ଗଣୁଛନ୍ତି। ସେହିଭଳି ଗାଇଡ୍‌ଲାଇନ୍ ଉଲ୍ଲଂଘନ କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନକୁ ମଧ ସିଲ୍ କରାଯାଉଛି। ଏପରି ପଦକ୍ଷେପ ଯୋଗୁ ୩ଦିନ ହେବ ବ୍ୟବସାୟୀମାନେ ଦୋକାନ ଖୋଲିବାକୁ ଭୟ କରୁଥିବାବେଳେ ଲୋକେ ମଧ ପଦାକୁ ପୂର୍ବଭଳି ବାହାରି ନ ଥିଲେ। ଫଳରେ ଅଧିକାଂଶ ହାଟବଜାର ଖାଁଖାଁ ରହିଥିଲା। କିନ୍ତୁ ରବିବାର ଆଉ ସମ୍ଭାଳି ପାରି ନ ଥିଲେ ଲୋକେ। ଘରେ ବି ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ସରିଯାଇଥିଲା। ରାସ୍ତାପାର୍ଶ୍ୱରେ ପୋଲିସ ଧରିବା ଆଶଙ୍କା ଥିବାରୁ ଲୋକେ ଏକମୁହାଁ ହୋଇ ଧାଇଁଥିଲେ ୟୁନିଟ୍-୧ ଅସ୍ଥାୟୀ ପରିବା ହାଟକୁ। ଫଳରେ ସକାଳୁ ଭିଡ଼ ଆରମ୍ଭ ହୋଇଥିଲା। ପାଗ ଭଲ ଥିବାରୁ ଓ ସେଠାରେ ବିଏମ୍‌ସି କିମ୍ବା ପୋଲିସର ଯାଞ୍ଚ ନ ଥିବାରୁ ଲୋକେ ଅମାନିଆ ହୋଇଯାଇଥିଲେ। ଯେଉଁସ୍ଥାନରେ ପୋଲିସ ପ୍ରହରା ରହିଥିଲା ସେଠାରେ ସ୍ଥିତି ସ୍ୱାଭାବିକ ଥିଲା। କିନ୍ତୁ ୟୁନିଟ୍-୧ ପରିବା ହାଟ ଭଳି ଅନେକ ସ୍ଥାନରେ ଭିଡ଼ ଦେଖିବାକୁ ମିଳିଥିଲା।

ହାଟ କରିବାକୁ ଆସିଥିବା ସରୋଜ ଜେନା କୁହନ୍ତି, ଏବେ ତ ସବୁ ଖୋଲିଗଲା। ଆଉ କ'ଣ ଅଛି? ସମୟ ହେଲେ ତ ହାଟକୁ ସଉଦା କରିବାକୁ ଆସୁଛୁ। ଭିଡ଼ ରହୁଥିଲେ ମଧ ଆସିବାକୁ ପଡୁଛି। ଏଠି ଯଦି ପଛକୁ ରହି ଅପେକ୍ଷା କରିବୁ ତା'ହେଲେ କିଛି ମିଳିବନି। ପରିବା ବ୍ୟବସାୟୀ ସୁଶାନ୍ତ ଜେନା କୁହନ୍ତି, ଆମେ ସମସ୍ତ ପ୍ରକାର ନିୟମ କାନୁନ ପାଳନ କରୁଛୁ। ହେଲେ ଲୋକ ଭିଡ଼ ଜମାଉଛନ୍ତି। କିପରି ଶୀଘ୍ର ସାମଗ୍ରୀ ନେଇ ଘରକୁ ଯିବେ ସେଇ କଥାରେ ବ୍ୟସ୍ତ କରାଉଛନ୍ତି। ଆମେ ବ୍ୟବସାୟ କରିବାକୁ ଆସୁଛୁ, କାହାକୁ ମନା କରିବୁ? ଆମେ ମନା କଲେ ସେ ପାଖ ଦୋକାନକୁ ଯାଉଛନ୍ତି। ତେଣୁ ଏପରି ସ୍ଥିତିରେ ହିଁ ବ୍ୟବସାୟ କରୁଛୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଭୁବନେଶ୍ୱରରେ ବିଏମ୍‌ସି ଓ କମିଶନରେଟ୍ ପୋଲିସର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ କଠୋର କାର୍ଯ୍ୟାନୁଷ୍ଠାନ ନେଉଥିବା ରିପୋର୍ଟ ଦେଉଛି। ହେଲେ ଭୁବନେଶ୍ୱରର ହାଟ ବଜାର ସ୍ଥିତି ଦେଖିବା ପରେ ତାହାସବୁ ସାମୟିକ ଓ ଲୋକଦେଖାଣିଆ ପରି ଲାଗୁଛି। ହାଟରେ ଅସମ୍ଭାଳ ଭିଡ଼ ଜମୁଥିବାବେଳେ ରାସ୍ତାରେ ବୁଲି ବାହାବା ନେଉଛି। ବର୍ତ୍ତମାନ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାବେଳେ ଏଭଳି ଆଭିମୁଖ୍ୟ ଆଗକୁ ପୁଣି ପୁନରାବୃତ୍ତି ଘଟାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ବାଣିଜ୍ୟ ସୁବିଧା ଲାଗି କମ୍ପାନୀ ଆଇନରେ ସଂଶୋଧନ

**ନୂଆଦିଲ୍ଲୀ,୨୦।୯:** କେନ୍ଦ୍ର ସରକାର ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଂ ବିଜନେସ ବାଣିଜ୍ୟ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି କମ୍ପାନୀ ଆଇନକୁ ସଂଶୋଧନ କରିଛନ୍ତି। କମ୍ପାନୀ ଆଇନରେ ରହିଥିବା ବିଭିନ୍ନ ଆପରାଧିକ ପ୍ରସଙ୍ଗକୁ ବର୍ତ୍ତମାନ ବାଦ ଦେବା ଉପରେ ଏବେ ଜୋର ଦିଆଯାଇଛି। ଏଭଳି ଭାବେ ମୋଟ ୪୮ ଧାରା ହଟାଯିବାକୁ ପ୍ରସ୍ତାବ ରହିଛି। ଏହି ବିଲ୍‌କୁ ଶନିବାର ଲୋକ ସଭାର ଅନୁମୋଦନ ମିଳିଛି। ବର୍ତ୍ତମାନ କମ୍ପାନୀଗୁଡିକ କରୋନା ମହାମାରୀ ଯୋଗୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଛୋଟଛୋଟ କମ୍ପାନୀଗୁଡିକ ଲାଗି ମଧ ସହାୟକ ହୋଇପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟ କରିଛନ୍ତି। ଏହା ଦ୍ୱାରା କମ୍ପାନୀଗୁଡିକ ଉପରେ ପଡୁଥିବା ଆଇନଗତ ଚାପ ହ୍ରାସ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

### ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭ୍ରାମ୍ୟମାଣ ଏଟିଏମ୍

**ଭୁବନେଶ୍ୱର,୨୦।୯:** ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଓଡ଼ିଶା କ୍ଷେତ୍ରର ବିଭିନ୍ନ ଜିଲାରେ ଭ୍ରାମ୍ୟମାଣ ଏଟିଏମ୍ ସେବା ପାଇଁ ସ୍ୱତନ୍ତ୍ର ଯାନ ବ୍ୟବସ୍ଥା କରାଯାଇଛି। କରୋନା ମହାମାରୀ କାରଣରୁ ବ୍ୟାଙ୍କ ଏହି ସେବା ଆରମ୍ଭ କରିଥିବା ସୂଚନା ମିଳିଛି। ସବୁ ବର୍ଗର ଗ୍ରାହକ ଏହି ଭ୍ରାମ୍ୟମାଣ ଏଟିଏମ୍ ସେବାର ଲାଭ ଉଠାଇପାରିବେ। ଏଭଳି ଭ୍ୟାନ ଜରିଆରେ ବ୍ୟାଙ୍କ ଗ୍ରାହକଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦେବାର ଯୋଜନା ରଖିଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ବ୍ୟାଙ୍କ ରାଜ୍ୟର ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ, ଯାଜପୁର ଏବଂ କେନ୍ଦ୍ରାପଡା ଭଳି ଜିଲାରେ ଏହି ଭ୍ରାମ୍ୟମାଣ ଏଟିଏମ୍ ଭ୍ୟାନ ମୁତୟନ କରିଛି। ସାଧାରଣତଃ ଏଟିଏମ୍‌ରେ ଉପଲବ୍ଧ ହେଉଥିବା ସମସ୍ତ ସେବା ଏହି ଭ୍ରାମ୍ୟମାଣ ଏଟିଏମ୍ ଜରିଆରେ ମଧ ଗ୍ରାହକମାନେ ପାଇପାରିବେ।

# ରିଜର୍ଭ ବ୍ୟାଙ୍କ ୱିଣ୍ଡୋ ସପକ୍ଷରେ ୨୧ ରାଜ୍ୟ

**ନୂଆଦିଲ୍ଲୀ,୨୦।୯**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ନେଇ କେନ୍ଦ୍ର ଏବଂ ରାଜ୍ୟଗୁଡିକ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ହୋଇ ପାରିନାହିଁ। କେନ୍ଦ୍ର ସରକାର ରାଜ୍ୟଗୁଡିକୁ ରିଜର୍ଭ ବ୍ୟାଙ୍କ ୱିଣ୍ଡୋ ଦ୍ୱାରା ୯୭ ହଜାର କୋଟି କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଋଣ ଉଠାଣ ନେଇ ଦୁଇଟି ବିକଳ୍ପ ପ୍ରଦାନ କରିଥିଲେ। ଏହି ୨ ବିକଳ୍ପ ମଧ୍ୟରୁ ନିଜର ପ୍ରସ୍ତାବ ରଖିବାକୁ ରାଜ୍ୟଗୁଡିକୁ କେନ୍ଦ୍ର ସରକାର ସମୟ ଦେଇଥିଲେ। ଏହି କ୍ରମରେ ରିଜର୍ଭ ବ୍ୟାଙ୍କର ୯୭ ହଜାର କୋଟି ଟଙ୍କାର ୱିଣ୍ଡୋ ସପକ୍ଷରେ ୨୧ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ନିଜର ମତାମତ ରଖିଛନ୍ତି। ଏହି ରାଜ୍ୟଗୁଡିକ ମଧ୍ୟରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ଅରୁଣାଞ୍ଚଳ ପ୍ରଦେଶ, ଆସାମ, ବିହାର, ଗୋଆ, ଗୁଜରାଟ, ହରିୟାଣା, ହିମାଞ୍ଚଳ ପ୍ରଦେଶ, ଜମ୍ମୁ କଶ୍ମୀର, କର୍ନାଟକ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ତ୍ରିପୁରା, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

## ଜିଏସ୍‌ଟି କ୍ଷତିପୂରଣ




ଜିଏସ୍‌ଟି ଆଇନ ଅନୁସାରେ ଜିଏସ୍‌ଟି କାଉନସିଲରେ ଭୋଟିଂ ଦ୍ୱାରା କୌଣସି ରିଜୋଲ୍ୟୁଶନ ପାସ୍ କରିବାକୁ ହେଲେ ଅନ୍ତତଃ ପକ୍ଷେ ୨୦ ରାଜ୍ୟର ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମତ ଆବଶ୍ୟକତା ପଡିଥାଏ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ଅକ୍ଟୋବର ୫ରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁ ରାଜ୍ୟଗୁଡିକ ୨ ବିକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ମଧ ପ୍ରଦାନ କରି ନାହାନ୍ତି ସେମାନଙ୍କ ମତ ନ ନିଆଗଲେ ମଧ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପାରିବ ବୋଲି ଏଥିରୁ ସ୍ପଷ୍ଟ ହେଉଛି ବୋଲି ଜଣାପଡିଛି।

ଏଥିରୁ ଆଉ ଗୋଟିଏ କଥା ମଧ ସ୍ପଷ୍ଟ ହେଉଛି ଯେ, ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପାଇବା ଲାଗି ୨୦୨୨ ଜୁନ ଯାଏ ଅପେକ୍ଷା କରିବାକୁ ପଡିବ। ଜିଏସ୍‌ଟି ପରିଷଦ ସର୍ବସମ୍ମତ ଭାବେ ସେସ୍ ସଂଗ୍ରହ ଅବଧିକୁ ୨୦୨୨ ଜୁନ ୩୦ ପରଯାଏ ଯାଏ ମଧ ବଢାଇଛନ୍ତି।

ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ୨.୩୫ ଲକ୍ଷ କୋଟିର ଋଣ ଉଠାଣ ନେଇ ଯେଉଁ ବିକଳ୍ପ ଦିଆଯାଇଥିଲା ସେ ନେଇ କୌଣସି ରାଜ୍ୟ ମତାମତ ଦେଇନାହାନ୍ତି। ମଣିପୁର କେବଳ ଏ ସମ୍ପର୍କରେ ନିଜର ଆଭିମୁଖ୍ୟ ଜଣାଇଥିବା ବେଳେ ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରିଦେଇଛି। ଏଭଳି ସ୍ଥିତିରେ ଝାଡଖଣ୍ଡ, କେରଳ, ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗ କେନ୍ଦ୍ରର ବିକଳ୍ପ ପ୍ରସ୍ତାବ ଉପରେ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ଏହି ରାଜ୍ୟଗୁଡିକ ମଧ୍ୟରୁ ଅଧିକାଂଶ ୨ଟି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ଲାଗି ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ରହିଛି। ସେସ୍ ବାବଦକୁ କେବଳ ୬୫ ହଜାର କୋଟି ଟଙ୍କା ସଂଗ୍ରହ ହେବା ନେଇ ଆକଳନ କରାଯାଇଛି। ଟିକସ ସଂଗ୍ରହ କମିଥିବାରୁ ଏତେ ପରିମାଣର ଅର୍ଥ କ୍ଷତିପୂରଣ କିଭଳି ଦିଆଯିବ ସେ ନେଇ କେନ୍ଦ୍ର ଅଡୁଆରେ ପଡିଯାଇଛି। ଫଳରେ ରାଜ୍ୟଗୁଡିକୁ ୨ଟି ବିକଳ୍ପ ପ୍ରଦାନ କରାଯାଇଥିଲା। ଯାହାକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ମତଭେଦ ଉପୁଜିଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୨ଟି ବିକଳ୍ପ ରାଜ୍ୟଗୁଡିକୁ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ୱିଣ୍ଡୋ ବ୍ୟବସ୍ଥାରେ ରାଜ୍ୟଗୁଡିକ ୯୭ ହଜାର କୋଟି ଟଙ୍କାର ଋଣ ଉଠାଣ କରିବା ନେଇ ପ୍ରଥମ ବିକଳ୍ପ ରହିଛି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ବ୍ୟବସ୍ଥିତ ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ଦ୍ୱିତୀୟ ବିକଳ୍ପ ରହିଛି। କ୍ଷତିପୂରଣ ସେସ୍‌ରୁ କେନ୍ଦ୍ର ସରକାର ଏହି ଅର୍ଥ ୨୦୨୨ ଜୁନ ୩୦ ପରେ ପ୍ରଦାନ କରିବାକୁ କହିଛନ୍ତି। ଯଦି ରାଜ୍ୟଗୁଡିକ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାନ୍ତି ତେବେ ସୁଧର ବୋଝ ଉଠାଇବାକୁ ପଡିବ।

# କେନ୍ଦ୍ରର ବଜାର ଋଣ ୭.୦୬ ଲକ୍ଷ କୋଟି

**ନୂଆଦିଲ୍ଲୀ,୨୦।୯**

ଚଳିତ ଆର୍ଥିକ ବର୍ଷର ଅଦ୍ୟାବଧି କେନ୍ଦ୍ର ସରକାରଙ୍କ ବଜାର ଋଣ ୭.୦୬ ଲକ୍ଷ କୋଟି ଟଙ୍କା ଛୁଇଁଛି। ସରକାର ବର୍ତ୍ତମାନ ସୁଦ୍ଧା ୮୪,୦୨୩ କୋଟି ଟଙ୍କାର ଅଣ ଟିକସ ରାଜସ୍ୱ ସଂଗ୍ରହ କରିଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକ ସଭାକୁ ସୂଚନା ଦେଇ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୯୫,୫୩୩ କୋଟି ଟଙ୍କାର କର୍ପୋରେଟ ଟିକସ ସଂଗ୍ରହ ହୋଇଛି। ସେହିଭଳି ୩.୫୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ସେ ସ୍ପଷ୍ଟ କରିଛନ୍ତି। ଜୁଲାଇ ୩୧ ସୁଦ୍ଧା କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚ ୧୦.୫୪ ଲକ୍ଷ କୋଟି ଟଙ୍କା ରହିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ କୋଭିଡ ମହାମାରୀ ବିରୋଧରେ ଲଢେଇ ଲାଗି ୮,୫୭୫ କୋଟି ଟଙ୍କା ଦିଆଯାଇଛି। ଏହି ଖର୍ଚ୍ଚ ମଧ୍ୟରେ ଆୟୁଷ ମନ୍ତ୍ରଣାଳୟର ୨୦.୮୧ କୋଟି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୧୦୨.୦୮ କୋଟି ଟଙ୍କା ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ୧୯.୩୪ କୋଟି ଟଙ୍କା ସାମିଲ ରହିଛି।



ଠାକୁର ପୁଣି କହିଛନ୍ତି ଯେ, ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ମାସ୍କ ଏବଂ ପିପିଇ କିଟ୍ କିଣାରେ ୨୪୫୪ କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିଭଳି ଆୟୁଷ ମନ୍ତ୍ରଣାଳୟ ଏଥିଲାଗି ୧.୩୫ କୋଟି ଖର୍ଚ୍ଚ କରିଛି। ଏହି ବର୍ଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଖର୍ଚ୍ଚ ୫୮.୦୫ କୋଟି ଟଙ୍କା ରହିଛି। କୋଭିଡ ଯୋଗୁ ସମସ୍ୟାରେ ରହିଥିବା ବ୍ୟକ୍ତିବିଶେଷ ଏବଂ ସାରା ଦେଶ ଲାଗି ୨ଟି ପ୍ୟାକେଜ ସରକାର ଘୋଷଣା କରିଛନ୍ତି। ଏହା ମଧ୍ୟରେ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ୨୦ ଲକ୍ଷ କୋଟି ଟଙ୍କାର ଆତ୍ମ ନିର୍ଭର ଭାରତ ଯୋଜନା ରହିଥିଲା। ୨୦୨୦-୨୧ ଆର୍ଥିକ ବର୍ଷର ଜୁଲାଇ ଶେଷ ସୁଦ୍ଧା ସରକାରଙ୍କ ମୋଟ ପୁଞ୍ଜି ଖର୍ଚ୍ଚ ୧.୧୧ ଲକ୍ଷ କୋଟି ଟଙ୍କା ରହିଛି।

# ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୩୧% କମିଲା

**ନୂଆଦିଲ୍ଲୀ,୨୦।୯**

ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଅଗଷ୍ଟ ମାସ ମଧ୍ୟରେ ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୩୧.୧% ହ୍ରାସ ଘଟିଛି। ଏହି ଅବଧିରେ ୧.୯୨ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିବାକୁ ସରକାର ସକ୍ଷମ ହୋଇଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକ ସଭାକୁ ସୂଚନା ଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୨.୭୯ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହୋଇଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅଗଷ୍ଟ ସମୟରେ ପରୋକ୍ଷ ଟିକସ ସଂଗ୍ରହ ୧୧.୨୩% ହ୍ରାସ ଘଟି ୩.୪୨ ଲକ୍ଷ

### ଜିଏସ୍‌ଟି ୧୧.୨୩% ହ୍ରାସ




କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ସମୟ ଅବଧିରେ ୩.୮୬ ଲକ୍ଷ କୋଟି ଟଙ୍କାର ଟିକସ ପରୋକ୍ଷ ସଂଗ୍ରହ ହୋଇଥିଲା।

ଲୋକ ସଭାରେ ଲିଖିତ ଉତ୍ତରରେ ଠାକୁର କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ହାରାହାରି ଜିଏସ୍‌ଟି ସଂଗ୍ରହରେ କ୍ରମାଗତ ଭାବେ ହ୍ରାସ ଘଟି ଚାଲିଛି। ଗତ ବର୍ଷ ତୁଳନାରେ ଜିଏସ୍‌ଟି ସଂଗ୍ରହ ଆଖିଦୃଶିଆ ହୋଇ ପାରୁନାହିଁ। କୋଭିଡ ଲାଗି ବଜାର କ୍ଷତିଗ୍ରସ୍ତ ହୋଇଥିବାରୁ ଲକ୍‌ଡାଉନରେ ଟିକସଦାତା ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ସରକାର ଟିକସ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସୁଧଛାଡ, ବିଳମ୍ବ ଦେୟ ଏବଂ ରିଟର୍ନ ଫାଇଲିଂ ସୀମାକୁ ବଢାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଟିକସ ଅନୁପାଳନକୁ ବଢାଇବା ଦିଗରେ ସରକାର ନିରନ୍ତର ପ୍ରକ୍ରିୟା ଜାରି ରଖିଛନ୍ତି। ଟିକସ ଠକେଇକୁ ରୋକିବା ଲାଗି କେନ୍ଦ୍ର ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଠାକୁର ମତ ରଖିଛନ୍ତି।

## ଏସ୍‌ବିଆଇ ଜେନେରାଲ-ୟେସ୍ ବ୍ୟାଙ୍କ ଚୁକ୍ତି

**ମୁମ୍ବାଇ,୨୦।୯**

ଏସ୍‌ବିଆଇ ଜେନେରାଲ ଏବଂ ୟେସ୍ ବ୍ୟାଙ୍କ ନିକଟରେ ଚୁକ୍ତିରେ ସାମିଲ ହୋଇଛନ୍ତି। ରିଟେଲ ଉତ୍ପାଦର ଆବଣ୍ଟନ ପାଇଁ ଦୁଇ କମ୍ପାନୀ ଏଭଳି କର୍ପୋରେଟ ରାଜିନାମା ସ୍ୱାକ୍ଷର କରିଛନ୍ତି। ଏସ୍‌ବିଆଇ ଜେନେରାଲ ବର୍ତ୍ତମାନ ବ୍ୟାଙ୍କ, ପେମେଣ୍ଟ ଆପ୍, ଇ-କମର୍ସ କମ୍ପାନୀ ଏବଂ ବ୍ରୋକର ଭଳି ଅଂଶୀଦାରଙ୍କ ସହ ମିଶି ସାରା ଦେଶରେ ଏହାର ବଣ୍ଟନ ବ୍ୟବସ୍ଥାକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସହଭାଗିତା ଦ୍ୱାରା ଗ୍ରାହକମାନେ ବ୍ୟାପକ ସ୍ତରୀୟ ଅଣ ଜୀବନବୀମା ଉତ୍ପାଦ ଓ ସେବା ମଧ ପାଇପାରିବେ।

# ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଭାରତରେ ୭୪ କୋଟି ଟପିଲା

**ନୂଆଦିଲ୍ଲୀ, ୨୦।୯**

ଦେଶରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୭୪ କୋଟି ୩୦ ଲକ୍ଷରୁ ଅଧିକରେ ପହଞ୍ଚିଛି। ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଏଭଳି ହୋଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେଥିମଧ୍ୟରେ ୱେରଲେସ୍ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୭୨ କୋଟି ୭ ଲକ୍ଷରୁ ଅଧିକ ରହିଛି। ଯାହାକି ମୋଟ ବ୍ୟବହାରକାରୀଙ୍କର ୯୭ ପ୍ରତିଶତ। ୱେର ଦ୍ୱାରା ଇଣ୍ଟରନେଟ୍ ବ୍ୟବହାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨ କୋଟି ୨୪ ଲକ୍ଷ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ଦେଶରେ ବ୍ରଡ୍ ବ୍ୟାଣ୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ୯୨.୫ ପ୍ରତିଶତ ରହିଛି। ସେମାନଙ୍କ ସଂଖ୍ୟା ୬୮ କୋଟି ୭୪ ଲକ୍ଷରୁ ଅଧିକ ରହିଛି। ଅପରପକ୍ଷରେ ନ୍ୟାରୋ ବ୍ୟାଣ୍ଡ ବ୍ୟବହାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୫ କୋଟି ୫୭ ଲକ୍ଷ ରହିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଡିସେମ୍ବର ୨୦୧୯ରେ ଦେଶରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୭୧ କୋଟି ୮୦ ଲକ୍ଷରୁ ଅଧିକ ଥିଲା। ପରବର୍ତ୍ତୀ ସମୟରେ ଏଥିରେ ୩.୪ ପ୍ରତିଶତ ବୃଦ୍ଧି ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବଜାରରେ ରିଲାଏନ୍ସ ଜିଓର ୫୨.୩ ପ୍ରତିଶତ ମାର୍କେଟ ଶେୟାର ଥିବାବେଳେ ଭାରତି ଏୟାର ଟେଲ୍ ୨୩.୬ ପ୍ରତିଶତ ମାର୍କେଟ ଶେୟାର ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।

## ରାଜ୍ୟ ଖବର

# କାନାଗାଁରୁ କଟକ ଷ୍ଟୁଡିଓ

ବଣମଲ୍ଲୀ, ବଣରେ ମଉଳି ଯାଇନି। ଅପହଞ୍ଚ ଦୁର୍ଗମ ପାହାଡ଼ି ଇଲାକାର ପ୍ରତିଭା ମୁଖ୍ୟସ୍ରୋତକୁ ଆସିଛି। ସୁଦୂର କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ଚିନ୍ତାଗୁଡ଼ା ଗ୍ରାମର ଆଦିବାସୀ ଝିଅ ନମିତା ମେଲକା ଏବେ କଟକ ସିଡିଏସ୍ଥିତ ନ୍ୟୁ ରେକର୍ଡିଂ ଷ୍ଟୁଡ଼ିଓ ବୁଥ୍‌ରେ ଗୀତ ରେକର୍ଡିଂରେ ବ୍ୟସ୍ତ ରହିଛନ୍ତି। ନିଜର ସୁମଧୁର କଣ୍ଠ ପାଇଁ କିଛି ଦିନ ଭିତରେ ଇଣ୍ଟରନେଟ୍ ସେନସେସନ୍ ପାଲଟିଥିବା ନମିତାଙ୍କର ଗୋଟିଏ ଗୀତ ରବିବାର ରେକର୍ଡିଂ କରାଯାଇଛି। ଓଲିଉଡ୍‌ର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶନାରେ ଗୀତଟି ପ୍ରସ୍ତୁତ କରାଯାଇଛି।



- ନମିତାଙ୍କ ସ୍ୱରରେ ଗୁଞ୍ଜରିଲା 'ନିନୁନା ନିଉଡି ଜୀବନ'
- ବର୍ଷାଙ୍କ ପରବର୍ତ୍ତୀ ସିନେମାରେ ଗୀତ ଗାଇବେ



ଷ୍ଟୁଡିଓରେ ଗୀତ ରେକର୍ଡିଂ ଅବସରରେ ପ୍ରେମ୍ ଆନନ୍ଦ ଓ ବର୍ଷା ପ୍ରିୟଦର୍ଶିନୀଙ୍କ ସହ ନମିତା।

**କଟକ ଅଫିସ,୨୦।୯**

'ନିନୁନା ନିଉଡି ଜୀବନ..' ଏହା ହେଉଛି ଆଦିବାସୀ କୁଇ ଭାଷାରେ ରଚିତ ଏକ ଗୀତର ଗୋଟିଏ ଧାଡ଼ି। ଏହାର ଅର୍ଥ 'ତୁ ମୋର ଜୀବଜୀବନ' ବୋଲି ଗୀତର ଗୀତିକାର ବିଜୟ ମଲ୍ଲ କହିଛନ୍ତି। ନମିତାଙ୍କ ପାଇଁ ଏହି ଗୀତଟି ଉଭୟ ଓଡ଼ିଆ ଏବଂ କୁଇ ଭାଷାର ମିଶ୍ରଣରେ ଲେଖାଯାଇଛି। ଗୀତର ପ୍ରଯୋଜନା ଭାର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ବହନ କରିଛନ୍ତି।

ବଣଜଙ୍ଗଲ ଘେରା ଚିନ୍ତାଗୁଡ଼ା ଗ୍ରାମର ନମିତା ବିନା ପ୍ରଶିକ୍ଷଣରେ ଓଡ଼ିଆ, ହିନ୍ଦୀ ଓ କୁଇ ଭାଷାର ଗୀତ ଗାଇପାରନ୍ତି। ବଲିଉଡର 'ମିଲେ ହୋ ତୁମ ହମ୍‌ସେ ବଡ଼ି ନସିବୋ ସେ', 'ଜୀନା ଜୀନା ଜୀନା ରେ' ଗୀତ ଗାଇ ସେ ସୋସିଆଲ ମିଡିଆରେ ବେଶ ପ୍ରଶଂସିତ ହୋଇଥିଲେ। କିଛି ଦିନ ଭିତରେ ତାଙ୍କ ଭିଡିଓ ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚିଥିଲା। ଏ ନେଇ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଖବର ପାଇବା ପରେ ତାଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ମତ ରଖିବା ସହ ଏକ ଟୁଇଟ୍ ମଧ କରିଥିଲେ। ପରେ ଏ ନେଇ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସହ ଆଲୋଚନା କରିଥିଲେ। ନମିତାଙ୍କ ପାଇଁ ଏକ ଗୀତ ପ୍ରସ୍ତୁତ କରିବା ନିମନ୍ତେ ଯୋଜନା ଆଗେଇଥିଲା। ପ୍ରାରମ୍ଭରେ ଏକ ଭଜନ କରାଯିବ ବୋଲି ସ୍ଥିର ହୋଇଥିଲା। ଗୀତ ରଚନା ଦାୟିତ୍ୱ ବିଜୟ ମଲ୍ଲଙ୍କୁ ଦିଆଯାଇଥିଲା। ଏଥିରେ ଓଡ଼ିଆ ଓ କୁଇ ଭାଷାକୁ ମିଶାଇ ଗୀତଟି ଲେଖାଯାଇଥିଲା। ଏହା ଏକ ଜଗନ୍ନାଥ ଭଜନ। ରବିବାର ରେକର୍ଡିଂ ଦିବସ ନିର୍ଦ୍ଧାରଣ କରାଯିବା ପରେ ନମିତାଙ୍କୁ ଡକାଯାଇଥିଲା। ତାଙ୍କ ଯାତାୟତ ଖର୍ଚ୍ଚ ବର୍ଷା ବହନ କରିଛନ୍ତି ବୋଲି ନିର୍ଦ୍ଦେଶକ ପ୍ରେମ ଆନନ୍ଦ କହିଛନ୍ତି। ସକାଳ ୧୦ଟାରେ ନମିତା ରେକର୍ଡିଂ ଷ୍ଟୁଡ଼ିଓରେ ପ୍ରବେଶ କରିଥିଲେ। ଅପରାହ୍ନ ପ୍ରାୟ ୧.୩୦ ପର୍ଯ୍ୟନ୍ତ ରେକର୍ଡିଂ କରାଯାଇଥିଲା। ନମିତାଙ୍କ କଣ୍ଠରେ ମଧୁର ଓ ସରଳତାର ଏକ ଅପୂର୍ବ ଅନୁଭବ ରହିଛି ବୋଲି ପ୍ରେମ ଆନନ୍ଦ କହିଛନ୍ତି। ତାଙ୍କୁ ଆହୁରି ଶିଖିବାର ଅଛି। ତଥାପି ଗୀତଟି ବହୁତ ଭଲ ଭାବେ ଗାଇଥିଲେ ବୋଲି ସେ କହିଛନ୍ତି। ଏହାଛଡ଼ା ବର୍ଷାଙ୍କ ପରବର୍ତ୍ତୀ ସିନେମାରେ ନମିତାଙ୍କୁ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ ସୁଯୋଗ ଦିଆଯିବ ବୋଲି ପ୍ରେମାନନ୍ଦ ସୂଚନା ଦେଇଛନ୍ତି। ଏହି ଅବସରରେ ନମିତାଙ୍କୁ ଅଧିକ ଉତ୍ସାହିତ କରିବା ନିମନ୍ତେ ବର୍ଷା ଏକ ପ୍ରଶଂସାମୂଳକ ଚିଠି ଦେଇଥିଲେ।

ନିଳାବାଡ଼ି ଆଶ୍ରମ ବିଦ୍ୟାଳୟରେ ପଢୁଥିବା ନମିତା ଲକ୍‌ଡାଉନ ସମୟରେ ଗୀତ ପ୍ରତି ଅଧିକ ଧ୍ୟାନ ଦେଇଥିଲେ ବୋଲି କହିଛନ୍ତି। ସ୍କୁଲ ବନ୍ଦ ହୋଇଯିବାରୁ ଘରେ ରହି ଅଧିକ ସମୟ ଗୀତ ଗାଉଥିଲେ। ଗାଁକୁ ଆସିଥିବା କେତେଜଣ ବ୍ୟକ୍ତି ତାଙ୍କ ଗୀତ ଶୁଣି ଖୁସି ହୋଇ ଏହାକୁ ରେକର୍ଡିଂ କରି ସୋସିଆଲ ମିଡ଼ିଆରେ ଅପଲୋଡ୍ କରିଥିଲେ।

## ଶେଷ ହେଲା ଭାଜପାର 'ସେବା ସପ୍ତାହ'

**ଭୁବନେଶ୍ୱର ୨୦।୯(ବ୍ୟୁରୋ)**

ଭାଜପାର ୭ ଦିନିଆ ସେବା ସପ୍ତାହ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଗତ ୧୪ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ ପରେ ୨୦୧୪ ଅକ୍ଟୋବର ୨ରେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରିଥିଲେ। ବାହ୍ୟ ମଳ ପରିତ୍ୟାଗ ଓ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବର୍ଜନ ସହ ନିଜ ଆଖପାଖ ଅଞ୍ଚଳ ଓ ପରିବେଶକୁ ସଫା ରଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ତାଙ୍କର ଏହି ଆହ୍ୱାନ କ୍ରମଶଃ ଜନଆନ୍ଦୋଳନରେ ପରିଣତ ହୋଇଛି। ଜାତିସଂଘ ସମେତ ସମଗ୍ର ବିଶ୍ୱ ଆଜି ସ୍ୱଚ୍ଛଭାରତ ଅଭିଯାନକୁ ପ୍ରଶଂସା କରୁଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଜିଲାର ୭୦ଟି ଗ୍ରାମ ଏବଂ ପ୍ରତି ଜିଲା ମୁଖ୍ୟାଳୟର ପ୍ରମୁଖ ୭୦ଟି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଏଥିସହ ପରିବେଶକୁ ସଫା ରଖିବା ପାଇଁ ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ବର୍ଜନର ସଂକଳ୍ପ ନେବା ସହ ବୁଲି ବୁଲି ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ଭାଜପା ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ କୋଭିଡ୍-୧୯ ଗାଇଡଲାଇନକୁ ପାଳନ କରି ବିଭିନ୍ନ ବସ୍ତି, ଡାକ୍ତରଖାନା, ବସଷ୍ଟାଣ୍ଡ, ମନ୍ଦିର ପରିସର, ଜନଗହଳି ଅଞ୍ଚଳର ରାସ୍ତାଗୁଡିକରେ ସଫେଇ କାର୍ଯ୍ୟକ୍ରମ କରିଛି। ଏହି ଅଭିଯାନରେ ସଫେଇ କର୍ମଚାରୀ, ବସ୍ତିବାସିନ୍ଦାଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ।

# ଜଳପ୍ରପାତକୁ ଗାଧୋଇବାକୁ ଯାଇ ୨ ସାଙ୍ଗ ନିଖୋଜ

**ରାଉରକେଲା ଅଫିସ୍ ,୨୦।୯**

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଲୋସ ପଞ୍ଚାୟତ ନିକଟସ୍ଥ ବାଦଲଗିରି ଜଳ ପ୍ରପାତକୁ ଗାଧୋଇବାକୁ ଯାଇ ରବିବାର ୨ ସାଙ୍ଗ ନିଖୋଜ ହୋଇ ଯାଇଛନ୍ତି। ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି ଚଳାଇଥିଲେ ମଧ ସେମାନଙ୍କର ପତ୍ତା ମିଳି ପାରିନାହିଁ। ନିଖୋଜ ଯୁବକ ଦ୍ୱୟ ହେଲେ ସ୍ୱରୁପ ମହାନ୍ତି (୨୨) ଓ ଅନିମେଶ ସିଂହ୍ନା (୨୨)।

ସୂଚନା ଅନୁଯାୟୀ, ରାଉରକେଲା କୋଏଲନଗର ଅଞ୍ଚଳରୁ ରବିବାର ପୂର୍ବାହ୍ନରେ ସ୍ୱରୁପ ଓ ଅନିମେଶଙ୍କ ସମେତ ୮ ଯୁବକ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବର୍ନୈକେଳାରୁ ସୋଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ସପଲତାରୁ ୩ କି.ମି ଦୂରରେ ଥିବା ଜଳପ୍ରପାତ ଅଭିମୁଖେ ଗାଧୋଇବା ପାଇଁ ବାହାରିଥିଲେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଯୁବକମାନେ ୪ଟି ସ୍କୁଟିରେ ଯାଇଥିଲେ। ରବିବାର ଥିବାରୁ ମଜାମସ୍ତି କରିବାକୁ ଭାବିଥିଲେ। ମଧ୍ୟାହ୍ନ ୧୨ଟା ବେଳେ ଜଳପ୍ରପାତ ୩ ନମ୍ବର କୁଣ୍ଡରେ ୩ଜଣ ବନ୍ଧୁ ଗାଧୋଉଥିବାବେଳେ ଅନ୍ୟ ୫ଜଣ ସେହି ପାଖରେ ବସିଥିଲେ। କିନ୍ତୁ ହଠାତ୍ ୩ଜଣ ନିଖୋଜ ହୋଇଯିବା ପରେ ଅନ୍ୟ ସାଙ୍ଗମାନେ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ହେଲେ ଅନିମେଶ ଓ ସ୍ୱରୁପଙ୍କୁ ପାଇ ନ ଥିଲେ। ନିଖୋଜ ସ୍ୱରୂପ ଓ ଅନିମେଶଙ୍କୁ ଜାତୀୟସ୍ତରର ବଡ଼ କମ୍ପାନୀରେ ନିଯୁକ୍ତି ପାଇଁ ପତ୍ର ଆସିଥିଲା। ଅନ୍ୟ ୬ ଜଣ ବନ୍ଧୁଙ୍କର ଚାକିରି ପାଇଁ କ୍ୟାମ୍ପସ୍‌ରେ ଚୟନ ହୋଇଥିଲା। ଏହି ଖୁସିରେ ସମସ୍ତେ ଜଳପ୍ରପାତକୁ ଯାଇଥିବା ସୂଚନା ମିଳିଛି।

# କୃଷି ବିଲ୍ ପାରିତ ପରେ ରାଜ୍ୟ ଭାଜପାର ସ୍ୱାଗତ

**ଭୁବନେଶ୍ୱର ୨୦।୯(ବ୍ୟୁରୋ)**

ରାଜ୍ୟ ସଭାରେ କୃଷି ବିଲ୍ ପାରିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ରାଜ୍ୟ ଭାଜପା ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ସେହିପରି ପାରିତ କୃଷି ବିଲ୍ ଦ୍ୱାରା ଚାଷୀଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ଉପରେ କିଛି ପ୍ରଭାବ ପଡିବ ନାହିଁ। ପ୍ରଧାନମନ୍ତ୍ରୀ ନେତୃତ୍ୱ ନେବା ପରଠାରୁ କେନ୍ଦ୍ର ସରକାର ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପୃଥ୍ୱୀରାଜ କହିଛନ୍ତି, ଏମ୍‌ଏସ୍‌ପି ବୃଦ୍ଧି, କୃଷି ସିଞ୍ଚାଇ ଯୋଜନାରେ ଜଳସେଚନ, ସାର ଯୋଗାଣ ସୁନିଶ୍ଚିତ କରିବା, ଫସଲ ବୀମା ଯୋଜନା ଅଧୀନରେ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା, ଡିଜିଟାଲରେ କୃଷକଙ୍କୁ ଲିଙ୍କ୍ କରିବା(ଇ-ନାମ୍) ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀଙ୍କୁ ସିଧାସଳଖ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଭାରତୀୟ ଚାଷୀ ସଂଘ କରୋନାରେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଚାଷୀଙ୍କ ଅସୁବିଧାକୁ ଦୂର କରିବାକୁ ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣାରେ ଚାଷୀଙ୍କୁ ଅଧିକ ପ୍ରାଥମିକତା ମିଳିଛି। ଏହି ପ୍ୟାକେଜରେ ଚାଷୀଙ୍କ ପାଇଁ ୧ ଲକ୍ଷ କୋଟିର କୃଷି ଭିତ୍ତିଭୂମି ପାଣ୍ଠି ଗଠନ, ଗୋଟିଏ ଦେଶ ଓ ଗୋଟିଏ ବଜାରକୁ ପ୍ରୋତ୍ସାହନ ଦେବା ପାଇଁ ଏକ୍ଷେତ୍ରରେ ସଂସ୍କାର ଆଣିଛନ୍ତି। ଏହି ବିଲ୍ ଦେଶର କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କୁ ବିନା ମଧ୍ୟସ୍ଥରେ ଅଧିକ ପଇସା ରୋଜଗାର କରିବାର ଏକ ପ୍ଲାଟଫର୍ମ ଯୋଗାଇବ। ଏହି ପରିବର୍ତ୍ତନଶୀଳ ବିଲ୍‌କୁ ବିରୋଧ କରି ରାଜ୍ୟ ସରକାର ଚାଷୀ ବିରୋଧୀ ବୋଲି ପ୍ରମାଣିତ କରିଛନ୍ତି। ରାଜ୍ୟ ସରକାର ଦଲାଲ, ମଧ୍ୟସ୍ଥମାନଙ୍କର ସାଥି ଦେବା ପାଇଁ ଏହି ବିଲ୍‌ର ବିରୋଧ କରୁନାହାନ୍ତି କି ବୋଲି ପୃଥ୍ୱୀରାଜ କହିଛନ୍ତି।

# ସ୍ୱର୍ଗଦ୍ୱାରରୁ ଫେରାଇ ଅଣାଗଲା ମୃତଦେହ

## କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା

**ପୁରୀ ଅଫିସ,୨୦।୯**

ପୁରୀ ଜିଲାରେ ବିଭିନ୍ନ ସମୟରେ କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ନେଇ ଅଭିଯୋଗ ଆସୁଛି। କୋଭିଡ୍ ହସ୍ପିଟାଲରେ ସଂକ୍ରମିତଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ ତ ପୁଣି କେତେବେଳେ ଭିତ୍ତିଭୂମିକୁ ନେଇ ପ୍ରଶ୍ନ ଉଠୁଛି। ତେବେ ରବିବାର ପୁରୀରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱର୍ଗଦ୍ୱାରରେ ମୃତଦେହ ପହଞ୍ଚିବା ପରେ ମୃତକଙ୍କ ରିପୋର୍ଟ ପଜିଟିଭ ବୋଲି ଜଣାପଡ଼ିଥିଲା। ଏହାପରେ ମୃତଦେହକୁ ପୁଣି କୋଭିଡ୍ ହସ୍ପିଟାଲକୁ ଫେରାଇ ଅଣାଯାଇଥିଲା।


ସୂଚନା ଅନୁଯାୟୀ, ପୁରୀ ସହରର ଜଣେ ବ୍ୟକ୍ତି ଶନିବାର ଜ୍ୱରରେ ପୀଡ଼ିତ ଥିଲେ। ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଇ ପରିବାର ଲୋକଙ୍କୁ କିଛି କୁହାଯାଇ ନ ଥିଲା। ତେବେ ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ଘରକୁ ନିଆଯାଇଥିଲା। ପରେ ସଂସ୍କାର ପାଇଁ ମୃତଦେହକୁ ପରିବାର ସଦସ୍ୟ ଓ ସମ୍ପର୍କୀୟ କାନ୍ଧେଇ ସ୍ୱର୍ଗଦ୍ୱାରକୁ ନେଇଥିଲେ। ସ୍ୱର୍ଗଦ୍ୱାରରେ ମୃତଦେହ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟକ୍ତି କୋଭିଡ୍ ପଜିଟିଭ ବୋଲି ଜଣାପଡ଼ିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସ୍ୱର୍ଗଦ୍ୱାରକୁ ଆମ୍ବୁଲାନ୍ସ ପଠାଯାଇ କୋଭିଡ୍ ହସ୍ପିଟାଲକୁ ମୃତଦେହ ଫେରାଇ ଅଣାଯାଇଥିଲା। ପରେ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ କାଗଜପତ୍ର କରାଯାଇ ଅନ୍ତିମ ସଂସ୍କାର ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ବିରଜା ଶଙ୍କର ରଥ ଗଣମାଧ୍ୟମକୁ କହିଛନ୍ତି, କମ୍ୟୁନିକେଶନ ଗ୍ୟାପ୍ ଯୋଗୁ ଏପରି ହୋଇଛି। ଏହା ଜଣାପଡ଼ିବା ପରେ ସ୍ୱର୍ଗଦ୍ୱାରକୁ ଆମ୍ବୁଲାନ୍ସ ପଠାଯାଇ ମୃତଦେହ ଫେରାଇ ଅଣାଯାଇଛି।

# ସୁପର ଓଭରରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦୁବାଇ,୨୦।୯(ପି.ଟି.)**

ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭରରେ କିଙ୍ଗ୍ସ ଏକାଦଶ ପଞ୍ଜାବକୁ ପରାସ୍ତ କରିଛି। ଏହି ରୋମାଞ୍ଚକ ମ୍ୟାଚରେ ଟସ୍‌ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ସମାନ ୧୫୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏହାପରେ ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କାଗିସୋ ରାବାଡାଙ୍କୁ ସାମ୍ନା କରି ୨ ଉଇକେଟ ହରାଇ ୨ ରନ କରିଥିଲା। ଜବାବରେ ଦିଲ୍ଲୀ ମହମ୍ମଦ ସାମିଙ୍କର ସମ୍ମୁଖୀନ ହୋଇ ଦ୍ୱିତୀୟ ବଲରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପଛରେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ମୟଙ୍କ ଅଗ୍ରୱାଲ ୬୦ ବଲରୁ ୭ ଚୌକା ଓ ୪ ଛକା ସହ ୮୯ ରନ ସଂଗ୍ରହ କରି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ଦିଲ୍ଲୀ ସୁପର ଓଭରରେ ବାଜି ମାରିଥିଲା।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୧୩ ରନରେ ପ୍ରଥମ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ଖାତା ଖୋଲିବା ପୂର୍ବରୁ ଦୁର୍ଭାଗ୍ୟଜନକ ଭାବେ କ୍ରିଷ୍ଣାପ୍ପା ଗୋଥାମ୍‌ଙ୍କ ଥ୍ରୋରେ ଉଇକେଟକିପର ତଥା ଅଧିନାୟକ ଲୋକେଶ ରାହୁଲଙ୍କ ଦ୍ୱାରା ରନ୍ ଆଉଟ୍ ହୋଇଥିଲେ। ଯୁବ ଓପନର ପୃଥ୍ୱୀ ଶ' ମାତ୍ର ୫ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ମିଡ୍ ଅନ୍‌ରେ କ୍ରିସ୍ ଜୋର୍ଡାନଙ୍କ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ସିମରନ ହେଟ୍‌ମେୟର ମଧ ସାମିଙ୍କ ଶିକାର ହୋଇଥିଲେ। ସେ ୭ ରନ କରିଥିବା ବେଳେ ଏକ୍ସଟ୍ରା କଭରରେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ଅଧିନାୟକ ଶ୍ରେୟାସ ଆୟାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରି ୬୦ ବଲରୁ ୭୩ ରନ ସଂଗ୍ରହ କରିଥିଲେ। ତେବେ ପନ୍ତ ଲାଇନ୍‌ମିସ୍ କରି ୨୯ ବଲ୍ ଖେଳି ୪ ଚୌକା ସହ ୩୧ ରନ କରି ରବି ବିଷ୍ଣୋଇଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପର ଓଭରରେ ଆୟାର ଆଉଟ ହୋଇଥିଲେ। ସେ ୩୨ ବଲ୍ ଖେଳି ୩ ଛକା ସହ ୩୯ ରନକରି ମିଡ୍- ଅଫ୍‌ରେ ଜୋର୍ଡାନଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଅକ୍ଷର ପଟେଲ ୬ ରନ କରି ସେଲଡନ କଟ୍ରେଲଙ୍କ ବଲରେ ରାହୁଲଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ରବିଚନ୍ଦ୍ରନ ଆଶ୍ୱିନ ମାତ୍ର ୪ ରନ କରି କଟ୍ରେଲଙ୍କ ବଲ୍‌ରେ ଥାର୍ଡମ୍ୟାନରେ ସାମିଙ୍କୁ କ୍ୟାଚ୍ ଦେଇଥିଲେ। ଜୋର୍ଡାନଙ୍କ ଅନ୍ତିମ ଓଭରରେ ୨୬ ରନ ବ୍ୟୟ କରିଥିଲେ। ୨୦ତମ ଓଭରରେ ଷ୍ଟୋଇନିସ୍ ୨ଟି ଛକା ଓ ୩ ଚୌକା ମାରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଷ୍ଟୋଇନିସ୍ ୨୧ଟି ବଲ ଖେଳି ୭ ଚୌକା ୩ ଛକା ସହ ୫୩ ରନର ଦ୍ରୁତ ଶତକୀୟ ପାଳି ଖେଳି ରନ୍ ଆଉଟ ହୋଇଥିଲେ। ଅନରିଚ୍ ନୋର୍ଜ ୩ ରନକରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ସାମି ସର୍ବାଧିକ ୩, କଟ୍ରେଲ ୨ ଓ ବିଷ୍ଣୋଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମାର୍କସ ଷ୍ଟୋଇନିସ।

### ସଂକ୍ଷିପ୍ତ ସ୍କୋର:

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୭/୮ (ଷ୍ଟୋଇନିସ୍- ୫୩, ଆୟାର- ୩୯, ପନ୍ତ- ୩୧, ସାମି- ୩/୧୫, କଟ୍ରେଲ- ୨/୨୪, ବିଷ୍ଣୋଇ- ୧/୨୨)।

କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୫୭/୮ (ଅଗ୍ରୱାଲ- ୮୯, ରାହୁଲ- ୨୧, ଗୋଥାମ- ୨୦, ଅକ୍ଷର- ୧/୧୪, ଅଶ୍ୱିନ- ୨/୨, ରାବାଡା- ୨/୨୮, ମୋହିତ- ୧/୪୫, ଷ୍ଟୋଇନିସ୍- ୨/୨୯ )।


୪ର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା



(ପ୍ରୀତି)
ସୁଚିତ୍ରା ରୟ
ଶିଶୁପାଳଗଡ଼, ଖଣ୍ଡାୟତ ସାହି, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଳାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୩୧୭


## ଏସିଆ ରଗ୍‌ବୀ ଅନ୍‌ଷ୍ଟପେବଲ କ୍ୟାମ୍ପେନ୍‌ରେ ସୁମିତ୍ରା

**ଭୁବନେଶ୍ୱର,୨୦।୯(ସ୍ପୋର୍ଟ୍ସ ବ୍ୟୁରୋ)**



ସ୍ଥାନୀୟ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍) ଛାତ୍ରୀ ତଥା ଇଣ୍ଡିଆନ ରଗ୍‌ବୀ ଆଇଡଲ ସୁମିତ୍ରା ନାୟକ ଏସିଆ ରଗ୍‌ବୀ ଅନଷ୍ଟପେବଲ କ୍ୟାମ୍ପେନ୍‌ରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବା ଲାଗି ମନୋନୀତ ହୋଇଛନ୍ତି। ସୁମିତ୍ରାଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ମହିଳା ଖେଳାଳି ଭାବିକ୍ ଭରୁଚା (ମହାରାଷ୍ଟ୍ର) ଓ ସନ୍ଧ୍ୟା ରାୟ (ପଶ୍ଚିମବଙ୍ଗ) ମଧ ଦେଶରୁ ପ୍ରତିନିଧିତ୍ୱ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁମିତ୍ରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଯାଜପୁର ଜିଲା ବାସିନ୍ଦା ସୁମିତ୍ରା 'ରଗ୍‌ବୀ ରାଣୀ' ରୂପେ ପରିଚିତ। ୨୦୦୯ରେ ସେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲେ। ଦଶନ୍ଧି ମଧ୍ୟରେ ସେ ଲାଓସ୍‌ରେ ଅନୁଷ୍ଠିତ ଏସିଆ ରଗ୍‌ବୀ ୨୦ ବର୍ଷରୁ କମ୍ ମହିଳା ସେଭେନେ ସିରିଜରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

# ନୂଆ ଆରମ୍ଭ ଲକ୍ଷ୍ୟରେ କୋହଲି

**ଦୁବାଇ,୨୦।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସୋମବାର ସୁପରଷ୍ଟାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଡେଭିଡ୍ ୱାର୍ନରଙ୍କ ଲୋପ୍ରୋଫାଇଲ ଦଳ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ଦଳରେ ବିଶ୍ୱର ନାମୀଦାମୀ ଖେଳାଳି ଥିଲେ ମଧ ବାଙ୍ଗାଲୋର ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଆସିଛି। ତେବେ ହାଇଦ୍ରାବାଦର ପ୍ରଦର୍ଶନରେ ସ୍ଥିରତା ଦେଖିବାକୁ ମିଳିଛି। ଚଳିତ ସଂସ୍କରଣରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି।

ଉଭୟଦଳରେ ବିପଜ୍ଜନକ ବ୍ୟାଟ୍ସମ୍ୟାନ ରହିଛନ୍ତି ଓ ଏମାନେ ଏକାଏକା ବପକ୍ଷ ଦଳଠାରୁ ମ୍ୟାଚ୍ ଛଡ଼ାଇ ଆଣିବାର ଦକ୍ଷତା ରଖୁଛନ୍ତି। କୋହଲି ସବୁବେଳେ ଆଗରେ ରହି ଦଳର ନେତୃତ୍ୱ ନେଇଥାନ୍ତି। ତେବେ ତାଙ୍କ ଦଳ ଏପର୍ଯ୍ୟନ୍ତ ଥରେ ହେଲେବି ଟାଇଟଲ ଜିତିପାରି ନାହିଁ। ଯେପର୍ଯ୍ୟନ୍ତ ଦଳ ସବୁ ବିଭାଗରେ ଭଲ ନ ଖେଳିଛି ସେପର୍ଯ୍ୟନ୍ତ କୋହଲିଙ୍କ ଟାଇଟଲ ହାସଲ ଆଶା ଅଧୁରା ରହିବ। ଦଳରେ ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ ଆରୋନ ଫିଞ୍ଚ୍ ସାମିଲ ହୋଇଥିବାରୁ ବ୍ୟାଟିଂ ବିଭାଗ ଆହୁରି ଶକ୍ତିଶାଳୀ ହେବ। ପ୍ରତିଭାସମ୍ପନ୍ନ ଯୁବ ଓପନର ଦେବଦତ୍ତ ପଡିକାଲଙ୍କୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ତାଙ୍କୁ ନେଇ ପ୍ରଶଂସକଙ୍କ ବହୁ ଆଶା ରହିଛି।

ଅନ୍ୟପଟେ ଆଇପିଏଲ୍‌ରେ ୩ଥର ଅରେଞ୍ଜ୍ କ୍ୟାପ୍ ହାସଲ କରିଥିବାର ଅଧିନାୟକ ୱାର୍ନର ହାଇଦ୍ରାବାଦ୍‌କୁ ୨୦୧୬ରେ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୁଣି ଥରେ ଜନି ବେୟାରଷ୍ଟୋଙ୍କ ସହ ଇନିଂସ ଓପନ୍ କରିବା ଆଶା କରାଯାଉଛି। ଧୂଆଁଧାର ଓପନିଂ ଯୋଡି ରୂପେ ଜଣାଥିବା ଏହି ଦୁଇ ବ୍ୟାଟ୍ସମ୍ୟାନ ଗତ ବର୍ଷ ବାଙ୍ଗାଲୋର ବିପକ୍ଷରେ ଆଇପିଏଲ୍ ଇତିହାସରେ ସର୍ବାଧିକ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ପୂର୍ବ ରେକର୍ଡକୁ ଏମାନେ ପଛରେ ପକାଇବା ଲକ୍ଷ୍ୟରେ ରହିଛନ୍ତି। ଦଳରେ କେନ ୱିଲିୟମସନ, ମନୀଷ ପାଣ୍ଡେ, ମିଚେଲ ମାର୍ଶ ଓ ଫାବିଆଲ ଆଲେନ ରହିଥିବାରୁ ହାଇଦ୍ରାବାଦ୍‌ର ବ୍ୟାଟିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି।

ଗତ ୨୦୧୯ ସେସନରେ ବାଙ୍ଗାଲୋର ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଥିଲା ଓ ଏହା ଦଳ ତଥା କୋହଲିଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। ଏହି ବିଫଳତାକୁ ପଛରେ ପକାଇ ବାଙ୍ଗାଲୋର ଏକ ନୂଆ ଆରମ୍ଭ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ହାଇଦ୍ରାବାଦ୍‌ର ବ୍ୟାଟିଂ ଅର୍ଡରରେ ସେତେଟା ଗଭୀରତା ନ ଥିବା ଭଳି ମନେ ହେଉଛି। ଏଥିପାଇଁ ଦଳ ବିରାଟ ସିଂ, ଅଭିଷେକ ଶର୍ମା, ପ୍ରିୟମ ଗାର୍ଗ ଓ ଅବଦୁଲ ସମାଦଙ୍କ ଭଳି ଯୁବ ବ୍ୟାଟ୍ସମ୍ୟାନଙ୍କୁ ଦଳରେ ସାମିଲ କରିଛି। ହାଇଦ୍ରାବାଦ୍‌ର ବୋଲିଂ ବିଭାଗରେ କିନ୍ତୁ ଗଭୀରତା ରହିବା ସହିତ ବିବିଧତା ରହିଛି। ଏହି ବିଭାଗରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଭୁବନେଶ୍ୱର କୁମାର ବୋଲିଂ ବିଭାଗର ନେତୃତ୍ୱ ନେବେ। ସନ୍ଦୀପ ଶର୍ମା, ବାସିଲ ଥାମ୍ପି ଓ ସିଦ୍ଧାର୍ଥ କାଉଲ ସହାୟକ ଭୂମିକାରେ ଅବତୀର୍ଣ୍ଣ ହେବେ। ଦଳରେ ଟି୨୦ ଆଫଗାନିସ୍ତାନ ଲେଗ୍ ସ୍ପିନର ରସିଦ ଖାନ ଓ ୧ ନମ୍ବର ଅଲରାଉଣ୍ଡର ମହମ୍ମଦ ନବୀ ସଦ୍ୟ ସମାପ୍ତ କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସ୍ପିନ୍ ବୋଲିଂରେ ହାଇଦ୍ରାବାଦ୍ ବେଶ୍ ଶକ୍ତିଶାଳୀ ମନେହେଉଛି। ଦଳରେ ବାମହାତୀ ଦ୍ରୁତ ବୋଲର ଶାହବାଜ ନଦୀମ ମଧ ସାମିଲ ରହିଛନ୍ତି।

ବାଙ୍ଗାଲୋର ଦଳରେ ମଧ ବାମହାତୀ ସ୍ପିନର ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, ପବନ ନେଗୀ, ଆଡାମ ଜାମ୍ପା ଓ ମୋଇନ ଅଲୀଙ୍କ ଭଳି ସ୍ପିନର ରହିଛନ୍ତି। ଡେଥ୍ ଓଭରରେ ବାଙ୍ଗାଲୋରର ଦୁର୍ବଳତା ସବୁବେଳେ ପଦାରେ ପଡିଥାଏ। ସେଥିପାଇଁ ଦକ୍ଷିଣ ଆଫ୍ରିକା ବୋଲିଂ ଅଲରାଉଣ୍ଡର କ୍ରିସ୍ ମୋରିସ୍‌ଙ୍କୁ ଏଥର ସାମିଲ କରାଯାଇଛି। ଉଭୟ ଦଳରେ ଅଷ୍ଟ୍ରେଲୀୟ ଖେଳାଳି ପ୍ରଶାସନିକ ଦାୟିତ୍ୱରେ ରହିଛନ୍ତି। ଗତବର୍ଷ ଇଂଲଣ୍ଡକୁ ଦିନିକିଆ ବିଶ୍ୱ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଟ୍ରେଭୋର ବେଲିସ ହାଇଦ୍ରାବାଦ୍‌ର ଓ ସାଇମନ କାଟିଜ ବାଙ୍ଗାଲୋରର କୋଚ୍ ରହିଛନ୍ତି। ଏହି ମୁକାବିଲା ବେଶ୍ ରୋମାଞ୍ଚକ ହେବ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:**
ଡେଭିଡ୍ ୱାର୍ନର (ଅଧିନାୟକ), ଜନି ବେୟାରଷ୍ଟୋ, କେନ ୱିଲିୟମସନ, ମନୀଷ ପାଣ୍ଡେ, ଶ୍ରୀବତ୍ସ ଗୋସ୍ୱାମୀ, ବିରାଟ ସିଂ, ପ୍ରିୟମ ଗର୍ଗ, ରିଦ୍ଧିମାନ ଶାହ, ଅବଦୁଲ ସମାଦ, ବିଜୟ ଶଙ୍କର, ମହମ୍ମଦ ନବୀ, ରସିଦ ଖାନ୍, ମିଚେଲ ମାର୍ଶ, ଅଭିଷେକ ଶର୍ମା, ବଭନକ ସନ୍ଦୀପ, ସଞ୍ଜୟ ଯାଦବ, ଫାବିଆଲ ଆଲେନ, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ସନ୍ଦୀପ ଶର୍ମା, ଶାହାବାଜ ନଦୀମ, ସିଦ୍ଧାର୍ଥ କାଉଲ, ବିଲି ଷ୍ଟାନଲେକ, ଟି. ନଟରାଜନ ଓ ବାସିଲ ଥମ୍ପି।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:**
ବିରାଟ କୋହଲି (ଅଧିନାୟକ), ଆରୋନ ଫିଞ୍ଚ୍, ଦେବଦତ୍ତ ପଡିକାଲ, ପାର୍ଥିବ ପଟେଲ, ଏବି ଡିଭିଲର୍ସ, ଗୁରକିରାତ ସିଂ, ଶିବମ ଦୁବେ, କ୍ରିସ୍ ମୋରିସ୍, ୱାଶିଂଟନ ସୁନ୍ଦର, ଶାହାବାଜ ଅହମ୍ମଦ, ନବଦୀପ ସଇନି, ଡେଲ ଷ୍ଟେଇନ୍, ଯୁଜବେନ୍ଦ୍ର ଚହଲ, ଆଡାମ ଜାମ୍ପା, ଇସୁରୁ ଉଡାନା, ମୋଇନ ଅଲି, ଜୋଶ ଫିଲିପ୍, ପବନ ନେଗୀ, ପବନ ଦେଶପାଣ୍ଡେ, ମହମ୍ମଦ ସିରାଜ ଓ ଉମେଶ ଯାଦବ।

**ଆଇପିଏଲ**
**(ସୋମବାର ମ୍ୟାଚ୍)**
ସନ୍‌ରାଇଜର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ
**ସ୍ଥାନ:** ଦୁବାଇ **ସମୟ:** ରାତି ୭ଟା ୩୦


ପ୍ରାକ୍ଟିସ୍ ସେସନ୍ ଅବସରରେ ବିରାଟ କୋହଲି (ବାମ)।

# ଆଇ-ଲିଗ୍ କ୍ୱାଲିଫାୟର ପୂର୍ବରୁ ଦୁଇ ଖେଳାଳି ପଜିଟିଭ୍

**କୋଲକାତା, ୨୦।୯ (ପି.ଟି.)**

ଆଇ-ଲିଗ୍ କ୍ୱାଲିଫାୟର୍ସ ପୂର୍ବରୁ ଭବାନୀପୁର ଏଫ୍‌ସିର ଦୁଇ ଫୁଟ୍‌ବଲର କୋଭିଡ୍-୧୯ ପଜିଟିଭ୍ ହୋଇଥିବା ରବିବାର ସୂଚନା ମିଳିଛି। ସେମାନେ ହେଲେ ଗୋଲକିପର ଆକାଶ ମଣ୍ଡଳ ଓ ମିଡ୍‌ଫିଲ୍ଡର ସୁଦୀପ୍ତୋ ମାଲାକାର। କ୍ୟାମ୍ପ ବେଳେ ସମସ୍ତ ୪୦ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କର ଆରଟି-ପିସିଆର୍ ଟେଷ୍ଟ ହୋଇଥିଲା। ଆକାଶ ଓ ସୁଦୀପ୍ତୋଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲେ ମଧ ଫଳାଫଳ ପଜିଟିଭ୍ ଆସିଥିବା କୋଚ୍ ଶଙ୍କରଲାଲ୍ ଚକ୍ରବର୍ତ୍ତୀଙ୍କ ସୂତ୍ରରୁ ପ୍ରକାଶ। ଭବାନୀପୁର ଏଫ୍‌ସି ଦଳର କ୍ୟାମ୍ପ ଏକ ମାସ ଧରି ଚାଲିବ। ୪୦ଜଣରୁ ପଜିଟିଭ ଦୁଇ ଜଣଙ୍କୁ ଛାଡ଼ି ଅବଶିଷ୍ଟଙ୍କୁ ନେଇ କ୍ୟାମ୍ପ ଚାଲିବ। କ୍ୱାଲିଫିକେଶନ ପାଇଁ ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବୁ। ସମସ୍ତ ଦଳ ଶକ୍ତିଶାଳୀ ହୋଇଥିବାରୁ ମୁକାବିଲା ଜୋର୍‌ଦାର ହେବ ବୋଲି ଚକ୍ରବର୍ତ୍ତୀ କହିଛନ୍ତି। ଭବାନୀପୁର ଏଫ୍‌ସି ଟୁର୍ନାମେଣ୍ଟରେ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଏଫ୍‌ସି ବେଙ୍ଗାଲୁରୁକୁ ଭେଟିବ। ଏହି ମ୍ୟାଚ୍ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯିବ।


ରବିବାର ଅନୁଷ୍ଠିତ ମସ୍କୋ ଇଣ୍ଟରନ୍ୟାଶନାଲ ମାରାଥନ (୪୨.୨ କିମି)ରେ ଭାଗ ନେଇଥିବା ଧାବକମାନେ ମସ୍କୋର କ୍ରେମ୍‌ଲିନ୍ ଅତିକ୍ରମ କରୁଛନ୍ତି।

# ମୁମ୍ବାଇରେ ହେଉ ମୁସ୍ତାକ ଅଲୀ ଟୁର୍ନାମେଣ୍ଟ

**ମୁମ୍ବାଇ,୨୦।୯ (ପି.ଟି.):** ଦେଶର ସର୍ବବୃହତ୍ ଘରୋଇ ଟି୨୦ ଟୁର୍ନାମେଣ୍ଟ ମୁସ୍ତାକ ଅଲୀ ଟ୍ରଫିକୁ ମୁମ୍ବାଇରେ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ଆପେକ୍ସ କାଉନ୍‌ସିଲ ସଦସ୍ୟ ତଥା ଜଣାଶୁଣା କ୍ୟୁରେଟର ନଦୀମ ମେମନ ଅନୁରୋଧ କରିଛନ୍ତି। ମୁମ୍ବାଇରେ ବହୁ ସଂଖ୍ୟକ ଗ୍ରାଉଣ୍ଡ ରହିଛି। ତେଣୁ ଏହି ଟୁର୍ନାମେଣ୍ଟ ଆୟୋଜନରେ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଇ- ମେଲ କରିଛନ୍ତି। ଟୁର୍ନାମେଣ୍ଟର ୨୦୨୦ ସେସନ ମୁମ୍ବାଇରେ ଆୟୋଜନ କରିବାକୁ ଆମେ ସକ୍ଷମ। ମୁମ୍ବାଇରେ ୬ଟି ଭଲ କ୍ୱାଲିଟି କ୍ରିକେଟ ଗ୍ରାଉଣ୍ଡ ରହିଛି। ଏହି ଗ୍ରାଉଣ୍ଡଗୁଡିକରେ ସବୁ ପ୍ରକାର ଭିତ୍ତିଭୂମି ଓ ସୁବିଧା ସୁଯୋଗ ରହିଛି।

# ସ୍କ୍ୱାର୍ଜମ୍ୟାନଙ୍କଠାରୁ ହାରିଲେ ନାଡାଲ

**ରୋମ୍, ୨୦।୯ (ଏପି)**

ରାଫାଲ ନାଡାଲ ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ଡିଏଗୋ ସ୍କ୍ୱାର୍ଜମ୍ୟାନ ତାଙ୍କୁ ୬-୨, ୭-୫ ସେଟରେ ହରାଇ ଦେଇଛନ୍ତି। ୭ ମାସ ମଧ୍ୟରେ ନାଡାଲଙ୍କର ଏହା ଥିଲା ପ୍ରଥମ ଟୁର୍ନାମେଣ୍ଟ। ରୋମ୍‌ରେ ୯ଥର ଚାମ୍ପିୟନ ନାଡାଲ ୧୫ ର୍‍ୟାଙ୍କିଂପ୍ରାପ୍ତ ସ୍କ୍ୱାର୍ଜମ୍ୟାନଙ୍କୁ ୯ଥର ଭେଟିଛନ୍ତି। କିନ୍ତୁ ଥରେ ହେଲେ ସେ ପରାଜିତ ହୋଇ ନ ଥିଲେ। ଦୁଇ ମାସ ଲକ୍‌ଡାଉନ୍ ସମୟରେ ନାଡାଲ ଥରେ ହେଲେ ଟେନିସ ର୍‍ୟାକେଟ ଧରି ନ ଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦୁଇଟି ମ୍ୟାଚ ସିଧାସଳଖ ସେଟ୍‌ରେ ଜିତିଥିଲେ ନାଡାଲ। ମାତ୍ର ସ୍କ୍ୱାର୍ଜମ୍ୟାନଙ୍କ ବିରୋଧରେ ଆରମ୍ଭରୁ ତାଙ୍କ ପ୍ରଦର୍ଶନ ଭଲ ନ ଥିଲା। କରୋନା ଭାଇରସ ମହାମାରୀ କାରଣରୁ ୟୁଏସ ଓପନ ଖେଳିବାକୁ ଚାହିଁ ନ ଥିଲେ। ଶେଷ ଥର ପାଇଁ ସେ ଫେବୃୟାରୀରେ ମେକ୍ସିକୋର ଆକାପଲ୍‌କୋଠାରେ ଟାଇଟଲ ଜିତିଥିଲେ। ଆଉ ସପ୍ତାହକ ପରେ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ହେବ। ଏଥିରେ ୧୩ଥର ବିଜୟ ହାସଲ କରି ତାଙ୍କ ରେକର୍ଡ ସଂଖ୍ୟା ବୃଦ୍ଧି କରିବା ଲାଗି ସେ ଲକ୍ଷ୍ୟ ରଖିଛନ୍ତି। ସ୍କ୍ୱାର୍ଜମ୍ୟାନ ସେମିଫାଇନାଲରେ ଡେନିସ ଶାପୋଭାଲୋଭଙ୍କୁ ଭେଟିବେ। ଶାପୋଭାଲୋଭ ୬-୨, ୩-୬, ୬-୨ ସେଟ୍‌ରେ ଗ୍ରିଗୋର ଦିମିତ୍ରିଭଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ସେମିଫାଇନାଲରେ ନୋଭାକ୍ ଜୋକୋଭିଚ୍ କାସ୍ପର ରୁଡ୍‌ଙ୍କୁ ଭେଟିବେ।





ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡା
ଅବସରପ୍ରାପ୍ତ ଅଧ୍ୟକ୍ଷ, ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁର ଓ ହିଞ୍ଜିଳିକାଟୁ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ
ଗ୍ରାମ: ଚଣାଗୋରଡ଼ା, ପୋ:ପଟ୍ଟନାଇକିଆ, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୪।୦୩।୧୯୪୧
ତିରୋଧାନ: ୧୨।୦୯।୨୦୨୦
ତୁମେ ଥିଲ ଆମପାଇଁ ଏକ ଆଦର୍ଶ, ପ୍ରେରଣାର ସ୍ରୋତ, ସମସ୍ତଙ୍କ ଆଦରର ପାତ୍ର। ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଚାଲିଗଲ। ଆଜି ଦଶାହ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୮୨୯୭

ଦ୍ୱାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଏ. ଲକ୍ଷ୍ମୀନାରାୟଣ ପାତ୍ର
ହାଡ଼ଗୋଡିଆ ସାହି, ପୁରୀ
ଆବିର୍ଭାବ: ୨୭।୦୯।୧୯୫୪
ତିରୋଧାନ: ୧୦।୦୯।୨୦୨୦
ଆଜି ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ।
ଆପଣଙ୍କ ହତଭାଗ୍ୟ ଶୋକସନ୍ତପ୍ତ
ଏ. ସୁନିଲ୍ କୁମାର ପାତ୍ର-ପୁତ୍ର, ଏ. ଅନିଲ କୁମାର ପାତ୍ର-ପୁତ୍ର, ପି. ହରପ୍ରିୟା- ଝିଅ, ନାତି, ନାତୁଣୀ: ଖୁସି, ଖୁସ୍‌ବୁ, କୁସୁମ, ସାଇ, ଦିପୀ, କାହ୍ନା ଏବଂ ସପରିବାର ।
ଧ-୬୮୮୩୭

IN FOND MEMORY OF

SIKHA RATH
(putul)
(4th Apr 1955 - 11th Sep 2020)
Your life was a blessing, your memory a treasure.. You are loved beyond words & missed beyond measure..
Grief Stricken-Prasun Rath, Pritam Rath & Family
D-69753

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଯମୁନାବାଳା ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତିରୋଧାନ: ୧୧।୦୯।୨୦୨୦
ବୋଉ, ଆଜି ତୋର ପବିତ୍ର ଏକାଦଶାହରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
:ଶୋକସନ୍ତପ୍ତ:
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀମାନେ ।
ଧ-୬୯୧୭୧

ସେପ୍ଟେମ୍ବର ୨୧ ତାରିଖକୁ 'ବିଶ୍ୱ ଆଲଜିମର୍ସ ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

# ସଚେତନତା ସବୁଠାରୁ ବଡ କଥା

''ଏହି ଦିବସ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ଆଲଜିମର୍ସକୁ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ସାଧାରଣ ଲୋକମାନେ କିପରି ଏହି ରୋଗର କାରଣ ସମ୍ପର୍କରେ ଭଲଭାବରେ ଅବଗତ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଏ। ଏହି ଅବସରରେ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଆଲଜିମର୍ସ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଲା 'ଲେଟ୍ସ ଟକ୍ ଏବାଉଟ ଡିମେନ୍‌ସିଆ'...



ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ବିଶ୍ୱ ଆଲଜିମର୍ସ ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଆଲଜିମର୍ସ ହେଉଛି ଏକ ବୟସଜନିତ ସମସ୍ୟା। ସାଧାରଣତଃ ବୟସ ବୃଦ୍ଧି ହେଲେ ସେହି ଅନୁସାରେ ଶାରୀରିକ ପ୍ରକ୍ରିୟାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାଦ୍ୱାରା ବୟସ୍କ ବ୍ୟକ୍ତିଙ୍କର ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟଧାରା ମଧ୍ୟ ପ୍ରଭାବିତ ହୁଏ। ତେଣୁ ବୟସ ବଢ଼ିବା ସହ ନିଜ ଶରୀର ପ୍ରତି ଅଧିକ ଯତ୍ନବାନ ହେବାକୁ ପଡିଥାଏ। ଆଲଜିମର୍ସ ସମସ୍ୟା ଦେଖାଦେଲେ ତାହାଦ୍ୱାରା ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା କୋଷଗୁଡିକର କାର୍ଯ୍ୟ ବାଧାପ୍ରାପ୍ତ ହୁଏ, ଯାହାର ପ୍ରଭାବ ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟବହାର ଉପରେ ପଡିଥାଏ। ସେହି ବ୍ୟକ୍ତି ଅନେକ କଥାକୁ ଭୁଲିଯାଇଥାଆନ୍ତି, ଯାହାକୁ 'ଡିମେନ୍‌ସିଆ' ମଧ୍ୟ କୁହାଯାଏ।



ଆଲଜିମର୍ସ ରୋଗର କାରଣ ଜଣାପଡିଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାଇନେବା ଆବଶ୍ୟକ। ଯଦି ଏଥିରେ ଅବହେଳା କରାଯାଏ ତେବେ ତାହା ଭବିଷ୍ୟତରେ ପାରାଲିସିସ ବା ପକ୍ଷାଘାତ ପରି ଜଟିଳ ଶାରୀରିକ ସମସ୍ୟା ସୃଷ୍ଟି କରିବା ଯଥେଷ୍ଟ ଆଶଙ୍କା ରହିଛି।

ଏହି ଦିବସ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ଆଲଜିମର୍ସକୁ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ସାଧାରଣ ଲୋକମାନେ କିପରି ଏହି ରୋଗର କାରଣ ସମ୍ପର୍କରେ ଭଲଭାବରେ ଅବଗତ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଏ। ଏହି ଅବସରରେ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଆଲଜିମର୍ସ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଲା 'ଲେଟ୍ସ ଟକ୍ ଏବାଉଟ ଡିମେନ୍‌ସିଆ'। ଅର୍ଥାତ୍ ଏହି ରୋଗ ବିଷୟରେ ଆମେ ଯେତେ ଆଲୋଚନା କରିବା ସେ ସମ୍ପର୍କରେ ଲୋକମାନେ ସେତେ ସଚେତନ ହେବେ। କାରଣ କୌଣସି ରୋଗ ସମ୍ପର୍କରେ ଆମେ ନିଜକୁ ସଚେତନ କରାଇବା ହେଉଛି ବଡ କଥା। ବୟସ ବଢ଼ିଲେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଆବଶ୍ୟକ। ବିଶେଷଭାବରେ ଏହି ସମୟରେ ସ୍ନାୟୁଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ବୟସ୍କ ବ୍ୟକ୍ତିମାନେ ନିଜର ରୁଟିନ୍ ଚେକଅପ ସମୟରେ ନିଜର ସମସ୍ତ ଶାରୀରିକ ସମସ୍ୟା ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ଦରକାର। ବୟସ ବଢ଼ିବା ସହ ନିଜକୁ ଅବସାଦ, ଟେନସନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହି ସମୟରେ ନିଜକୁ ସୁସ୍ଥ ରଖିବାକୁ ନିଜର ଦୈନନ୍ଦିନ ଜୀବନଶୈଳୀ ଉପରେ ନଜର ରଖନ୍ତୁ। ପ୍ରତିଦିନ ସକାଳେ କିଛି ସମୟ ଚାଲବୁଲ କରନ୍ତୁ। ନିଜର ଖାଦ୍ୟପେୟ ପ୍ରତି ମଧ୍ୟ ସତର୍କ ରହିବା ନିହାତି ଜରୁରୀ। ସବୁଠାରୁ ବଡ କଥା ହେଲା ବୟସ ବଢ଼ିବା ସହ ଆଲଜିମର୍ସ ପରି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଅବଗତ ହେବା ଦରକାର।

ବିଶ୍ୱରେ ଆଲଜିମର୍ସ ରୋଗୀଙ୍କ ସଂଖ୍ୟାର ବୃଦ୍ଧି ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲୋକମାନେ କିପରି ଏହି ରୋଗ ବିଷୟରେ ଆରମ୍ଭରୁ ସଚେତନ ହେବ ତାହା ଉପରେ ଗୁରୁତ୍ୱ ଦେଇଆସିଛି। ତେଣୁ ଆମେ ଏ ନେଇ ଅଧିକ ଦୃଷ୍ଟି ଦେଲେ ଭବିଷ୍ୟତରେ ଆଲଜିମର୍ସ ରୋଗଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବା।

# ସହଜରେ ଚିହ୍ନଟ ହେବ ଆଲର୍ଜି



ଆଜିକାଲି ଆଲର୍ଜି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ହେଲେ ଏପରି ସମସ୍ୟା ପ୍ରତି ସଚେତନ ରହିବା ନିହାତି ଦରକାର। ତେବେ ଆଲର୍ଜି ସମସ୍ୟାକୁ ଏଣିକି ସହଜରେ ଚିହ୍ନଟ କରିହେବ। ଏ ନେଇ ସଫଳତା ହାସଲ କରିଛନ୍ତି ମେଲବୋର୍ଣ୍ଣସ୍ଥିତ ୱାଲ୍ଟର ଆଣ୍ଡ ଏଲିଜା ହଲ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ରିସର୍ଚ୍ଚର ବିଶେଷଜ୍ଞମାନେ। ତେବେ ନବଜାତ ଶିଶୁ ଭବିଷ୍ୟତରେ ଆଲର୍ଜିର ପରି ସମସ୍ୟାର ସମ୍ମୁଖୀନ ହେବ କି ନାହିଁ ସେ ବିଷୟରେ ପ୍ରାରମ୍ଭରୁ ହିଁ ଜାଣିହେବ ବୋଲି ଉକ୍ତ ଇନଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନବଜାତ ଶିଶୁର ନାଭିରେ ଲାଗିଥିବା ଲାଳକୁ ପରୀକ୍ଷା କରି ଏ ବିଷୟରେ ଜାଣିହେବ। ତେବେ କେବଳ ସେତିକି ନୁହେଁ, ଏହି ପରୀକ୍ଷାରୁ ଶିଶୁଟି ଭବିଷ୍ୟତରେ କେଉଁ ପ୍ରକାର ଖାଦ୍ୟ ପ୍ରତି ଅଧିକ ରୁଚି ରଖିବ ସେ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ।

# ହାଇ-ଟେକ୍ ମହାକାଶଯାନ





ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ନିକଟରେ ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ ଏକ ମହାକାଶଯାନ ପ୍ରସ୍ତୁତ କରିଛି। ଏହି ଯାନରୁ ମଙ୍ଗଳ ଗ୍ରହ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିହେବ ବୋଲି 'ନାସା' ପକ୍ଷରୁ ସୂଚନା ଦିଆଯାଇଛି। ଖାସ୍ କଥା ହେଲା ଏହି ମହାକାଶଯାନ ଉପରେ ବାୟୁମଣ୍ଡଳର କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। କେବଳ ସେତିକି ନୁହେଁ, ଏକ ସୁଇଚ୍ ଦ୍ୱାରା ଏହାର ବାହ୍ୟ ଆବରଣକୁ ନିୟନ୍ତ୍ରଣ କରିହେବ। ଅଥାତ୍, ପରିସ୍ଥିତିକୁ ଅନୁଧ୍ୟାନ କରି ଏହାର ଆକାରକୁ ସଙ୍କୋଚନ କରାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ ତାହାକୁ ବୃଦ୍ଧି କରାଯାଇ ଏହାର ପ୍ରକୃତ ଆକାରକୁ ଅଣାଯାଇପାରିବ। ଉକ୍ତ ନୂଆ ମହାକାଶଯାନକୁ 'ହାଇପରସୋନିକ ଏରିୟୋଡାଇନାମିକ୍ ଡିସିଲିଟର' ନାମରେ ନାମିତ କରାଯାଇଛି।

# ଫୁଲ ପ୍ରତି ଆକର୍ଷିତ ହୁଅନ୍ତି ଡେଙ୍ଗୁ ମଶା



ଏବେ ଡେଙ୍ଗୁ ଅନ୍ୟତମ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଆରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇନେଲେ ଏଥିରୁ ଆରୋଗ୍ୟ ମିଳିପାରୁଛି। ହେଲେ ପରିସ୍ଥିତି ଜଟିଳ ଥିଲେ ତାହା ଅନେକ ସମୟରେ ମୃତ୍ୟୁର କାରଣ ସାଜିଥାଏ। ହେଲେ ଡେଙ୍ଗୁ ରୋଗ ସୃଷ୍ଟି କରୁଥିବା ମଶା ଫୁଲ ପ୍ରତି ଅଧିକ ଆକର୍ଷିତ ହୋଇଥାଆନ୍ତି ବୋଲି ଜଣାପଡିଛି। ଏଭଳି ରୋଚକ ତଥ୍ୟ ଲୋକଲୋଚକୁ ଆଣିଛନ୍ତି ୟୁନିଭର୍ସିଟି ଅଫ ଫ୍ଲୋରିଡାର ଡେଙ୍ଗୁ ବିଶେଷଜ୍ଞମାନେ। ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ, ଯେଉଁ ସ୍ଥାନରେ ଫୁଲଗଛ ଅଧିକ ରହିଥାଏ ସେହି ସ୍ଥାନରେ ଡେଙ୍ଗୁ ମଶା ରହିଥାଆନ୍ତି। କେବଳ ସେତିକି ନୁହେଁ, ସେଠାରେ ସେମାନେ ନିଜର ବଂଶ ବିସ୍ତାର ମଧ୍ୟ କରିଥାଆନ୍ତି। ହେଲେ ଏହି ସର୍ଭେ ସହ ସେମାନେ ଏପରି ଏକ ରାସାୟନିକ ତରଳ ପଦାର୍ଥ ପ୍ରସ୍ତୁତ କରିଛନ୍ତି ଯାହାକୁ ଫୁଲଗଛ ଉପରେ ସିଞ୍ଚନ କଲେ ଡେଙ୍ଗୁ ମଶାମାନଙ୍କର ବଂଶବୃଦ୍ଧିକୁ ରୋକି ହେବ।


# ଭଙ୍ଗାହାଡ଼ର ଛବି



ମାହାଛଡ଼ର ଛାଞ୍ଚରେ ଇଟା-ବାଲି-ସିମେଣ୍ଟ ଲଗାଇ ବଡ଼ ବଡ଼ କୋଠାଘର ତିଆରି ହୁଏ। ଛାଞ୍ଚ ନ ରହିଲେ କୋଠାଘର ଛିଡ଼ା ହୋଇପାରିବ ନାହିଁ। ଠିକ୍ ସେମିତି, ଆମ ଶରୀରକୁ ତିଆରି କରିବା ପାଇଁ ମୂଳ ଛାଞ୍ଚ ହେଉଛି ହାଡ଼କଙ୍କାଳ (ସ୍କେଲିଟନ୍), ଯାହା ଉପରେ ମାଂସ ଓ ଚର୍ମ ଲାଗିଲେ ଶରୀର ଗଢ଼ା ହୁଏ। ଶରୀର ଭିତରେ କଙ୍କାଳ ନ ରହିଲେ ଆମେ ସିଧା ଛିଡ଼ାହୋଇ ପାରିବା ନାହିଁ। ପିଲାଟିଏ ଜନ୍ମ ହେବା ସମୟରେ ତା' କଙ୍କାଳରେ ୩୦୬ ଖଣ୍ଡ ହାଡ଼ ଥାଏ। କିନ୍ତୁ ବଡ଼ ହେଲା ପରେ ସେଗୁଡ଼ିକ ଯୋଡ଼ିହୋଇ ୨୦୬ ଖଣ୍ଡ ହାଡ଼ରେ ପରିଣତ ହୁଏ। ତେଣୁ ମଣିଷ ଶରୀରରେ ୨୦୬ ଖଣ୍ଡ ହାଡ଼ ଅଛି ବୋଲି ଆମେ କହୁ। ଜଣେ ବୟସ୍କ ବ୍ୟକ୍ତିର ସେଇ ୨୦୬ ଖଣ୍ଡ ହାଡ଼କୁ ଓଜନ କଲେ ପାଖାପାଖି ୨୦ କିଗ୍ରା ହେବ। ହାଡ଼ଗୁଡ଼ିକ ଶକ୍ତ ଥାଏ ବୋଲି ଆମେ ସିଧା ଚାଲିପାରୁ ଓ କଷ୍ଟ କାମ କରିପାରୁ। କିନ୍ତୁ ଜୋର୍ ଆଘାତ ପାଇଲେ ଆମର ହାଡ଼ ବି ଭାଙ୍ଗି ଯାଇପାରେ। ଚମଡ଼ା ଭିତରେ ଥିବା ଭଙ୍ଗାହାଡ଼ର ଛବି ଦେଖିବା ପାଇଁ 'ଏକ୍ସ-ରେ' କରାଯାଏ।

ମଜାର କଥା, ଆମେ କହୁ, ହାଡ଼ ଭାଙ୍ଗିଥିଲା, ତେଣୁ ଏକ୍ସ-ରେ କଲୁ। ପ୍ରକୃତରେ ଏକ୍ସ-ରେ ହେଉଛି ଆଲୋକ ଭଳି ଏକ ବିକିରଣ, ଯାହାକୁ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ବୋଲି କୁହାଯାଏ। ହାଡ଼ ଭାଙ୍ଗିଥିଲେ ଆମେ କ'ଣ ସେଇ ବିକିରଣକୁ ତିଆରି କରୁ? ନା, ଆମେ କାହିଁକି ତାକୁ ତିଆରି କରିବୁ? ଠିକ୍ କଥାଟା ହେଉଛି, ସେହି ଏକ୍ସ-ରେ ବିକିରଣକୁ ବ୍ୟବହାର କରାଯାଇ ଚମଡ଼ା ଓ ମାଂସ ଭିତରେ ଲୁଚି ରହିଥିବା ହାଡ଼ର ଫଟୋ ଉଠାଯାଏ। ଏଇଠି ଗୋଟେ କଥା ମନେ ପକେଇବା। ଆମେ କ'ଣ କ୍ୟାମେରା ବା ମୋବାଇଲ ଦ୍ୱାରା ଫଟୋ ଉଠେଇବା ପାଇଁ ଏକ୍ସ-ରେ ବିକିରଣ ବ୍ୟବହାର କରୁ କି? ନା, ଆଦୌ ନୁହେଁ, 'ଏକ୍ସ-ରେ' ବିକିରଣ ବ୍ୟବହାର ହୁଏ ନାହିଁ। ବରଂ କ୍ୟାମେରାରେ ଆମେ ଫଟୋ ଉଠେଇବା ସକାଶେ ସାଧାରଣ ଆଲୋକର ସାହାଯ୍ୟ ନେଉ। ଏବେ ମନରେ ପ୍ରଶ୍ନ ଉଠୁଛି, ସାଧାରଣ ଆଲୋକ ବ୍ୟବହାର କରି ହାଡ଼ର ଫଟୋ ଉଠେଇବା ସମ୍ଭବ ନୁହେଁ କାହିଁକି?

ସାଧାରଣ କ୍ୟାମେରାରେ ଆମର ଫଟୋ କେମିତି ଉଠାଯାଏ, ସେକଥା ପ୍ରଥମେ ବୁଝିବା। ଆମ ଉପରେ ସାଧାରଣ ଆଲୋକ ପଡ଼ିଲେ, ଆମ ଶରୀରରୁ ମଧ୍ୟ ଆଲୋକ ବିକିରଣ ହୁଏ। କ୍ୟାମେରାର ଅତି ସରୁ କଣା ଦେଇ ସେହି ବିକିରଣ କ୍ୟାମେରା ଭିତରକୁ ଯାଇ ଝରକା ପରି କାମ କରୁଥିବା ଏକ ପରଦା ଉପରେ ଆମର ଅବିକଳ ଓଲଟା ଛବି ତିଆରି କରେ। ସେଇ ପରଦା ଓ ସରୁ କଣା ମଧ୍ୟରେ ଦୂରତାକୁ କମ୍-ବେଶି କରି ସେଇ ଛବିକୁ ଅଧିକ ସ୍ୱଷ୍ଟ ଓ ପରିଷ୍କାର କରାଯାଏ। ତା' ପରେ ବଟନ୍‌ରେ କ୍ଲିକ୍ କଲେ ନିମିଷକ ପାଇଁ ଝରକା ଖୋଲିଯାଏ ଓ ଛବିଟି ଯାଇ ଝରକା ପଛପଟେ ଥିବା ଅତି ସମ୍ବେଦନଶୀଳ (ସେନ୍‌ସିଟିଭ୍) ପରଦା ଉପରେ ପଡ଼େ। ସେହି ପରଦାରେ ରାସାୟନିକ ପଦାର୍ଥର ଲେପ ଥାଏ, ଯାହାକି ଆଲୋକ ସହିତ ପ୍ରତିକ୍ରିୟା କରେ। ଛବି ହେଉଛି ଆଲୋକ ଓ ଛାଇର ଏକ ସୁନ୍ଦର ସଜ୍ଜା। ଆମର ଓଲଟା ଛବିର ଯେଉଁ ଯେଉଁ ଜାଗାରେ ଆଲୋକ ଥାଏ, ପରଦାର ସେଇ ଅଞ୍ଚଳରେ ପ୍ରତିକ୍ରିୟା ହୁଏ ଓ ସେଠାରେ ଦାଗ ସୃଷ୍ଟି ହୁଏ। ଛବିରେ ଆଲୋକ ନଥିବା ଅଞ୍ଚଳରେ ପ୍ରତିକ୍ରିୟା ହୁଏ ନାହିଁ କି ଦାଗ ସୃଷ୍ଟି ହୁଏ ନାହିଁ। ତେଣୁ ପରଦା ଉପରେ ଦାଗର ଏକ ସୁନ୍ଦର ପରିପାଟୀ ତିଆରି ହେଇଯାଏ। ଏହିପରି ପରଦା ଉପରେ ଆମର ଅବିକଳ ଛବି ଆଙ୍କି ହୋଇଯାଏ।






କମଳାକାନ୍ତ ଜେନା


''ଭଙ୍ଗାହାଡ଼ର ଛବି ଉଠିଲା ବେଳେ ଆହୁରି ଅଦ୍ଭୁତ ଘଟଣା ଘଟେ। ସାଧାରଣ ଆଲୋକ ଆମ ଉପରେ ପଡ଼ିଲେ, ସେଇଠି ଅଟକିଯାଏ। ହେଲେ 'ଏକ୍ସ-ରେ' ବିକିରଣ ଆମ ଶରୀର ଭିତରକୁ ପ୍ରବେଶ କରିପାରେ। କାରଣ ଏହି ବିକିରଣର ଆମ ଶରୀର ଭିତରେ ପଶିପାରିବା ସକାଶେ ଯଥେଷ୍ଟ ଶକ୍ତି ଅଛି। ଆଲୋକର ଶକ୍ତିକୁ ବୈଜ୍ଞାନିକମାନେ 'ଇଭି' ଏକକରେ ମାପ କରନ୍ତି, ଯେମିତି ସମୟକୁ 'ମିନିଟ୍' ଓ ଉଚ୍ଚତାକୁ 'ମିଟର' ଏକକରେ ମପାଯାଏ।''

ଭଙ୍ଗାହାଡ଼ର ଛବି ଉଠିଲା ବେଳେ ଆହୁରି ଅଦ୍ଭୁତ ଘଟଣା ଘଟେ। ସାଧାରଣ ଆଲୋକ ଆମ ଉପରେ ପଡ଼ିଲେ, ସେଇଠି ଅଟକିଯାଏ। ହେଲେ 'ଏକ୍ସ-ରେ' ବିକିରଣ ଆମ ଶରୀର ଭିତରକୁ ପ୍ରବେଶ କରିପାରେ। କାରଣ ଏହି ବିକିରଣର ଆମ ଶରୀର ଭିତରେ ପଶିପାରିବା ସକାଶେ ଯଥେଷ୍ଟ ଶକ୍ତି ଅଛି। ଆଲୋକର ଶକ୍ତିକୁ ବୈଜ୍ଞାନିକମାନେ 'ଇଭି' ଏକକରେ ମାପ କରନ୍ତି, ଯେମିତି ସମୟକୁ 'ମିନିଟ୍' ଓ ଉଚ୍ଚତାକୁ 'ମିଟର' ଏକକରେ ମପାଯାଏ। 'ଇଭି'ର ୧୦୦୦ ଗୁଣ ହେଉଛି 'କେଇଭି' ଏକକ। ଆମେ ଦେଖୁଥିବା ବିଭିନ୍ନ ରଙ୍ଗର ଆଲୋକ ଭିତରୁ ନୀଳ ଆଲୋକର ଶକ୍ତି ଅଧିକ, ଯାହାର ମୂଲ୍ୟ ପାଖାପାଖି ୨.୬୪ ଇଭି। କିନ୍ତୁ ଏକ୍ସ-ରେ ବିକିରଣର ଶକ୍ତି ଖୁବ୍ ଅଧିକ, ୧୨୪ ଇଭିରୁ ୧୨୪ କେଇଭି। ହାଡ଼ର ଫଟୋ ଉଠେଇବା ପାଇଁ ବ୍ୟବହୃତ ଏକ୍ସ-ରେ ବିକିରଣର ଶକ୍ତି ୧୦ କେଇଭିରୁ ଅଧିକ ଥାଏ। ତେଣୁ ସାଧାରଣ ଆଲୋକର ଶକ୍ତିକୁ ଦେଖିଲେ ସେହି ଏକ୍ସ-ରେ ବିକିରଣ ଅତି କମ୍‌ରେ ୪୦୦୦ ଗୁଣ ଶକ୍ତିଶାଳୀ। ଏତେ ଶକ୍ତିଶାଳୀ ବିକିରଣ ଆମ ଶରୀର ଭିତରେ ସହଜରେ ପ୍ରବେଶ କରିପାରିବ।

ଧରାଯାଉ ଲୋକଟିର ପାପୁଲି ଭିତରେ ହାଡ଼ ଭାଙ୍ଗିଛି। ଭଙ୍ଗାହାଡ଼ର ଫଟୋ ଉଠେଇବା ପାଇଁ ଲୋକଟି ଏକ୍ସ-ରେ ମେଶିନ୍ ଆଗରେ ଟେବୁଲ ପାଖରେ ବସିବ ଓ ସେହି ହାତକୁ ଟେବୁଲ ଉପରେ ରଖିବ, ଯେପରି କହୁଣିଠାରୁ ହାତପାପୁଲି ପର୍ଯ୍ୟନ୍ତ ଅଂଶ ଟେବୁଲକୁ ସିଧା ଭାବରେ ଛୁଇଁବ। 'ଏକ୍ସ-ରେ' ମେଶିନ୍ ସହିତ ଲାଗିଥିବା ଏକ ଛୋଟ ବାକ୍ସକୁ ପାପୁଲିର ଠିକ୍ ଉପରେ ହାତେ କି ଦୁଇହାତ ଉଚ୍ଚତାରେ ରଖାଯିବ। ଟେକ୍ନିସିଆନ୍ ସୁଇଚ୍ ଅନ୍ କରିବେ ଓ ସଙ୍ଗେ ସଙ୍ଗେ ଅଫ୍ କରିବେ। ସେଇ କେଇଟା ମୁହୂର୍ତ୍ତ ଭିତରେ ବାକ୍ସରୁ ଅତି ଶକ୍ତିଶାଳୀ ଏକ୍ସ-ରେ ବିକିରଣ ବାହାରି ପାପୁଲି ଉପରେ ପଡ଼ିବ ଏବଂ ପାପୁଲିକୁ ଅତିକ୍ରମ କରି ଟେବୁଲ ତଳେ ଥିବା ଫଟୋ-ପ୍ଲେଟ୍‌କୁ ଛୁଇଁବ। ସେହି ପ୍ଲେଟ୍ ଉପରେ ସମ୍ବେଦନଶୀଳ ରାସାୟନିକ ପଦାର୍ଥର ପତଳା ଲେପ ଥାଏ। ପ୍ଲେଟ୍‌ର ଯେଉଁ ଅଞ୍ଚଳରେ ଏକ୍ସ-ରେ ପଡେ, ସେହି ଅଞ୍ଚଳରେ ରାସାୟନିକ ପଦାର୍ଥ ସହିତ ପ୍ରତିକ୍ରିୟା କରେ। ଫଳରେ ସେଇ ସ୍ଥାନରେ ଦାଗ ସୃଷ୍ଟି ହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାପୁଲିର ଚର୍ମ ଓ ମାଂସକୁ ଏକ୍ସ-ରେ ଭେଦ କରିପାରେ, କିନ୍ତୁ ହାଡ଼କୁ ଅତିକ୍ରମ କରିପାରେ ନାହିଁ। ତେଣୁ ପାପୁଲିର ହାଡ଼ ତଳେ ରହିଥିବା ଜାଗାରେ ଏକ୍ସ୍-ରେ ପହଞ୍ଚିପାରେ ନାହିଁ କି ପ୍ଲେଟ୍‌ର ସେହି ଅଞ୍ଚଳରେ ଦାଗ ପଡେ ନାହିଁ। ଏହିପରି ପ୍ଲେଟ୍ ଉପରେ ପୂରା ପାପୁଲିର ଛବି ନୁହେଁ, କେବଳ ପାପୁଲି-ହାଡ଼ର ଛବି ଆଙ୍କି ହୋଇଯାଏ। ସେହି ଛବିକୁ ପ୍ଲେଟ୍ ଭିତରେ ସ୍ଥାୟୀ ଭାବରେ ରଖିବା ପାଇଁ ଟେକ୍ନିସିଆନ୍ ପ୍ଲେଟ୍‌କୁ ନେଇ ଡାର୍କରୁମ୍ ଭିତରେ ପ୍ରୋସେସିଙ୍ଗ୍ କରନ୍ତି ଓ ତା' ପରେ ଭଙ୍ଗାହାଡ଼ର ଛବି ଥିବା ସେହି ଏକ୍ସ-ରେ ପ୍ଲେଟ୍‌କୁ ଆମକୁ ଦିଅନ୍ତି। ଏମିତି ଦେଖିଲେ ପ୍ଲେଟ୍ ପୂରା କଳା ଦିଶେ। କିନ୍ତୁ ଏହାକୁ ଆଲୋକ ସାମ୍ନାରେ ଧରି ଭିତରକୁ ଅନେଇଲେ ପାପୁଲି ଭିତରର ହାଡ଼କୁ ସ୍ପଷ୍ଟ ଦେଖିହୁଏ। ହାଡ ଭାଙ୍ଗିଥିଲେ, ସେହି ଛବିରୁ ଜଣା ପଡ଼େ। କହିବା ବାହୁଲ୍ୟ, ଯଦି 'ଏକ୍ସ-ରେ' ବିକିରଣ ଆମର ହାଡ଼ ଭିତର ଦେଇ ଗଳିଯାଇପାରନ୍ତା, ତେବେ ହାଡ଼ର ଛବି ଉଠିପାରନ୍ତା ନାହିଁ।

*-ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ*
*ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ*
*ଭଦ୍ରକ, ମୋ : ୯୪୩୯୫୦୧୬୫୧*

# ସ୍ୱାସ୍ଥ୍ୟ ସୂଚନା



- କେତେକ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯିବାକୁ ଆଗ୍ରହ ପ୍ରକାଶ କରିନଥାନ୍ତି। ହେଲେ ଏଭଳି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଆମେ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ସେ ସମ୍ପର୍କରେ ଡାକ୍ତର ଅବଗତ ହେବା ପରେ ହିଁ ତାହାର ଉପଯୁକ୍ତ ଚିକିତ୍ସା କରାଯାଇଥାଏ।
- ଯଦି ନିଜର ଦୈନନ୍ଦିନ ଜୀବନ ଶୈଳୀରେ ବ୍ୟାୟାମକୁ ସାମିଲ କରିବାକୁ ଚାହୁଁଛନ୍ତି ତେବେ ତା' ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିନିଅନ୍ତୁ। ଏହାବ୍ୟତୀତ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ପରେ ସେ ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେତିକି ଦିନ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ।
- ବୟସ ବୃଦ୍ଧି ସହ ଡାଇବେଟିସ୍, ବ୍ଲଡପ୍ରେସର ଚେକ୍ କରାଇ ନିଅନ୍ତୁ। ଯଦି ପୂର୍ବରୁ ଏହି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ ଏବଂ ବ୍ଲଡପ୍ରେସର କେତେ ରହିଛି ତାହା ମାପି ନିଅନ୍ତୁ।
- ବେଳେବେଳେ କେତେକ ଔଷଧ ଖାଇବା ସମୟରେ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ସେଥିରେ ଆଦୌ ଅବହେଳା କରନ୍ତୁ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୧/୨୦୨୦ | Bhubaneswar, Monday, September 21 / 2020




# ଅନ୍‌ଲାଇନ୍ ଚେସ୍‌ରେ ହରିକ୍ରିଷ୍ଣା ମିଳିତ ୭ମ

**ଚେନ୍ନାଇ, ୨୦।୯ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ସେଣ୍ଟ ଲୋଇସ୍ ରାପିଡ୍ ଆଣ୍ଡ୍ ବ୍ଲିଜ୍ ଅନଲାଇନ୍ ଚେସ୍ ଟୁର୍ନାମେଣ୍ଟରେ ମିଳିତ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ବ୍ଲିଜ୍-୨ରେ ଦୁର୍ବଳ ପ୍ରଦର୍ଶନ ଯୋଗୁ ସେ ୯ ରାଉଣ୍ଡରୁ ୩ ପଏଣ୍ଟ ଅର୍ଜନ କରିବାକୁ ସକ୍ଷମ ହୋଇଥିଲେ। ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍ ଏବଂ ଆମେରିକାର ୱେସ୍‌ଲେ ସୋ ମିଳିତ ବିଜେତା ହୋଇଥିଲେ। ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ହରିକ୍ରିଷ୍ଣା ଏକମାତ୍ର ବିଜୟ ସର୍ବନିମ୍ନ ରେଟିଂ ପ୍ରାପ୍ତ ଆମେରିକାର ଜେଫରି ଜିଅଙ୍ଗଙ୍କ ବିପକ୍ଷରେ ହାସଲ କରିଥିଲେ। ହେଲେ ସେ ୪ଟି ଗେମ୍‌ରେ ପରାଜିତ ହୋଇଥିବାବେଳେ ୩ଟି ଡ୍ର ରଖିଥିଲେ। ଫଳରେ ସେ ଜିଅଙ୍ଗଙ୍କ ସହ ମିଳିତ ୭ମ ସ୍ଥାନରେ ରହିଥିଲେ। ବ୍ଲିଜ୍-୧ରେ ଭାରତର ଏହି ୨ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାର୍ଲସେନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ମଧ୍ୟ ସେ ତାଙ୍କ ଫର୍ମ ବଜାୟ ରଖିବାରେ ସମର୍ଥ ହୋଇ ନ ଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ